Split by PDF Splitter



198

ଆଉ ପ୍ରବେଶ କରିବାର ବାଟ ନ ଥାଏ ଓ ଜନ୍ମ ସମୟରେ ବନ୍ଧୁଲୋକ ପ୍ରସୂତୀ ଓ ପିଲାକୁ ବେଢ଼ିରହି ଘରର ବାୟୁକୁ ଦୂଷିତ କରନ୍ତି ଏବଂ ଅଗ୍ନିର ଧୂଆଁରେ ଘର ପୂର୍ଣ୍ଣ ହୋଇ ଛିଡ଼ିର ବାୟୁ ସେବନର ବାଧା କରଇ। ସଦ୍ୟଜାତ ଶିଶୁର ଜୀବନ ରକ୍ଷାର ଏକମାତ୍ର ଅବଲମ୍ବନ ପରିଷ୍କାର ବାୟୁ ଅଟଇ ଓ ତାହା ଦୂଷିତ ହେଲେ କିପରି ଶିଶୁ ମରିପଡିବାରେ ଚିତ୍ର କି ଅଛି ? କିନ୍ତୁ ଅଧିକାଂଶ ଦେଶୀୟ ସଂବାଦପତ୍ର ଏ କାରଣକୁ ସ୍ୱୀକାର କରୁ ନାହାନ୍ତି ସେମାନେ ବୋଲନ୍ତି କି ଡାକ୍ତରସାହେବ ସୂତିକା ଘରର ଅବସ୍ଥା ଅତ୍ୟୁକ୍ତିରୂପେ ବର୍ଣ୍ଣନ କରି ଅଛନ୍ତି। ଯେହେତୁ ଏବେ ବାୟୁରୁଦ୍ଧ ଘର ସୂତିକାଗାର ହେଉ ନାହିଁ ଓ କେବଳ ଜନ୍ମ ସମୟ ଛଡ଼ା ଆଉ କେତେବେଳେ ସୂତିକାଘରେ ଜନତା ହୁଅଇ ନାହିଁ ଏବଂ କାଠ ପରିବର୍ତ୍ତରେ କୋଇଲା ବ୍ୟବହାର ହେଉଥିବାରୁ ଧୂଆଁ ମଧ୍ୟ ହୁଅଇ ନାହିଁ। ଏପରି ଡାକ୍ତରସାହେବ ଗତ କଥା ଯେତେ ପିଲା ମରିବାର ଲେଖି ଅଛନ୍ତି ତାହା ଠିକ ନୁହଇ ତେବେ ଯେ ଅଧିକ ପିଲା ମରନ୍ତି ଏଥିରେ ସନ୍ଦେହ ନାହିଁ ଓ ତହିଁର ପ୍ରଧାନ କାରଣ ବାଲ୍ୟବିବାହ ଅଟଇ। ଅପରିପକ୍ୱ ଅବସ୍ଥାରେ ଶିଶୁ ଜାତ ହେଲେ ସେ ଦୁର୍ବଳ ଓ କ୍ଷୀଣଜୀବ ହୁଅଇ ଏବଂ ଅଳ୍ପକାଳରେ ମରିଯାଏ। ବାଲ୍ୟବିବାହ ପ୍ରଥାଟି ଏକାବେଳକେ ରହିତ ହେଲେ କଦାଚ ବର୍ତ୍ତମାନ ପରି ଶିଶୁ ନଷ୍ଟ ହେବ ନାହିଁ ଅମ୍ଭେମାନେ ମଧ୍ୟ ଏରୂପ ବିବେଚନା କରୁଁ ଅଥଚ ସୂତିକାଘରର ଅବସ୍ଥା ଓ ଚିକିତ୍ସା ପ୍ରଣାଳୀରେ ଯେ ଅନେକ ଦୋଷ ଅଛି ଓ ତହିଁ ସକାଶେ ଦୁର୍ଘଟନା ହୁଅଇ ଏହା ଅମ୍ଭେମାନେ ଅସ୍ୱୀକାର କରି ପାରୁ ନାହୁଁ।

---

## ଲାଟବନ୍ଦୀ।

ଅମ୍ଭେମାନେ ତଳଲିଖିତ ପତ୍ରଖଣ୍ଡିକ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରଶସ୍ତରୂପେ ପ୍ରକାଶ କରୁଅଛୁଁ। ପତ୍ରପ୍ରେରକ ଯାହା ଲେଖିଅଛନ୍ତି ଆମ୍ଭମାନଙ୍କ ବିବେଚନାରେ ଅସଙ୍ଗତ ନୁହଇ। ବାସ୍ତବରେ ଲାଟବନ୍ଦୀ ନବମ୍ବରମାସରେ ହେବାରୁ ଚଷିଙ୍କର କ୍ଷତି ଓ ମହାଜନମାନଙ୍କର ଲାଭ ହୁଅଇ। ଯେବେ ଧାନକଟା ସମୟ ଟଳି ଗଲାଉତ୍ତାରୁ ଚଷିମାନେ ଧାନ ବିକି ଖଜଣା ଦିଅନ୍ତେ ତେବେ ମହାଜନମାନଙ୍କର ଇଚ୍ଛାନୁରୂପ ଭାଉରେ ଧାନ ଦେବାକୁ କେହି ବାଧ୍ୟ ହୁଅନ୍ତେ ନାହିଁ। କେଉଁ ବିବେଚନାରେ ନବମ୍ବର ଓ ଅପ୍ରେଲ ମାସରେ ଲାଟବନ୍ଦୀର ଦିନ ଧାର୍ଯ୍ୟ ହୋଇଅଛି ଅମ୍ଭେମାନେ କହି ନ ପାରୁଁ ମାତ୍ର ବର୍ତ୍ତମାନ ଦେଶର ଅବସ୍ଥା ଦେଖି ନିଶ୍ଚୟ ଜଣା ଯାଉଅଛି ଯେ ନବମ୍ବରମାସରୁ ମାର୍ଚ୍ଚମାସ ପର୍ଯ୍ୟନ୍ତ ଧାନ ଚାଉଳ ଅଧିକ ବିକ୍ରୟ ହୁଅଇ ଓ ବିଦେଶକୁ ଏହି କାଳରେ ଶସ୍ୟ ରପ୍ତାନୀ ହୁଅଇ। ଏଥିକୁ ବିକ୍ରୟର ସମୟ ଆରମ୍ଭ ନ ହେଉଣୁ ଖଜଣାର ତମ୍ବି ହେବାରେ ଚଷିମାନେ ବାଧ୍ୟ ହୋଇ ମହାଜନଙ୍କ ହାତରେ ପଡ଼ନ୍ତି। ଜାନୁଏରି ମାସରେ ଲାଟବନ୍ଦୀ ପଡ଼ୁଥିଲେ ସେମାନଙ୍କର ଏରୂପ ଦୁର୍ଦ୍ଦଶା ହୁଅନ୍ତା ନାହିଁ ଓ ଆପଣା ପରିଶ୍ରମର ଫଳ ସମ୍ପୂର୍ଣ୍ଣରୂପେ ସେମାନେ ଭୋଗ କରନ୍ତେ। ଏଥିପାଇଁ ଅମ୍ଭେମାନେ ସର୍ବସାଧାରଣଙ୍କଠାରେ ପ୍ରାର୍ଥନା କରୁଅଛୁଁ କି ଯେଉଁମାନେ ପ୍ରଜାଙ୍କର ହିତ ଓ ଉନ୍ନତିର ବାଞ୍ଛା କରନ୍ତି ସେମାନେ ଏବିଷୟ ଗବର୍ଣ୍ଣମେଣ୍ଟ ଓ ସ୍ଥାନୀୟ କର୍ମଚାରୀଙ୍କ ନିକଟରେ ବିଶେଷରୂପେ ଜଣାଇ ଦେଉନ୍ତୁ ଓ ଯେପରି ଲାଟବନ୍ଦୀ କିଛିଦିନ ଘୁଞ୍ଚିଯାଏ ତହିଁର ଯତ୍ନ କରନ୍ତୁ। ଶାରଧ ଫସଲ ଶେଷରେ ଏକ ଲାଟବନ୍ଦୀ ଓ ରବିଅଳ ସମୟରେ ଆଉ ଏକ ଲାଟବନ୍ଦୀ ହେଲେ ବୋଧ ହୁଅଇ ପ୍ରଜାଙ୍କର ଅନେକ ସୁବିଧା ହେବ ଅଥଚ ସରକାରଙ୍କ ପାଉଣାର କିଛି ମାତ୍ର କ୍ଷତି ହେବ ନାହିଁ। ପୂର୍ବେ ଶସ୍ୟର ମୂଲ୍ୟ ସାମାନ୍ୟ ଥିଲା ବୋଲି ଜମିଦାରମାନେ କ୍ଷେତରେ ଫସଲ ଥାଉଁ୨ ଖଜଣା ଆଦାୟର ଚେଷ୍ଟା କରୁଥିଲେ କିନ୍ତୁ ବର୍ତ୍ତମାନ ସେଅବସ୍ଥା ନାହିଁ ଏବେ ଚଷିମାନେ ଉତ୍ତମ ଲାଭ କରୁଅଛନ୍ତି ସୁତରାଂ ଖଜଣା ଦେବାକୁ ତାହାଙ୍କର କଷ୍ଟ ନାହିଁ କେବଳ ଅସମୟରେ ଦେବାକୁ ପଡ଼ିବାରୁ କ୍ଷତିଗ୍ରସ୍ତ ହେଉଅଛନ୍ତି।

ମହାଶୟ !

ଅମ୍ଭେ କାର୍ଯ୍ୟବଶତଃ ଝିଙ୍କଡ଼ ଓ ତିରଣ ପ୍ରଭୃତି ଭ୍ରମଣ କରୁଥିଲୁଁ ପଥମଧ୍ୟରେ କୌଣସି କୃଷକ ସଙ୍ଗେ କଥାବାର୍ତ୍ତା ହୋଇ ଯାଉଁ୨ ସେ ଅମ୍ଭକୁ ପଚାରିଲା "କହନ୍ତୁ ଭଲା ଲାଟବନ୍ଦକୁ ଯେବେ ସରକାର ଦୁଇଟା ମାସ ଘୁଞ୍ଚାଇ ଦିଅନ୍ତେ ତେବେ ତାଙ୍କର କଣ ନୋକସାନ ହୁଅନ୍ତା?" ଅମ୍ଭେ ଏଥିର କାରଣ ପ୍ରଶ୍ନ କରି ବୁଝିଲୁଁ ଯେ ଲାଟବନ୍ଦ ଖଜଣା ଆଦାୟ ପକ୍ଷରେ ଦୁଃଖି ପ୍ରଜାମାନେ ନିରୁପାୟ ହୋଇ ଚାଉଳ ମହାଜନଠାରୁ ରବି ଫସଲକୁ କବର କରି ଅର୍ଥାତ୍ ଏକମାସ ମିଆଦ କରି ଟଙ୍କା କରଜ କରି ଅଛନ୍ତି ଓ ସେ ଟଙ୍କା ନିମନ୍ତେ କେହି ଟ ୧୦ ଙ୍କାକୁ କଟକ ସେ ୩୦ ର କେହି ସେ ୩୫ ର କେହି ଅବା ବୁଦ୍ଧିମାନ୍ ଲୋକ ଧନୁମାସ ବିକ୍ରୀ ଉପରେ କଟକ ସେ ୫ ର ସହଣ ବସାଇ ଚାଉଳ ଦେବା ନିମନ୍ତେ ସରତ କରି ଅଛନ୍ତି। ଅପର ଲୋକମାନଙ୍କୁ ପଚାରି ବୁଝିଲୁଁ "ମହାଜନ ଥିଲାକୁ ମହତ ରଖିଲା ସେ କେତେବେଳେ ସିନା ଚାଉଳ ନେବ ଆଗତ ଗରଜ ମେଣ୍ଟାଇ ଦେଲା" ଏ ଲୋକମାନେ ମଧ୍ୟ ପୂର୍ବୋକ୍ତ ରୂପେ ସରତ କରି ଟଙ୍କା କରଜ କରି ଅଛନ୍ତି ଏଥିକୁ ବର୍ତ୍ତମାନ ଚାଉଳ ଭାଉ ମଫସଲରେ ଟ୧୦ଙ୍କାକୁ କଟକ ସେ୨୦ର ବିବେଚନା କଲେ ତେବେ ଲାଟବନ୍ଧ ଖଜଣା ଯୋଗୁଁ ଦୁଃଖି ପ୍ରଜାଙ୍କୁ ଫିଟଙ୍କାରେ ମାସକୁ ଟ୦୵ ଠାରୁ ଟ୦୶ ପର୍ଯ୍ୟନ୍ତ ସୁଧ ଦେବାକୁ ପଡ଼ିଲା, ଯିହୁଦି ଜାତିଙ୍କର ବ୍ୟବହାରତ ଏହା ପକ୍ଷରେ ଭଲଥିଲା ତେବେ ସେମାନଙ୍କ ବ୍ୟବସାୟକୁ କାହିଁକି ଘୃଣା କରାଯାଏ, ବର୍ତ୍ତମାନ ଯେଉଁ ସମୟରେ ଲାଟବନ୍ଧର ପ୍ରଥା ଚଳୁଅଛି ସେ କେବଳ ଦୁଃଖି ପ୍ରଜାଙ୍କ ବୋଝ ଉପରେ ଲଳ-ତାବିଜା ରଖିବା ହେଉଅଛି ମା ୨ ସ ଘୁଞ୍ଚାଇ ଦେଲେ କି ଭଲ ହୁଅନ୍ତା ନାହିଁ ?

ଆପଣଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ଯେବେ ଏପତ୍ର ଖଣ୍ଡିକ ଆପଣଙ୍କ ମନୋନୀତ ହେବ ତେବେ ଆପଣଙ୍କ ପତ୍ରସ୍ଥ କରି ବାଧିତ କରିବେ। ଇତି।

୧୭।୧୧।୭୬ } ବଶମ୍ବଦ<br>
ଜଗତସିଂହପୁର } କେହି ପ୍ରଜାହିତୈଷୀ।

---

## ସାପ୍ତାହିକସଂବାଦ।

ଆମ୍ଭମାନଙ୍କ କମିଶନର ଶ୍ରୀଯୁକ୍ତ ରେଭନସା ସାହେବ ଗତ ମଙ୍ଗଳବାର ଏ ନଗରକୁ କୁଶଳରେ ଫେରିଆସି ବୁଧବାରଠାରୁ କଚେରୀ କରୁଅଛନ୍ତି।

ଅମ୍ଭେମାନେ ଶ୍ରୀଯୁକ୍ତ ଟଇନବୀ ସାହେବଙ୍କୁ ବିଲାତର ଫେରିତା ଏ ନଗରରେ ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ। ମାତ୍ର ସେ କୌଣସି ଉଚ୍ଚକର୍ମ ନେଇ ଆସିଥିଲେ ଆମ୍ଭମାନଙ୍କର ଯଥୋଚିତ ସୁଖ ହୁଅନ୍ତା। ସମ୍ପ୍ରତି ସେ ଜଏଣ୍ଟମାଜିଷ୍ଟ୍ରେଟ ପଦରେ ରହିବେ ବୋଲି ଶୁଣାଯାଏ।

ଗତ ମଙ୍ଗଳବାର ଏ ନଗର ଗୋପାଳଘିଉ

Digitized by srujanika@gmail.com

Split by PDF Splitter



ମଠର ମହନ୍ତ ବଡ଼ ହଟହଟାରେ ପଡ଼ିଥିଲେ । ଦେବାନିଅଦାଲତରେ ତାହାଙ୍କ ପଦଚ୍ୟୁତ କରିବାର ନମ୍ବର ମୋକଦ୍ଦମା ଚଳୁଥିଲା ଏମନ୍ତ ସମୟରେ ଫୌଜଦାରୀଅଦାଲତର ଏକ ଡିକ୍ରୀଦାୟରେ ସେ ଗିରପ୍ତାର ହୋଇ ଆସିଲେ ଓ ତାହାଙ୍କୁ ଦେଖିବା ପାଇଁ ଅନେକଲୋକ ଗୁଣ୍ଡ ହେଲେ । ମହନ୍ତ ଜାମିନ ଇତ୍ୟାଦିରେ ଖଲାସ ପାଇଅଛନ୍ତି । କଥିତ ହୁଅଇ ଯେ ତାହାଙ୍କ ଘରଭିତରୁ ଧରିଆଣିବା କାଳରେ ମାଡ଼ପିଟ ଇତ୍ୟାଦ ହୋଇଥିଲା ଓ ତହିଁପାଇଁ ଫଉଜଦାରୀରେ ମୋକଦ୍ଦମା ହେବା ହୋଇଅଛି ।

ଏଠା କଲେକ୍ଟରୀ ମହାଫିଜ ଗତ ମଙ୍ଗଳବାର ରାତ୍ରିରେ ଇହଲୋକରୁ ବିଦାୟ ହେଲେ ଏହାଙ୍କର ବୟସ ଅଧିକ ହୋଇ ନ ଥିଲା । ଅଦ୍ୟାପି କେହି ଏ କର୍ମରେ ନିଯୁକ୍ତ ହୋଇ ନାହାନ୍ତି ।

ନୂତନ ମ୍ୟୁନିସିପଲ ଆଇନ ( ସନ ୧୮୭୬ ସାଲର ୫ ଆଇନ ) ଓଡ଼ିଆରେ ଛପା ହୋଇ ଗତମାସ ତା ୨୭ ରିଖର ଓଡ଼ିଆ ଗଜେଟ ସଙ୍ଗେ ଗତ ସପ୍ତାହରେ ପ୍ରଚରିତ ହୋଇଅଛି । ନଗରବାସିମାନେ ଏଥର ଆଇନକୁ ଭଲରୂପେ ପଢ଼ି ଆପଣା୨ ରକ୍ଷି ଗଣନ୍ତୁ । କଟକ ମ୍ୟୁନିସିପାଲଟି ପ୍ରଥମ ଶ୍ରେଣୀ ହେବାର ପ୍ରସ୍ତାବଟି କସ ହେଲା ?

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ବିଧାନ କରିଅଛନ୍ତି କି ସରକାରୀ କର୍ମକାରକମାନେ ଏକଯୋଗ ହୋଇ ଗବର୍ଣ୍ଣମେଣ୍ଟକୁ କୌଣସି ଆବେଦନପତ୍ର ପଠାଇବେ ନାହିଁ । ଯାହାର ଆବେଦନ କରିବାକୁ ଆବଶ୍ୟକ ହେବ ସେ ତାହା ଏକା କରିବ ଓ ଛପା ଦରଖାସ୍ତ ଗବର୍ଣ୍ଣମେଣ୍ଟରେ ଗୃହୀତ ହେବ ନାହିଁ । ଭାରତବର୍ଷର ସମସ୍ତ ସମ୍ବାଦପତ୍ର ଏକ ମତ ହୋଇ ଗବର୍ଣ୍ଣମେଣ୍ଟର ଏ ବିଧିକୁ ନିନ୍ଦା କରିଅଛନ୍ତି ବାସ୍ତବରେ ଏହା ସ୍ୱାଧୀନତାର ବିରୁଦ୍ଧ ଅଟଇ ।

ଦିଲ୍ଲୀର ମହାସଭା ସମ୍ପର୍କରେ ବାଣବାଜି ପ୍ରସ୍ତୁତ କରିବାଲାଗି ଜଣେ ବିଖ୍ୟାତ ଇଂରାଜ କାରିଗର କଣ୍ଟ୍ରାକ୍ଟ ନେଇଅଛନ୍ତି । କଥିତ ହୁଅଇ ଯେ ଉକ୍ତ ଆତସବାଣ ସମସ୍ତ ନିର୍ମାଣ କରିବାରେ ଟ ୪୦୦୦୦୧ କା ବ୍ୟୟ ହେବ ।

ବିଦ୍ୟୋତ ହର୍କ୍ୟୁଲିସାହେବ ଲବଣ ଓ ଶିକ୍ଷା ବିଭାଗର କାର୍ଯ୍ୟରେ ଅତ୍ୟନ୍ତ ମନୋଯୋଗ ଦେଇ ଥିଲେ ହୋଇ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ତାହାଙ୍କୁ ଧନ୍ୟବାଦ ଦେଇ ଅଛନ୍ତି । ବଙ୍ଗଳା ଗବର୍ଣ୍ଣମେଣ୍ଟରେ ପାଞ୍ଚ ପୁଣ୍ୟର ହେସାବ କିରୂପେ ହୁଅଇ ଜଣାଯାଉ ନାହିଁ ।

ଶୁଣିଲୁଁ ଯେ ନବୀନ ଗଲାସ ହୋଇ କଲିକତାରୁ ଆସି ଖଣ୍ଡେ ଭେଦାବହି ନେଇ ବୁଲୁଅଛି ଲୋକମାନେ ଏକଥା ପୂର୍ବରୁ ଜାଣିଥିଲେ ତାହାର ଗଲାସ ନିକାଶେ ପ୍ରାର୍ଥନା କରି ନ ଥାନ୍ତେ । ବାସ୍ତବରେ ନବୀନର ଏ କାର୍ଯ୍ୟଟି ଭଲ ହୋଇ ନାହିଁ ।

## ବିଜ୍ଞାପନ ।

ଭବିଷ୍ୟତରେ ଛାତ୍ରମାନେ କଟକ ନର୍ମାଲ ସ୍କୁଲର ପଣ୍ଡିତ ବିଭାଗରେ ନିମ୍ନ ଲିଖିତ ନିୟମାନୁସାରେ ଭର୍ତ୍ତି ହେବେ ।

୧ । ୧୫ କମ୍ମା ତତୋଧିକ ବର୍ଷ ବୟସ୍କ ଛାତ୍ରମାନେ ଭର୍ଣ୍ଣାକୁଲର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ, ଅନ୍ୟ କୌଣସି ପରୀକ୍ଷା ବ୍ୟତିରେକେ ଭର୍ତ୍ତି ହେବାକୁ ପାରିବେ ।

୨ । ପ୍ରଥମ ନିୟମାନୁସାରେ ଯଥେଷ୍ଟ ଛାତ୍ରସଂଖ୍ୟା ନ ହେଲେ ଡାଇରେକ୍ଟର ଅବ୍ ପବ୍ଲିକ୍ ଇନ୍‌ଷ୍ଟ୍ରକ୍‌ସନ୍ ଏବଂ ସର୍କଲ ଇନ୍‌ସ୍ପେକ୍ଟରଙ୍କ ଅଧୀନସ୍ଥ ନର୍ମାଲ ସ୍କୁଲର ପ୍ରଧାନ ଶିକ୍ଷକ ଏକ ସାଧାରଣ ବିଜ୍ଞାପନଦ୍ୱାରା ପ୍ରବେଶାର୍ଥୀ ଛାତ୍ରମାନଙ୍କୁ ଆହ୍ୱାନ କରି ଭର୍ଣ୍ଣାକୁଲର ପରୀକ୍ଷାସମ ପରୀକ୍ଷାଧୀନ କରି ପାରିବେ ।

୩ । ଦ୍ୱିତୀୟ ନିୟମୋକ୍ତ ପରୀକ୍ଷା, ଭର୍ଣ୍ଣାକୁଲର ପରୀକ୍ଷାର ଫଳ ଜଣାଯିବାର ଅତି ଅବିଳମ୍ବେ ହେବାର ଉଚିତ ଯଦ୍ଦ୍ୱାରା ନର୍ମାଲ ସ୍କୁଲମାନଙ୍କର ଉପକାର ହେବ, ଏବଂ ଏହି ପରୀକ୍ଷା ପ୍ରତ୍ୟେକ ବର୍ଷ ଫେବୃଏରୀମାସ ତା ୧ ରିଖ କମ୍ମା ତତ୍ ପୂର୍ବରୁ ହେବ ଆଉ ସ୍କୁଲର ବାର୍ଷିକ ସାଧାରଣ ପରୀକ୍ଷା ପ୍ରତିବର୍ଷ ଡିସେମ୍ବର ମାସରେ ହେବ ।

୪ । ନର୍ମାଲ ସ୍କୁଲର ନିର୍ଦ୍ଧାରିତ ସଂଖ୍ୟକ ବୃତ୍ତି ଡିସେମ୍ବର ମାସ ବାର୍ଷିକ ପରୀକ୍ଷୋତ୍ତୀର୍ଣ୍ଣ ଉତ୍କୃଷ୍ଟ ଛାତ୍ରମାନଙ୍କୁ ଦିଆଯିବ, ଏ ବୃତ୍ତି ମାସିକ ଟ ୩ ଙ୍କା ଲେଖାଏଁ ହେବ । ତତ୍ ପରବର୍ଷ କୌଣସି୨ ବୃତ୍ତିଗ୍ରାହୀ ବାଳକ ପରୀକ୍ଷାରେ ଉତ୍କୃଷ୍ଟ ହେଲେ ତାହାର ବୃତ୍ତି ଟ ୪ ଙ୍କା ଲେଖାଏଁ ହୋଇପାରିବ । ବିନା ବୃତ୍ତିରେ ନର୍ମାଲ ସ୍କୁଲରେ ଅନ୍ତତଃ ପକ୍ଷେ ଏକବର୍ଷକାଳ ଅଧ୍ୟୟନ କରି ନ ଥିଲେ କାହାରିକୁ ବୃତ୍ତି ଦିଆଯିବ ନାହିଁ ।

୫ । ସର୍କଲ ଇନ୍‌ସ୍ପେକ୍ଟରଙ୍କ ଅନୁମତ୍ୟନୁସାରେ କୌଣସି ବୃତ୍ତିଭୋଗୀ ବାଳକର ମନାଚରଣ ହେତୁ କମ୍ମା ପଠନୋନ୍ନତି ଅଭାବରୁ ବୃତ୍ତି କର୍ତ୍ତନ ବା ରହିତ କରାଯିବ ।

୬ । କୌଣସି ବୃତ୍ତିଭୋଗୀ ବାଳକ ଅନୁପସ୍ଥିତ ହେଲେ ଶିକ୍ଷାବିଭାଗର ନିୟମ ଓ ବ୍ୟବହାରାନୁଯାୟୀ ତାହାର ବୃତ୍ତି କର୍ତ୍ତନ ହେବ ।

୭ । କଟକ ନର୍ମାଲ ସ୍କୁଲ ନିମନ୍ତେ ମାସିକ ଟ ୧୦୦ ଙ୍କା ବୃତ୍ତି ଦିଆଯାଇଅଛି ।

୮ । ଉପରୋକ୍ତ ନିୟମାନୁସାରେ ସମସ୍ତ ବୃତ୍ତି ଏକ ନର୍ମାଲ ସ୍କୁଲରେ ଗୃହୀତ ହୋଇ ନ ଥିଲେ ଡାଇରେକ୍ଟର ଅବ୍ ପବ୍ଲିକ୍ ଇନ୍‌ଷ୍ଟ୍ରକସନ୍‌ଙ୍କ ମଞ୍ଜୁରୀରେ ଅନ୍ୟ ନର୍ମାଲ ସ୍କୁଲକୁ ପରିବର୍ତ୍ତନ ହୋଇ ପାରିବ ।

୯ । କୌଣସି ବୃତ୍ତିଭୋଗୀ ବାଳକ ଏକ ନର୍ମାଲ ସ୍କୁଲରୁ ଅନ୍ୟ ନର୍ମାଲସ୍କୁଲକୁ ତାହାର ବୃତ୍ତି ବଦଳାଇ ନେବାକୁ ଦରଖାସ୍ତ କଲେ ଡାଇରେକ୍ଟର ଅବ୍ ପବ୍ଲିକ୍ ଇନ୍‌ଷ୍ଟ୍ରକ୍‌ସନ୍ ମଞ୍ଜୁରୀରେ ପରିବର୍ତ୍ତନ କରାଇ ଦେଇ ପାରିବ । ଏରୂପ ପରିବର୍ତ୍ତନ ପୀଡ଼ା କମ୍ମା ଆତ୍ମୀୟ ଲୋକ ସ୍ଥାନାନ୍ତର ଇତ୍ୟାଦ ବିଶେଷ କାରଣ ଥିଲେ ମଞ୍ଜୁର ହେବ ନ ହେଲେ ହେବ ନାହିଁ ।

୧୦ । ଯେଉଁ ଛାତ୍ରମାନେ ନର୍ମାଲ ସ୍କୁଲରେ ବୃତ୍ତିଭୋଗୀ ସ୍ୱରୂପ ଭର୍ତ୍ତି ହୋଇ ନ ଥିବେ ସେମାନେ ବାର୍ଷିକ ପରୀକ୍ଷାରେ ଉତ୍କୃଷ୍ଟ ହେଲେ ବୃତ୍ତି ପାଇ ପାରିବେ ଭର୍ଣ୍ଣାକୁଲର ଛାତ୍ରବୃତ୍ତିଭୋଗୀ ଛାତ୍ରମାନେ ବାର୍ଷିକ ପରୀକ୍ଷାରେ ଉତ୍ତମ ବୃତ୍ତି ପାଇ ପାରିବେ ।

୧୧ । ବୃତ୍ତିଭୋଗୀ ଛାତ୍ରମାନେ ବେତନ ଦେବେ ନାହିଁ କିନ୍ତୁ ଅନ୍ୟାନ୍ୟ ଛାତ୍ରମାନେ ଟ° । ଲେଖାଏଁ ବେତନ ଦେବେ ।

୧୨ । ଯେଉଁମାନେ ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଅଥବା ଏବର୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଆଶା ରଖନ୍ତି ସେମାନଙ୍କ ମଧ୍ୟରୁ ଯେଉଁମାନେ ନର୍ମାଲ ସ୍କୁଲରେ ପଢ଼ିବାକୁ ଚାହାନ୍ତି, ସେମାନେ ଡିସେମ୍ବର ମାସ ତା ୧୫ ରିଖ କମ୍ମା ତହିଁ ପରେ କଟକ ନର୍ମାଲ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ନିକଟକୁ ଦରଖାସ୍ତ ପଠାଇବେ ।

Cuttack, The 7th Novr. 1876. } N. K. Dass. Joint Inspector of schools Orissa Circle.

ଏହି ଉତ୍କଳଦୀପିକା ସହରକଟକ ଦଗାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚରିତ ହେଲା

Digitized by srujanika@gmail.com

Split by PDF Splitter



ଉତ୍କଳଦୀପିକା ତା ୨୫ ରଖ ମାହେ ନବମ୍ବର ସନ ୧୮୭୭ ମସିହା ।

ଗତ ପ୍ରକାଶିତ ୪୫ ସଂଖ୍ୟା ଉତ୍ତରୁ ।

## ପ୍ରେରିତ ପତ୍ର ।

ଏହିରୂପେ ନା ତାହାର ନିଜ ଇଚ୍ଛାନୁରୂପ ଶିକ୍ଷା ହେଲା; ନା ତାହାର ପିତାର ଇଚ୍ଛାନୁରୂପ ଶିକ୍ଷା ହେଲା । ପରିଶେଷର ଅନୈକ୍ୟ ମତରେ ଓ ଅସୁଖରେ ଯେତେବେଳେ ବାଲ୍ୟାବସ୍ଥା ଯାଇ ଯୌବନ ପ୍ରବେଶ ହେଲା, ତେତେବେଳେ ପିତା ହୁଏ ଜରାଜୀର୍ଣ୍ଣତନୁରେ ଅବସ୍ଥାନ ନକରୁ ଏକାବେଳକେ ଶମନପୁର ଗମନ କଲେ ତେତେବେଳେ "ଜଣେ ପାଇଲେ ଦଶଜଣଙ୍କୁ ପୋଷେ" ଦେଶର ପ୍ରଚଳିତ ଏହି ଭୟାନକ ନିୟମ ଅନୁସାରେ ସେ ନବସଂସାରୀ ପିତୃସ୍ଥାପିତ ଗୋଟିଏ ବୃହତ୍ ପରିବାର ପ୍ରାପ୍ତ ହେଲା; ମାତ୍ର ତହିଁର ଭରଣପୋଷଣର ଭାର ବହନ କରିବାକୁ ତାହାର ସାମର୍ଥ୍ୟ ନାହିଁ । ଇଚ୍ଛା ନ ଥିବାରୁ ଅମଲାଗିରି ସକାଶେ ଉପଯୁକ୍ତ ହୋଇ ନାହିଁ; ପିତାଙ୍କ ଅନିଚ୍ଛାରୁ ଇଚ୍ଛିତ ବ୍ୟବସାୟ ଶିକ୍ଷା କରି ପାରି ନାହିଁ, ଏହିରୂପେ ସେ ଯୁବକ ଦୁର୍ଗତିଗ୍ରସ୍ତ ଶୀର୍ଣ୍ଣକାୟ ଓ ନିତାନ୍ତ ନିରୁତ୍ସାହ ହୋଇ ପଡ଼ିଲା; କି କରିବ, କି ଉପାୟରେ ପରିବାର ପ୍ରତିପାଳନ କରିବ, ଶେଷରେ ଅପେକ୍ଷାକୃତ ସହଜ ଅବସ୍ଥାପନ କୌଣସି ଅଜ୍ଞଜନର ଗଳଗ୍ରହ ହେଲା ଅଥବା ଭିକ୍ଷା, ଚୋରୀ, ମିଥ୍ୟାସାକ୍ଷ୍ୟ ଇତ୍ୟାଦି ଜଘନ୍ୟ ବୃତ୍ତି ଆଚରି ଦିନାନ୍ତେ ସୁଦ୍ଧା ଉଦରପୂର୍ତ୍ତି କରିବାକୁ ସକ୍ଷମ ନୋହିଲା । ଏମନ୍ତ ଅବସ୍ଥାରେ ତାହାର ଯେ ସନ୍ତାନାଦି ହେଲେ ସୁତରାଂ ସେମାନେ ମଧ୍ୟ ନିସ୍ତେଜ ଦୁର୍ବଳ ଓ କ୍ରମେ ଅଧିକ ନୀଚାବସ୍ଥ ହେଲେ । କାଳକ୍ରମେ ସେମାନଙ୍କର ସନ୍ତାନମାନେ ଏହିପରି ଗୃହର ଅଧିକାରୀ ହୋଇ ଚାଲିଲେ । ଏହିରୂପେ ଗୋଟିଏ ସମ୍ଭ୍ରାନ୍ତ ବଂଶର ମାନ ମହତ୍ତ୍ୱସବୁ ଲୋପ ହେଲା । ମାତ୍ର ସେହି ଯୁବକକୁ ଯଦି ତାହାର ପିତା ଇଚ୍ଛାନୁରୂପ ବ୍ୟବସାୟ ଶିକ୍ଷା କରିବାକୁ ଦେଇଥାନ୍ତେ, ନ ଜାଣି ସଂସାରରେ ତାହାର କେତେ ସୁଖ ହୋଇଥାନ୍ତା, ହୁଏତ ସେ ଉକ୍ତ ବ୍ୟବସାୟରେ ପିତାଙ୍କଠାରୁ ଅଧିକ ଉପାର୍ଜ୍ଜନ କରିପାରନ୍ତା; ତାହାର ପରିବାରମାନେ ଅଧିକ ସୁଖରେ ରହି ପାରନ୍ତେ; ତାହାର ସନ୍ତାନମାନେ ଭିକ୍ଷୋପଯୋଗୀ ସମସ୍ତ ଅଭାବ ଉଲ୍ଲଙ୍ଘନ କରି ହୁଏତ ଜଣେ ଜଣେ ଶିକ୍ଷିତ ଓ ବିଖ୍ୟାତ ହୋଇ ପଡ଼ନ୍ତେ; ଏବଂ ହୁଏତ ସେ ନିଜେ ସ୍ୱୀୟ ବ୍ୟବସାୟରେ ପ୍ରତିଷ୍ଠାଲାଭ କରି କୌଣସି ପ୍ରକାର ଅଜ୍ଞାତ ଓ ଅଚିନ୍ତ୍ୟ ପୂର୍ବ ଉପାୟର ଉଦ୍ଭାବନଦ୍ୱାରା ଶିଳ୍ପ ସଂସାରରେ ଏକ ମହୋନ୍ନତି ସାଧନ କରି ପାରିଥାନ୍ତା; ମାତ୍ର ଏସବୁ ପଥରେ ତାହାଙ୍କର ପିତା କଣ୍ଟା ଦେଇଗଲେ ।

ଏଦେଶୀୟ ସର୍ବପ୍ରକାର ସମ୍ପ୍ରଦାୟ ମଧ୍ୟରେ ଏପରି ଭୂରି ଦୃଷ୍ଟାନ୍ତ ମିଳଇ ଯେ ବାସନାନୁଯାୟୀ ବ୍ୟବସା ଶିକ୍ଷା ଅଭାବରୁ ଲୋକେ ରୁଗ୍ଣଶରୀର ଓ ଭଗ୍ନମନ ହୋଇ ସଂସାର ନିର୍ବାହରେ ନିତାନ୍ତ ଅପଟୁ ହୋଇଉଠନ୍ତି । ମନୁଷ୍ୟ ଆପଣା ଶରୀର ଓ ମନ ପରିଚାଳନ କରି ସଂସାର ଯାତ୍ରା ନିର୍ବାହ କରିବ; ଏହା ଈଶ୍ୱରଙ୍କ ସୃଷ୍ଟିର ଗୋଟିଏ ସାରତତ୍ତ୍ୱ । ସେ ଆମ୍ଭମାନଙ୍କୁ ସଦସତ୍ ଯେଉଁ ସମସ୍ତ ବୃତ୍ତି ପ୍ରଦାନ କରିଅଛନ୍ତି ସେ ସବୁକୁ ନ୍ୟାୟପରତାର ଅଧୀନ କରି ଶରୀର ଓ ମନ ସାହାଯ୍ୟରେ ଏହି ବିସ୍ତୀର୍ଣ୍ଣ ଭୂ-କ୍ଷେତ୍ରରୁ ଆମ୍ଭମାନଙ୍କ ଆହାର ପାନ ଓ ବାସ ବସନ ପ୍ରଭୃତି ଯାହା କିଛି ପ୍ରୟୋଜନ ତାହା ଅନାୟାସେ ପ୍ରାପ୍ତ ହୋଇପାରୁଁ । ଯେଉଁ ଉପାୟ ଅବଲମ୍ବନ କରି ଆପଣାର ଅନ୍ନ ବସ୍ତ୍ରର ସଂସ୍ଥାନ କରାଯାଏ, ତାହାର ନାମ ବ୍ୟବସାୟ । ଅତଏବ ପରପୀଡ଼ନ ବିନା ସ୍ୱାଧୀନ ଓ ନ୍ୟାଯ୍ୟ ଭାବରେ ଯେ କୌଣସି ବ୍ୟବସାୟ ଗ୍ରହଣ କରାଯାଏ ତାହା କଦାପି ନିନ୍ଦନୀୟ ହୋଇ ନ ପାରେ । ଜାତି ସହିତ ବ୍ୟବସାୟର କିଛି ସମ୍ବନ୍ଧ ନାହିଁ । ଜଣେ ବ୍ରାହ୍ମଣ ଯଦ୍ୟପି ବସ୍ତ୍ର ବୟନ ବ୍ୟବସା କରେ ତାହା ହେଲେ ତାହାକୁ କିଛି ତନ୍ତବାୟ ଘରେ ଅନ୍ନ ଗ୍ରହଣ କରିବାକୁ ହେବ ନାହିଁ; ଅଥବା ଜଣେ କରଣ ଚର୍ମକାରର କାର୍ଯ୍ୟ କଲେ ତାହାକୁ କେହି ଚର୍ମକାର କନ୍ୟାର ପାଣିଗ୍ରହଣ କରିବାକୁ ଅନୁରୋଧ କରିବ ନାହିଁ । ଏ ଉଭୟ କେବଳ ଜୀବିକା ମାତ୍ର । ଏଥିସଙ୍ଗେ ଜାତି, କୁଳ ଧର୍ମ ପ୍ରଭୃତିର କିଛି ମାତ୍ର ସମ୍ପର୍କ ନାହିଁ । ବିଶେଷତଃ ଆଜକାଲି ଏହି ଉନବିଂଶ ଶତାବ୍ଦିର ପ୍ରାନ୍ତରେ, ଜାତିମର୍ଯ୍ୟାଦା, କୁଳମର୍ଯ୍ୟାଦା ଅଥବା ଧର୍ମମର୍ଯ୍ୟାଦା କେବଳ ଅର୍ଥଗତ ଓ ବିଦ୍ୟାଗତ । "ବିଦ୍ୟୟା ବପୁଷାବାଚା, ବସ୍ତ୍ରେଣ ବିଭବେନଚ । ବକାର ପଞ୍ଚଭିର୍ଯୁକ୍ତୋ, ନର ପ୍ରାପ୍ନୋତି ଗୌରବ ।" ବିଦ୍ୟା ବପୁ; ବଚନଶକ୍ତି ବସ୍ତ୍ର ଓ ବିଭବ ଏମାନେ ଯାହାଠାରେ ଅଛନ୍ତି ସେହି ଲୋକ ଆଦରଣୀୟ ଅଟେ ବାସ୍ତବ ଈଶ୍ୱରାନୁମୋଦିତ କୌଣସି ପ୍ରକାର ଦୋଷଶୂନ୍ୟ ବ୍ୟବସାୟ ଓ ଶିକ୍ଷାକୁ ନୀଚ ସମ୍ମାନ ଓ ଜାତିଃପାତର କାରଣ ମନେକରିବା ନିତାନ୍ତ ଭ୍ରାନ୍ତିର କର୍ମ । ଯେଉଁ ଜାତିରେ ବା ଯେଉଁ ଦେଶରେ ଏପରି ଭ୍ରାନ୍ତିମୂଳକ ଅନ୍ୟାୟ ବିବେଚନା ଅଛି ସେ ଦେଶରେ ବା ସେ ସମ୍ପ୍ରଦାୟ ମଧ୍ୟରେ କୌଣସି କାଳେହେଁ ପ୍ରକୃତ ସଭ୍ୟତାସୂର୍ଯ୍ୟ ଉଦିତ ହେବ ନାହିଁ; ନିର୍ମଳ ସୁଖରଶ୍ମି ପତିତ ହେବ ନାହିଁ, ସୁତରାଂ ଯଥାର୍ଥ ଅଭ୍ୟନ୍ତରିକ ପୁଷ୍ଟତା ବୃଦ୍ଧି ପାଇବ ନାହିଁ । ଆଧୁନିକ ସଭ୍ୟତମ ରାଜ୍ୟର ଇତିବୃତ୍ତ ପାଠ କଲେ ଏଥିର ପ୍ରତ୍ୟକ୍ଷ ପ୍ରମାଣ ଅନେକ ପ୍ରାପ୍ତ ହୁଅଇ । ସେ ବିଷୟରେ ଲେଖିବାକୁ ଗଲେ ପ୍ରବନ୍ଧ ଦୀର୍ଘ ହୋଇଯିବ । ଯେ ମହାତ୍ମା ଲଙ୍ଗଳ ପରିତ୍ୟାଗ କରି ରୋମର ଡିକ୍‌ଟେଟର୍ ଆସନ ଗ୍ରହଣ କରିଥିଲେ ପାଠକେ ତାହାଙ୍କ ବିବରଣ ସ୍ମରଣ କରନ୍ତୁ । ଅତଏବ ହେ ଉତ୍କଳବାସି ପିତାମାନେ ! ଯଦି ଆପଣମାନେ ଆପଣା ସନ୍ତାନମାନଙ୍କର ଶୁଭକାମନା କରନ୍ତି; ଯଦି ସେମାନଙ୍କୁ ନିଜପରି ସଂସାରୀ କରିବାକୁ ଇଚ୍ଛାକରନ୍ତି ଓ ଯଦି ସର୍ବପ୍ରକାରରେ ସେମାନଙ୍କର ସୁଖସମୃଦ୍ଧି ବୃଦ୍ଧି କରିବାକୁ ବାସନା କରନ୍ତି ତେବେ ଉଭୟ ପକ୍ଷର ଯତ୍ନରେ ଯେତେଦୂର ବିଦ୍ୟା ଶିକ୍ଷା ହେବାର ସମ୍ଭବ ତାହା ହେଲା ଉତ୍ତାରେ ସେମାନଙ୍କୁ ପୃଥିବୀ କ୍ଷେତ୍ର ଉପକ୍ରମର ନାନାବିଧ ପ୍ରଚଳିତ ବ୍ୟବସାୟର ମାର୍ଗ ଦେଖାଉନ୍ତୁ; ସେମାନେ ନିଜ ଶାରୀରିକ ଓ ମାନସିକ ଧର୍ମ ସଙ୍ଗେ ଉପଯୋଗୀ କରି ନିଜ ବିବେଚନାରେ ଧନ ଅର୍ଜ୍ଜନର ଉପାୟ କୌଣସି ବ୍ୟବସାୟ ମନୋନୀତ କରିନେବେ । କେବଳ ତାହା କେଉଁ ସ୍ଥଳରେ ନ୍ୟାୟପଥ ଉଲ୍ଲଙ୍ଘନ କରୁଅଛି ଏହାହିଁ ଆପଣମାନଙ୍କୁ ଦେଖିବାକୁ ହେବ । ତାହା ନ କରି "ଆମ୍ଭେମାନେ ଏହିପରି ମାରିଗଲୁଁ, ସେମାନଙ୍କ କପାଳ ସେମାନେ ଭୁଞ୍ଜିବେ" ଏହି ଅନ୍ତଃସାରଶୂନ୍ୟ ପ୍ରବୋଧବାକ୍ୟ କହି ସେମାନଙ୍କ ମସ୍ତକର ବିନାଶ ସାଧନ ନ କରନ୍ତୁ; ଏତିକି ମାତ୍ର ମୋର ପ୍ରାର୍ଥନା ଇତି ।

ବଶମ୍ବଦ
ଜଣେ ଉତ୍କଳ ସନ୍ତାନ
ବାଲେଶ୍ୱର } ୧୦ । ୧୦ । ୭୭

☞ ମୂଳପତ୍ର ଦେଖ

Digitized by srujanika@gmail.com

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୧ଶ
ସ ୪୮ ଖ୍ୟା

ତା ୨ ରିଖ ଡିସେମ୍ବର ସନ ୧୮୭୭ ମସିହା । ମୂ । ମାର୍ଗଶିର ଦି ୧୯ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୫୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୬୲
ମଫସଲପାଇଁ ଡାକମାସୁଲ ଟ୧୷

ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ସେଠାର ଖଜଣାଖାନାରେ ନୋଟ ପରିବର୍ତ୍ତରେ ଟଙ୍କା ମିଳୁ ନାହିଁ । ଖଜଣାଖାନାର ଭାରପ୍ରାପ୍ତ ଡେପୁଟୀକଲେକ୍ଟର ବିଜ୍ଞାପନ ଦେଇଅଛନ୍ତି ଯେତେଟଙ୍କାର ନୋଟ ନେବାର ଆବଶ୍ୟକ ଥିଲା ତାହା ପୂର୍ଣ୍ଣ ହୋଇଅଛି ଆଉ ସେ ଏକଶତ ଟଙ୍କା ବା ଊର୍ଦ୍ଧ୍ୱ ମୂଲ୍ୟର ନୋଟ ନେବେ ନାହିଁ । ଏଥିରେ ମହାଜନମାନଙ୍କର ବଡ କଷ୍ଟ ହୋଇଅଛି ବିଶେଷତଃ ଆଜିକାଲି ଶସ୍ୟ ରପ୍ତାନିର ସମୟ; ଗୃହଆଉ ନୋଟ ଅଛିଅଛି କିନ୍ତୁ ଟଙ୍କା ଅଭାବରୁ କାର୍ଯ୍ୟ ଚଳିପାରୁ ନାହିଁ ଓ ମହାଜନଙ୍କର ବିଶେଷ କ୍ଷତି ହେଉଅଛି । ଏଣେ କଟକ ଖଜଣାଖାନାରେ ଟଙ୍କା ଦେଲେ ନୋଟ ମିଳୁ ନାହିଁ ଓ ଏଥିପାଇଁ ମହାଜନ ଓ ଅପର ବ୍ୟକ୍ତିଙ୍କର ଅନେକ କଷ୍ଟ ହୋଇଅଛି । ସର୍ବସାଧାରଣଙ୍କର ସୁବିଧା ସକାଶେ କରେନ୍‌ସି ନୋଟ ସମସ୍ତ ଖଜଣାଖାନାରେ ଦିଆ ନିଆ ହେବାର ଆଜ୍ଞା ଗବର୍ଣ୍ଣମେଣ୍ଟ ପୁନଃ୨ ଦେଇଅଛନ୍ତି ତଥାପି ନାହିଁକି ଏତ୨ ଜିଲ୍ଲାରେ ଏକ୨ ପ୍ରକାର ଅସୁବିଧା ଘଟିଲ ବୋଲିଯାଇ ନ ପାରେ । ଆମ୍ଭେମାନେ ଏବିଷୟପ୍ରତି ଗବର୍ଣ୍ଣମେଣ୍ଟଙ୍କର ବିଶେଷ ଦୃଷ୍ଟି ପ୍ରାର୍ଥନା କରୁଁ ଓ ମହାଜନମାନଙ୍କର ଉଚିତ ଯେ ଗବର୍ଣ୍ଣମେଣ୍ଟକୁ ଏବିଷୟରେ ଆବେଦନ ପତ୍ରମାନ ପଠାନ୍ତୁ ।

---

କିଏ କହଇ ଯେ ଓଡିଶାର ଲୋକମାନେ ଅତ୍ୟନ୍ତ ନିର୍ବୋଧ । ଆମ୍ଭେମାନେ ଦେଖୁଅଛୁଁ ଯେ ଏଠାଲୋକେ ନିର୍ବୋଧ ନୁହନ୍ତି ତେବେ ବର୍ତ୍ତମାନ କାଳରେ ଯେପ୍ରକାର ଧନବ୍ୟୟ କଲେ ସଭ୍ୟ ମଣ୍ଡଳୀରେ ପ୍ରତିଷ୍ଠା ଲାଭ ହେବ ତାହା ନ କରି ଅକାରଣରେ ଅନେକ ଧନ ବ୍ୟୟ କରୁଥିବାରୁ ଓଡିଶାର ସୁଖ୍ୟାତି ବିଦେଶରେ ହୋଇ ପାରୁ ନାହିଁ । ବାସ୍ତବରେ ଯେବେ, ଓଡିଶାବାସିଏ ଧନବାନ ହୁଅନ୍ତେ ତେବେ କି ଅନର୍ଥକ ଟଙ୍କା ଖର୍ଚ୍ଚ କରିପାରନ୍ତେ ଗତ ଦି ୧୫ ନ ହେଲା ଏନଗରକୁ ଏକପଞ୍ଝା ଜମାଏତ ଆସିଅଛନ୍ତି ଏହାଙ୍କ ସଙ୍ଗେ ଗୋଟାଏ ଉଟ ତିନଟା ଘୋଡା ଓ ଗୋଟାଏ ଗୋରୁ ଅଛି ଓ ବୈଷ୍ଣବଙ୍କ ସଂଖ୍ୟା ପ୍ରାୟ ଜ ୮୦ ଣ ହେବ । ପ୍ରତିଦିନ ଏହାଙ୍କ ସେବା ଖର୍ଚ୍ଚରେ ଏଠାର ଧନିମାନେ ୩୦ । ୪୦ ଟଙ୍କା ବ୍ୟୟ କରି ଏହାଙ୍କୁ ପୁରି ପକ୍ୱାନ୍ନ ଓ ଗଞ୍ଜେଇ ଆଦି ଖୁଆଉଅଛନ୍ତି । ଆଜ କେହି ସରଦାର ଅମଲା କାଲି କେହି ବଡ ଜମିଦାର ପରଦିନ କେହି ଦୋକାନଦାର ଅପର ଦିନ କେହି ରଜା ବା ଉଚ୍ଚପଦାକାଂକ୍ଷୀ ନାମ ବାହାର କରିବା ଅଭିପ୍ରାୟରେ ହେଉ ବା ଧର୍ମପ୍ରବୃତ୍ତି ଚରିତାର୍ଥ କରିବା କାରଣ ହେଉ ଏମାନଙ୍କ ଖର୍ଚ୍ଚା ଚଳାଇ ଆସୁଅଛନ୍ତି । ଆମ୍ଭେମାନେ ଅନୁମାନ କରୁଁ ଯେ ଏ ବାବାଜିମାନଙ୍କ ପଛରେ ଏନଗରର ଗୃହ ପାଞ୍ଚଶତ ଟଙ୍କା ବ୍ୟୟ ହେଲାଣି କିନ୍ତୁ ଏତିକି ଟଙ୍କା ଏନଗରରେ ଥିବା ଦରିଦ୍ର ଓ ଯଥାର୍ଥ ଦାନର ପାତ୍ରପକ୍ଷରେ ବ୍ୟୟ ହୋଇଥିଲେ କେତେ ଉପକାର ଓ ଧର୍ମ ହୋଇଥାନ୍ତା । ଏସବୁ ବ୍ୟାପାର ଦେଖି ବିବେଚନା ହୁଅଇ ଯେ ଓଡିଶା ନିତାନ୍ତ ଦରିଦ୍ର ନୁହଇ କିନ୍ତୁ ଅପାତ୍ରରେ ପଡି ଏହାର ଅନେକ ଟଙ୍କା ନଷ୍ଟ ହେଉଅଛି ।

---

ଗତସପ୍ତାହର ଇଣ୍ଡିଆ ଗଜେଟରେ ଗତ ତୋଫାନ ଓ ବନ୍ୟାଦ୍ୱାରା ପ୍ରପୀଡିତ ସ୍ଥାନମାନଙ୍କ ସମ୍ପର୍କରେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କ ବିଜ୍ଞାପନୀ ବାହାରିଅଛି । ଆମ୍ଭେମାନେ ତହିଁରେ ପାଠ କଲୁଁ ଯେ ଏ ଦୁର୍ଘଟନାରେ ମରିଥିବା ଲୋକସଂଖ୍ୟା ୨,୧୫,୦୦୦ ଅନୁମାନ ହୋଇଅଛି ଯଥାର୍ଥ ମୃତ୍ୟୁସଂଖ୍ୟା ପକ୍ଷରେ ଉଦ୍ୟମ ହେଉଅଛି ମାତ୍ର ତାହା ଜଣାଯିବାର ଉପାୟ ନାହିଁ । ଏକ ରାତ୍ରରେ ଏତେ ମନୁଷ୍ୟ ମରି ପଡିବା ଅତ୍ୟନ୍ତ ଦୁଃଖର ବିଷୟ ଅଟଇ ଓ ଯେଉଁମାନେ ବଞ୍ଚି ଅଛନ୍ତି ସେମାନଙ୍କର ସର୍ବନାଶ ହୋଇଅଛି । ମାତ୍ର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ବୋଲନ୍ତି କି ଏମାନଙ୍କ ଅବସ୍ଥା ଶୀଘ୍ର ଭଲ ହେବାର ଲକ୍ଷଣ ଦେଖାଯାଏ । ଏହିସବୁ ସ୍ଥାନରେ ବିସ୍ତର ଧାନ ହୁଅଇ ଓ ତାହା ଏଠା ଲୋକମାନେ ଖଣିରେ ପୋତି ରଖନ୍ତି । ସେସବୁ ଖଣି କେତେକ ଆଂଶିକ ନଷ୍ଟ ହୋଇଥିଲେହେଁ ଯଥେଷ୍ଟ ଶସ୍ୟ ଏହାଙ୍କ ଆହାର ସକାଶେ ଅଛି ଏବଂ ଫସଲ ଅଧିକ ନଷ୍ଟ ହୋଇ ନାହିଁ । ଏସବୁ ଅଞ୍ଚଳରେ

Digitized by srujanika@gmail.com

Split by PDF Splitter

203



ଅତିଉତ୍ତମ କ୍ଷେତ ହୋଇଥିଲା ଏଥିରୁ ଶୃଗପଣ କି ଛଅପଣ ନଷ୍ଟ ହୋଇଅଛି ସୁତରାଂ ହାରହାର କ୍ଷେତ ମିଳିବାର ଆଶା ଅଛି ଏବଂ ଏହିଅଞ୍ଚଳରେ ପ୍ରତିବର୍ଷ ଅଧିକ ଫସଲ ହେବାରୁ ମହାଜନମାନେ ଅନେକ କଷ୍ଟ କରି ନିଅନ୍ତି ଏବର୍ଷ ମଧ୍ୟ ସେହିପରି ଆସୁଅଛନ୍ତି ଏରୂପେ ଦେଖାଯାଏ ଯେ ଯେଉଁମାନେ ବଞ୍ଚିଅଛନ୍ତି ସେମାନେ ଏକପ୍ରକାରରେ ନିର୍ବାହ ହୋଇଯିବେ ମାତ୍ର ଦୁଃଖର ବିଷୟ ଯେ ନୋକଶାନୀ ହେତୁ ରାଜସ୍ୱ କ୍ଷମା ପାଇବାର ପ୍ରାର୍ଥନାମାନ ଏକାବେଳକେ ଅଗ୍ରାହ୍ୟ କରିବାପାଇଁ ଲେଫ୍ଟେନେଣ୍ଟ ଗବର୍ଣ୍ଣର ଆଜ୍ଞା ଦେଇଅଛନ୍ତି। ଯେବେ ଏସମୟରେ ପ୍ରଜାମାନେ ଖଜଣା ଦେବେ ତେବେ କିପରି ଏ ଦୁର୍ଦ୍ଦଶାରୁ ମୁକ୍ତ ପାଇବେ। ଯାହାଙ୍କର ଘର ନାହିଁ ଲୁଗା ନାହିଁ ଓ ଘରକରଣାର ଦ୍ରବ୍ୟ କିଛିମାତ୍ର ନାହିଁ ସେମାନେ ଖଜଣା ଦେଇ କିପରି ସେସମସ୍ତର ଆୟୋଜନ କରିବେ। ଅତଏବ ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କ ଉକ୍ତ ଆଜ୍ଞାକୁ ଆମ୍ଭେମାନେ ନିଷ୍ଠୁରତା ଜ୍ଞାନ କରୁଅଛୁଁ ଓ ଆମ୍ଭମାନଙ୍କ ମତରେ ଯେସମସ୍ତ ସ୍ଥାନରେ ତୋଫାନର ଉପଦ୍ରବ ହୋଇଅଛି ସେସବୁ ସ୍ଥାନରେ ରାଜସ୍ୱ ଅଦାୟ କରିବା ସ୍ଥଗିତ ହେଉ ଯେ ପ୍ରକୃତ ଅବସ୍ଥା ବିବେଚନା ପୂର୍ବକ ପଶ୍ଚାତ ଉପଯୁକ୍ତ ବ୍ୟକ୍ତିଙ୍କୁ କ୍ଷମା ଦିଆଯାଇ ଅନ୍ୟମାନଙ୍କଠାରୁ ତାହା ଅଦାୟ ହେବ।

---

ବଙ୍ଗଳାର ପୁଲିସର ବାର୍ଷିକ ବିଜ୍ଞାପନୀ ଉପରେ ଗବର୍ଣ୍ଣମେଣ୍ଟଙ୍କର ଗୋଟିଏ ନିର୍ଦ୍ଧାରଣ ପତ୍ର କଲିକତା ଗଜେଟରେ ପ୍ରକାଶ ହୋଇଅଛି। ପୁଲିସ ବିଭାଗର ସାଧାରଣ କାର୍ଯ୍ୟର ଯେରୂପ ସମାଲୋଚନା ହୋଇଅଛି ତହିଁରେ ଆମ୍ଭମାନଙ୍କର କିଛି ବକ୍ତବ୍ୟ ନାହିଁ ଓ ସାଧାରଣ ପାଠକଙ୍କୁ ତାହା ସୁଖକର ହେବ ନାହିଁ ବୋଲି ସେ ସବୁ ପରିତ୍ୟାଗ କଲୁଁ। ପୁଲିସ ବିଜ୍ଞାପନୀରେ ଗୋଟିଏ ପ୍ରଧାନ ବିଷୟ ଏଥର ଲେଖା ଯାଇଥିଲା ତାହା ଏହି ଯେ ମଧ୍ୟପ୍ରଦେଶ ଅଯୋଧ୍ୟା ଏବଂ ପଞ୍ଜାବର ପୁଲିସର କାର୍ଯ୍ୟ ସହିତ ଇନ୍‌ସପେକ୍ଟର ଜେନରଲ ବଙ୍ଗଳାର ପୁଲିସର କାର୍ଯ୍ୟକୁ ତୁଳନାକରି ଦେଖାଇ ଅଛନ୍ତି କି ସେ ସମସ୍ତ ପ୍ରଦେଶ ଅପେକ୍ଷା ବଙ୍ଗଳାରେ ଅଳ୍ପ ମକଦ୍ଦମା ସାବ୍ୟସ୍ତ ହୋଇଅଛି ଓ ଅନ୍ୟାନ୍ୟ ପ୍ରଦେଶରେ ପୁଲିସ ଗିରପ୍ତାର କରିଥିବା ଲୋକଙ୍କ ମଧ୍ୟରୁ ଶତକଡ଼ା ୭୦ କି ୭୫ ଜଣ ଦଣ୍ଡ ପାଇଥିବା ପ୍ରତ୍ୟକ୍ଷେ ବଙ୍ଗଳାରେ କେବଳ ୫୭ ଜଣ ଦଣ୍ଡ ପାଇଅଛନ୍ତି। ଏଥିର ଫଳ ଏହି ଯେ ବଙ୍ଗଳାରେ ପୁଲିସର ଅତ୍ୟାଗ୍ରହ ଅଧିକ କାରଣ ଏକଶତଜଣରେ ୫୭ ଜଣ ଦଣ୍ଡ ମାଇଲେ ଅବଶିଷ୍ଟ ୪୩ ଜଣ ବୃଥାରେ ଗିରପ୍ତାର ହୋଇ କଷ୍ଟଭୋଗ କରିଥିଲେ ଲେଫ୍ଟେନେଣ୍ଟ ଗବର୍ଣ୍ଣର ଏ ତାଲିକାକୁ ବିଶ୍ୱାସ କରିବାକୁ ଅନିଚ୍ଛୁକ ହେଲେ ହେଁ ଏଥିରେ ଆକ୍ଷେପ ପ୍ରକାଶ କରିଅଛନ୍ତି। ଲେଫ୍ଟେନେଣ୍ଟ ଗବର୍ଣ୍ଣର ବୋଲନ୍ତି କି ଯଦ୍ୟପି ପୂର୍ବବର୍ଷମାନଙ୍କ ସଙ୍ଗେ ତୁଳ କଲେ ଏଣିକି କିଛି ଭଲ ଦେଖା ଯାଏ ତଥାଚ ସେ ସ୍ୱୀକାର କରିଅଛନ୍ତି ଗିରପ୍ତାର ଓ ଦଣ୍ଡ ମଧ୍ୟରେ ଯେ ଅନୁପାତ ରହି ଅଛି ତାହା ଶୋଚନୀୟ ଅଟଇ। ଏହି ଦୋଷ ସେ ପୂର୍ବବର୍ଷମାନଙ୍କରେ ଲକ୍ଷ କରି ମାଜିଷ୍ଟ୍ରେଟମାନଙ୍କୁ ତହିଁର ନିବାରଣ ପକ୍ଷରେ ବିହିତ ଉପାୟ କରିବାକୁ ବିଶେଷ ଆଦେଶ ହୋଇ ଥିଲେ ଓ ସେ ସର୍ବଦା ଏହିକଥା ବର୍ଣ୍ଣନ କରିଅଛନ୍ତି ଯେ ପୁଲିସ ଅନର୍ଥକ ଅନେକ ଲୋକଙ୍କୁ ଗିରପ୍ତାର କରିବାରୁ ପୁଲିସ ପ୍ରତି ଦେଶୀୟ ଲୋକଙ୍କର ଅଶ୍ରଦ୍ଧା ଜନ୍ମୁଅଛି। ସେ ବୋଲନ୍ତି ଯେ ପୁଲିସର ମୂର୍ଖତା ହେତୁ ଏରୂପ ଅନର୍ଥକ ଗିରପ୍ତାର ହୁଅଇ ଓ ତାହାଙ୍କୁ ଉପଯୁକ୍ତ ଶିକ୍ଷା ଦେଲେ ଏହା ନିବାରଣ ହୋଇ ପାରିବ। ଏପରି ଯେବେ ମାଜିଷ୍ଟ୍ରେଟ ଓ ପୁଲିସ ସୁପ୍ରିଣ୍ଟେଣ୍ଡମାନେ ଅତ୍ୟନ୍ତ କଠିନରୂପେ ପୁଲିସକର୍ମଚାରୀଙ୍କ କାର୍ଯ୍ୟ ପ୍ରତି ଦୃଷ୍ଟି ରଖିବେ ତାହା ହେଲେ ସେମାନେ ଭ୍ରମବଶତଃ କାହାରିକୁ ଅକାରଣ ଗିରପ୍ତାର କରିବେ ନାହିଁ। ମଧ୍ୟ ଦୌରା ବିଚାରରେ ଗିରପ୍ତାର ଲୋକଙ୍କ ମଧ୍ୟରୁ ଅନେକ ଲୋକ ଖଲାସ ପାଇବାର ଦେଖି ଲେଫ୍ଟେନେଣ୍ଟ ଗବର୍ଣ୍ଣର ଦୁଃଖିତ ହୋଇ ଅଛନ୍ତି ଓଡ଼ିଶାରେ ପୁରୀ ଜିଲ୍ଲାରୁ ଦୌରାକୁ ଆସିଥିବା ମକଦ୍ଦମାମାନଙ୍କରେ ଏରୂପ ଘଟିଅଛି।

ହିନ୍ଦୁପେଟ୍ରିଅଟ ଉପରଲିଖିତ ବିଷୟମାନଙ୍କୁ ଉଦ୍ଧୃତ କରି ଯଥାର୍ଥ କହିଅଛନ୍ତି କି ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କର ଅଭିପ୍ରାୟ ପ୍ରକୃତ ଅଟଇ ମାତ୍ର ପ୍ରତିବର୍ଷ ବିଜ୍ଞାପନୀ ପାଠକରି ଥରେ ଲେଖାଏ କଠିନମତ ପ୍ରକାଶ କଲେ ତହିଁରେ କିଛି ଫଳ ହେବ ନାହିଁ ଏସବୁ ନିବାରଣ ପକ୍ଷରେ ବିହିତ ଉପାୟ ଅବଲମ୍ବନ କରିବା ତାହାଙ୍କର ଉଚିତ ଅଟଇ। ବାସ୍ତବରେ ଯେବେ ଯତ୍ନେ କରିହେଲେ ସବୁକାର୍ଯ୍ୟ ଉତ୍ତମ ହେଉଥାନ୍ତା ତେବେ ଶାସନକର୍ତ୍ତା ମାନଙ୍କର ଆଉ କି ଚିନ୍ତା ଥିଲା।

---

ଆଗାମୀ ଜାନୁଏରୀମାସର ଉତ୍ସବ।

ଗତସପ୍ତାହରୁ ଏ ନଗରରେ ଉତ୍ସବର ଆୟୋଜନ କରିବାରେ କମିଶ୍ନର ଓ କଲେକ୍ଟର ପ୍ରଭୃତିଙ୍କୁ ବ୍ୟସ୍ତ ହେବାର ଦେଖାଯାଏ। କମିଶ୍ନରସାହେବ କେବଳ ଦରବାର ଘେନି ବସି ଅଛନ୍ତି ଓ ଶୁଣାଯାଏ ଯେ ସେ ଆଉ କିଛି କରିବେ ନାହିଁ। କଲେକ୍ଟରସାହେବ ମଧ୍ୟ ଦରବାରଘର ରଚନା ଓ ସୁସଜ୍ଜିତ କରିବାପାଇଁ ବନ୍ଦୋବସ୍ତ କରୁଅଛନ୍ତି ଏବଂ ଯାହାଙ୍କୁ ଆମନ୍ତ୍ରଣ ହେବ ସେମାନଙ୍କର ତାଲିକା ପ୍ରସ୍ତୁତ କରି ପଠାଇ ଅଛନ୍ତି ଏଥର ବହୁତ ଲୋକ ଆମନ୍ତ୍ରିତ ହେବେ କାରଣ ଅନେକ ଜମିଦାର କି ଯାହାଙ୍କୁ ଅନ୍ୟାନ୍ୟ ଦରବାରରେ ଆମନ୍ତ୍ରଣ ହୋଇ ନ ଥିଲା ଏଥର ଆମନ୍ତ୍ରଣ ହେବାର ପ୍ରସ୍ତାବ ହେଉ ଅଛି ଏଣେ ଉତ୍ସବର କାର୍ଯ୍ୟ ସମାଧା କରିବା ସକାଶେ ଟାଉନ କମିଟୀର ଗୋଟିଏ ସଭା ଗତ ଗୁରୁବାର ହୋଇଥିଲା ଉକ୍ତ ସଭା ଗୋଟିଏ ସବ୍‌କମିଟୀ ନିଯୁକ୍ତ କରି ଅଛନ୍ତି ଯେ ସେହି ସବ୍ କମିଟୀ ସର୍ବସାଧାରଣଙ୍କଠାରୁ ଚେନ୍ଦା ସଂଗ୍ରହ କରିବେ ଏବଂ କି ପ୍ରକାର ଉତ୍ସବକାର୍ଯ୍ୟମାନ ଅନୁଷ୍ଠିତ ହେବ ତାହା ନିର୍ଣ୍ଣୟ କରିବେ। ଏ କମିଟୀରେ କେଉଁମାନେ ନିଯୁକ୍ତ ହୋଇ ଅଛନ୍ତି ଆମ୍ଭେମାନେ ନିଶ୍ଚୟ କରି ଜାଣି ନାହୁଁ କେବଳ ବାବୁ ଜଗନ୍ମୋହନ ରାୟ ବାବୁ କାଳୀପଦ ବାନର୍ଜ୍ୟା ଓ ବାବୁ କଚେୟୁାଲାଲ ପଣ୍ଡିତଙ୍କ ନାମ ଶୁଣିଅଛୁଁ ଓ ଏ କମିଟୀକୁ ଅଧିକାର ଅଛି ଯେ ଅନ୍ୟ ଭଦ୍ରଲୋକଙ୍କୁ ସଭ୍ୟ ସ୍ୱରୂପ ଗ୍ରହଣ କରି ପାରିବେ। ଅଦ୍ୟ ସବ୍ କମିଟୀ ଗୋଟିଏ ସାଧାରଣସଭା ଆହ୍ୱାନ କରିଅଛନ୍ତି। ପ୍ରିଣ୍ଟିଂକମ୍ପାନୀର ହୋମହଲଘରେ ହେବ ଓ ଏଥିରେ ଯାହା ଧାର୍ଯ୍ୟ ହେବ ଆଗାମି ପତ୍ରିକାରେ ପାଠକମାନଙ୍କୁ ଜଣାଇବୁଁ। ଟାଉନ କମିଟିରେ ଶ୍ରୀଯୁକ୍ତ [illegible] ସାହେବ ମୌଖିକ ପ୍ରସ୍ତାବ ଏହିରୂପ କରିଥିଲେ କି ଗବର୍ଣ୍ଣମେଣ୍ଟ ପ୍ରଦତ୍ତ [illegible]ହଜାରଟଙ୍କା ମଧ୍ୟରୁ ଟ ୧୫୦୦ ଙ୍କାର ବାଣ କଲିକତାରୁ କିଣା ହୋଇ ଆସିବ ଓ ଡେଭିସସାହେବ ତାହା ଜଳାଇବେ। ଟ ୪୦୦ ଙ୍କା ପିଲାମାନଙ୍କ ଉତ୍ସବ ଏବଂ ବ୍ୟାୟାମକ୍ରୀଡ଼ାରେ ଖର୍ଚ୍ଚ ହେବ ଓ ଯେବେ ଦରବାର ଓ ସରକାରୀ ଘରମାନଙ୍କରେ ରୋଷନାଇଖର୍ଚ୍ଚା ଗବର୍ଣ୍ଣମେଣ୍ଟ ନ ଦେବେ ତେବେ

Digitized by srujanika@gmail.com

Split by PDF Splitter



ତହିଁରେ ଅବଶିଷ୍ଟ ଟଙ୍କାରୁ ଖର୍ଚ୍ଚ ହେବ । ଏଥିରୁ ଯାହା ବଳିବ ତାହା ଦେଶୀୟଲୋକଙ୍କୁ ଦିଆଯିବ । ଦେଶୀୟଲୋକମାନେ ଚେନ୍ଦା କରି ଯେତେଟଙ୍କା ସଂଗ୍ରହ କରିବେ ତହିଁରେ ପ୍ରଧାନ ସଭ୍ୟମାନଙ୍କରେ ଘୋଷନାଇ ଦେବ ଓ ଅଉ ଯାହାଇଚ୍ଛା ତହିଁରେ ସେମାନେ ଖର୍ଚ୍ଚ କରିବେ । ଏଥିରୁ ବୋଧହୁଅଇ ଯେ ଇଂରାଜମାନେ ଯାହା ଚେନ୍ଦା କରିବେ ସେମାନେ ଆପଣା ନାଚଖାନା ଇତ୍ୟାଦି ଉତ୍ସବରେ ବ୍ୟୟ କରିବେ । ଫଳତଃ ଯାହା ହେବ ଶୀଘ୍ର ଜଣାଯିବ ଆମ୍ଭମାନଙ୍କର ବର୍ତ୍ତମାନ କିଛି କହିବାର ନାହିଁ ଏ ବିଷୟରେ ଯାହା ବକ୍ତବ୍ୟ ଏଥିପୂର୍ବେ କହିଅଛୁଁ ।

---

## ଦେବାନଅଦାଲତର ଗୁହା ।

ଅଦାଲତରେ ମୋକଦ୍ଦମା ଚଳାଇବାର ଅତ୍ୟନ୍ତ ବିରକ୍ତିଜନକ କାର୍ଯ୍ୟ ଗୁହାଙ୍କ ଜୋବାନବନ୍ଦି କରାଇବା ଅଟଇ । ଯେଉଁମାନେ ମାମଲାକରନ୍ତି ସେମାନେ ବିଲକ୍ଷଣ ଅନୁଭବ କରିଅଛନ୍ତି ଯେ ସମନଜାରି କରାଇ ଗୁହାଙ୍କୁ ଅଦାଲତକୁ ଅଣାଇବା ଓ ତାହାଙ୍କର ଜୋବାନବନ୍ଦି କରାଇ ବିଦାୟ କରିଦେବା ପର୍ଯ୍ୟନ୍ତ ଯେତେ କ୍ଲେଶ ସେମାନଙ୍କୁ ସହ୍ୟ କରିବାକୁ ହୁଅଇ ମୋକଦ୍ଦମାର ଅନ୍ୟ କୌଣସି ଅବସ୍ଥାରେ ସେରୂପ ହୁଅଇ ନାହିଁ । ସବୁକାର୍ଯ୍ୟ ପକ୍ଷମାନେ ସ୍ୱୟଂ ଅଥବା ଉକିଲଦ୍ୱାରା ଚଳାଇପାରନ୍ତି କିନ୍ତୁ ସାକ୍ଷି ଉପସ୍ଥିତ କରିବା ପାଞ୍ଚଜଣର ମରଜି ଉପରେ ନିର୍ଭର କରଇ । ଗୁହାମାନେ ପକ୍ଷଙ୍କ ସହିତ ଠିକ ସାଆନ୍ତଲୁଣିୟାଙ୍କର ବ୍ୟବହାର କରନ୍ତି ଟିକିଏ ଗଣାଅଧିକ ହେଲେ ରୁଷିବସିବେ ଓ ଗୁହା ରୁଷିଲେ ମୋକଦ୍ଦମା ଗଲା । ଏଥିପାଇଁ ପକ୍ଷମାନେ ଗୁହାଙ୍କୁ ଦେବତାପ୍ରାୟ ମଣି ସର୍ବଦା କରଯୋଡ ହୋଇଥାନ୍ତି । ଏଥିରେ ଯେବେ ମୋଫସଲର ନାନାସ୍ଥାନରୁ ଗୁହାମାନଙ୍କୁ ଏକତ୍ର କରି ଅଦାଲତ ବସିବା ସ୍ଥାନରେ ଅଥବା ଅଦାଲତରେ ଉପସ୍ଥିତ କରାନ୍ତି ମାତ୍ର କୌଣସି କାରଣରୁ ତାହାଙ୍କର ଜୋବାନବନ୍ଦି ଅନେକଦିନ ବିଲମ୍ବରେ ହୁଅଇ ଅଥବା ଅନ୍ୟ ନିର୍ଦ୍ଦିଷ୍ଟ ଦିନରେ ଉପସ୍ଥିତ ହେବା ଆଦେଶରେ ସେମାନଙ୍କୁ ଫେରାଇବାକୁ ହୁଅଇ ତେବେ ପକ୍ଷମାନଙ୍କର ଦୁର୍ଦ୍ଦଶା କହିଲେ ସରଇ ନାହିଁ । ହାଇକୋର୍ଟ ମାମଲତିକାରଙ୍କର ଏସମସ୍ତ କଷ୍ଟ ଅନୁଭବ କରି ଗୁହାଙ୍କୁ ଶୀଘ୍ର ବିଦାୟ ଦେବା କାରଣ ଉଚିତ ବିଧାନମାନ କରିଅଛନ୍ତି ଓ ହାକିମମାନେ ସେ ବିଧାନମାନ ପ୍ରତିପାଳନ କରୁଅଛନ୍ତି କି ନାହିଁ ତାହା ଜାଣିବା ନିମିତ୍ତ ଗୁହାହାଜର ବହି ସମସ୍ତଅଦାଲତ ରଖାଇ ଅଛନ୍ତି ଏବଂ କେଉଁ ହାକିମ ଗୁହା ବିଦାୟ ପକ୍ଷରେ କିରୂପ ତତ୍ପର ତାହା ଜାଣିବା କାରଣ ସାମୟିକ ତାଲିକା ପ୍ରସ୍ତୁତ ହୁଅଇ ଓ ତଦ୍ଦୃଷ୍ଟିରେ ହାକିମଙ୍କର ତ୍ରୁଟି ଜଣାଗଲେ ତିରସ୍କାର ମଧ୍ୟ କରନ୍ତି । ମାତ୍ର ଏତେ ଉପାୟରେ ସୁଦ୍ଧା ଗୁହାଙ୍କ ହେତୁ ମାମଲତିକାରଙ୍କର କଷ୍ଟ ଦୂର ହୋଇ ନାହିଁ । ଏଥିପାଇଁ ହାଇକୋର୍ଟ ଗତ ସେପ୍ଟମ୍ବରମାସରେ ଏକ ସର୍କୁଲର ଜାରିକରି ତହିଁରେ ଏହି ମର୍ମ ପ୍ରକାଶ କରିଅଛନ୍ତି କି ଗୁହା ହାଜର ବହିରେ ଗୁହାଙ୍କ ହାଜର ଯଥାର୍ଥ ରୂପେ ଲେଖାଯାଏ ନାହିଁ ଓ ଏମନ୍ତ ଅନୁମାନ କରନ୍ତି କି ମାମଲତିକାରମାନେ ଯେତେବେଳେ ଦେଖନ୍ତି କି ତାହାଙ୍କ ମୋକଦ୍ଦମା ଶୁଣାଯିବାର ବିଲମ୍ବ ଅଛି ତେତେବେଳେ ଗୁହା ଉପସ୍ଥିତ ଥିଲେ ସୁଦ୍ଧା ସେମାନଙ୍କ ହାଜର ଲେଖାନ୍ତି ନାହିଁ । ଅତଏବ ହାଇକୋର୍ଟ କହିଅଛନ୍ତି ଯେ ପ୍ରତ୍ୟେକ ଅଦାଲତ ମୋକଦ୍ଦମା ମୁଲତବି ରଖିବା ସମୟରେ କିମ୍ବା ନୂତନ ସମନଜାରି କରିବା ସମୟରେ ପ୍ରକୃତ ଅବସ୍ଥା ଜାଣିବାକୁ ଚେଷ୍ଟା କରିବେ ଓ ଯେତେ ଗୁହା ନିରୂପିତ ଦିନରେ ଉପସ୍ଥିତ ହେବେ ତାହାଙ୍କର ହାଜର ତତ୍କ୍ଷଣାତ ଲେଖାଯିବ କାରଣ ଗୁହା ହାଜରବହି ଗୁହା ଉପସ୍ଥିତ ହେଲେ କି ନାହିଁ ତାହା ଜାଣିବା କାରଣ ପ୍ରସ୍ତୁତ ହୋଇଅଛି ଆଉ ଗୁହା ହାଜର କଥା ଗୋପନ ରଖି ତଦ୍ୱାରା ଗୁହାମାନଙ୍କୁ ଅଧିକ କ୍ଲେଶ ଦେବା ପାଇଁ ହୋଇ ନାହିଁ । ଏହି ଦୋଷର ପ୍ରତୀକାର ନିମିତ୍ତ ହାଇକୋର୍ଟ ଆଜ୍ଞା ଦେଇଅଛନ୍ତି କି ଯଦ୍ୟପି ଅଦାଲତଙ୍କର ଅବସର ନ ଥିବା ହେତୁ କୌଣସି ମୋକଦ୍ଦମା ନିରୂପିତ ତାରିଖରେ ଶୁଣାଯାଇ ନ ପାରେ ଓ ଅନ୍ୟଦିନକୁ ମୁଲତବି ରହଇ ତେବେ ଅଦାଲତ ମୁଲତବି ହୁକୁମ ସଙ୍ଗରେ ନାଜର ଠାରୁ ତାଲିକା ନେଇ ଯେଉଁ ପକ୍ଷର ଯେତେ ଗୁହା ଅଦାଲତରେ ଉପସ୍ଥିତ ହୋଇଥିବେ ତାହାଙ୍କ ସଂଖ୍ୟା ସ୍ୱହସ୍ତରେ ଲେଖିବେ ଓ କେହି ଗୁହା ଉପସ୍ଥିତ ନ ଥିଲେ ଉକ୍ତ ପ୍ରସଙ୍ଗ ମଧ୍ୟ ମୁଲତବି ଆଜ୍ଞା ସଙ୍ଗେ ଅଦାଲତ ଲେଖିବେ । ଆମ୍ଭମାନଙ୍କ ବିବେଚନାରେ ଏଥିରେ ଗୁହା ହାଜର ସମ୍ପର୍କୀୟ ଅନେକ ଉଣା ହୋଇପାରିବ । ଅନେକ ଅଦାଲତରେ ଏପରି ଗୋଟିଏ କୌଶଳ ଅଛି ଯେ ଗୁହାମାନଙ୍କର ଯୋବାନବନ୍ଦି ଯେଉଁଦିନ ହୁଅଇ ସେଦିନ ତାହାଙ୍କର ହାଜର ଲେଖାଯାଏ ଓ ହାଜର ଲେଖାଇବା ସମୟରେ ନାଜରଙ୍କର ଅନେକ ଉପାସନା କରିବାକୁ ହୁଅଇ । ଏହି ହେତୁରୁ ଅନେକଦିନ କଚେରିରେ ଗୁହାମାନେ ଉପସ୍ଥିତ ଥିଲେସୁଦ୍ଧା ସିରସ୍ତାର କାଗଜପତ୍ରରୁ ତାହା କିଛି ପ୍ରକାଶ ହୁଅଇ ନାହିଁ । ଅନେକସ୍ଥଳରେ ସାକ୍ଷାତରେ ନ ହେଉ ପରୋକ୍ଷରେ ହାକିମମାନେ ଗୁହାହାଜର ଲେଖା ନ ଯିବା ପକ୍ଷରେ ଯତ୍ନକରନ୍ତି । ବର୍ତ୍ତମାନ ଯେ ଆଜ୍ଞା ହୋଇଅଛି ତହିଁରେ ଏତେ ଶ୍ଲେଷ ରହିପାରିବ ନାହିଁ ଓ ପକ୍ଷମାନେ ସତର୍କ ହେଲେ ନାଜର ଶୁଦ୍ଧ ତାଲିକା ଦେବେ ଏବଂ ହାକିମ ସ୍ୱହସ୍ତରେ ଆପଣା ଆଜ୍ଞା ମଧ୍ୟରେ ତାହା ଲେଖିବାକୁ ବାଧ୍ୟ ହେବା ସ୍ଥଳେ କିଛି ଗୋପନ ରହିପାରିବ ନାହିଁ । ଆମ୍ଭମାନଙ୍କ ବିବେଚନାରେ ଏ ଆଜ୍ଞାମାନ ଯଥାର୍ଥ ହୋଇଅଛି ଓ ଏହା ପ୍ରକୃତରୂପେ ପ୍ରତିପାଳିତ ହେଲେ ବିସ୍ତର ଉପକାର ହେବ ସନ୍ଦେହ ନାହିଁ । ଅମ୍ଭେମାନେ ଆଶାକରୁଁ ଯେ ମାମଲତକାରମାନେ ଏ ଆଜ୍ଞାରୁ ଅବଗତ ହୋଇ ତଦନୁଯାୟୀ କାର୍ଯ୍ୟ ହେଉଅଛି କି ନାହିଁ ତହିଁପ୍ରତି ଦୃଷ୍ଟି ରଖିବେ ।

## ସାପ୍ତାହିକସଂବାଦ ।

ଗତସପ୍ତାହରେ ଶ୍ରୀ ଟଏନବି ସାହେବ ଏ ନଗରର ଜଏଣ୍ଟମାଜିଷ୍ଟ୍ରେଟ ପଦର ଭାରନେଲେ ଗଜ ସାହେବ ଖୋରଧା ଏବଂ ଗ୍ରୀବସ୍ ସାହେବ ବାଲେଶ୍ୱରକୁ ଗଲେ । ବାଲେଶ୍ୱରର ଜଏଣ୍ଟ ମାଜିଷ୍ଟ୍ରେଟ ଫିଡ଼ୟାନ ସାହେବ ଛୁଟୀ ନେଇ ବିଲାତକୁ ଯାତ୍ରା କଲେ ।

ଏଠାରେ ଚାଉଳର ଦର ଟଙ୍କାକୁ ୧୫।୬ ସେର ହେବାରୁ କଣିକ୍ରୟୀଙ୍କର ବଡ଼ କଷ୍ଟ ହୋଇ ଅଛି । ଯାଜପୁରରେ ମଧ୍ୟ ଚାଉଳ ମହାର୍ଘ୍ୟ ହେବାର ସମ୍ବାଦ ପାଇଅଛୁଁ । ମାନ୍ଦ୍ରାଜର ଦୁର୍ଭିକ୍ଷ ଏଥିର କାରଣ ଅଟଇ ।

ଯାଜପୁରରେ କାର୍ତ୍ତିକପୂଜା ବଡ଼ ଧୂମଧାମରେ ହୁଅଇ ଏ ବର୍ଷ ୯ ଟା ପ୍ରତିମା ହୋଇଥିଲା ଓ ଭାରି ସମାରୋହ ସହିତ ସେମାନଙ୍କୁ ଏକଦିନରେ ବୈତରଣୀ ନଦୀରେ ଭସାଇ ଦେଲେ ।

ଯାଜପୁରର ଡେପୁଟୀ ମାଜିଷ୍ଟ୍ରେଟ ମୋଫସଲ ଗସ୍ତକୁ ଯିବାବେଳେ ରସଦ ପରୱାନା ନ କରି ଅମଲା ମୁକ୍ତାର ପ୍ରଭୃତଙ୍କୁ ବୁଝାଇ ଦେଲେ

Digitized by srujanika@gmail.com

ଯେ ସ୍ଥାନ୨ରେ ଗଭର୍ଣ୍ଣର ଯାଇବେ ହାକିମ ଆପଣା ଖାଦ୍ୟ ସାମଗ୍ରୀ ସଙ୍ଗେ ନେଇ ଯାଇ ଅଛନ୍ତି । ଡେପୁଟୀ ମାଜିଷ୍ଟ୍ରେଟଙ୍କର ଏ କାର୍ଯ୍ୟଟି ପ୍ରଶଂସନୀୟ ଅଟଇ ଓ ଏଥିରେ ଜମିଦାରମାନେ ସନ୍ତୁଷ୍ଟ ଅଛନ୍ତି ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ କି କାବୁଲର ଅମିର ଦିଲ୍ଲୀ ଦରବାରକୁ ଆସିବେ ନାହିଁ ବୋଲି କଥା ହେଉଅଛି । ୟାକୁବଖାନଙ୍କୁ ପଛରେ ଛାଡି ସେ କାବୁଲକୁ ପରିତ୍ୟାଗ କରିବା ନିରାପଦ ବୋଧ କରୁ ନାହାନ୍ତି । ଏଥିରେ ପୁଣି ରୁସିୟାର ଗୋଳମାଳ ଅଛି ।

ଜଣେ ଫରାସି ସମ୍ଭ୍ରାନ୍ତଲୋକ ପଣ୍ଡିଚେରର ପାଦ୍ରିସାହେବଙ୍କୁ ଟ ୪୦୦୦୲ଙ୍କା ଦେଇଅଛନ୍ତି ଯେ ଉକ୍ତ ଟଙ୍କାରେ ସମସ୍ତ ଜାତୀୟ ବୃଦ୍ଧ ଲୋକଙ୍କ ସକାଶେ ଗୋଟିଏ ଚିକିତ୍ସାଳୟ ନିର୍ମିତ ହେବ । ସକଳ ଧର୍ମାବଲମ୍ବିଙ୍କ ପ୍ରତି ସମଦୃଷ୍ଟି ରଖିବା ଯଥାର୍ଥ ସାଧୁର କର୍ମ ଅଟଇ ଓ ତାହା ଅତ୍ୟନ୍ତ ପ୍ରଶଂସନୀୟ ।

ଅଧ୍ୟାପକ ହିଲ୍ୟୁମ ସାହେବ ପୁନର୍ବାର ଏ ଦେଶକୁ ଆସି ଅଛନ୍ତି । ହିନ୍ଦୁପେଟ୍ରିଅଟ ବୋଲନ୍ତି କି ସମସ୍ତ ଶ୍ରେଣୀର ହିନ୍ଦୁଙ୍କ ମନୋଭାବ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବା କାରଣ ଏ ମହାଶୟ ପ୍ରେରିତ ହୋଇଅଛନ୍ତି ।

ଏବର୍ଷ କଲିକତା ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ଦେବାକୁ ୨୪୭୫ ଜଣ ଓ ଫାଷ୍ଟ ଆର୍ଟ୍‌ସ ପରୀକ୍ଷା ଦେବାକୁ ୭୫୬ ମୋଟ ୩୨୩୧ ଜଣ ପ୍ରାର୍ଥୀ ହୋଇ ଅଛନ୍ତି । ଗତବର୍ଷାପେକ୍ଷା ଅନେକ ଅଧିକ ହେବାର ଦେଖାଯାଏ ।

ଦିଲ୍ଲୀ ମହାସଭାରେ ଶ୍ରୀମତୀ ଭାରତେଶ୍ୱରୀଙ୍କ ସଲାମୀ ଗୋ ୭ ଟା ତୋପରେ ୧୦୧ ଥର ଧ୍ୱନି ହେବାର ସ୍ଥିର ହୋଇଅଛି ସୁତରାଂ ସର୍ବସୁଦ୍ଧା ୭୦୭ ତୋପ ଏହାଙ୍କ ସଲାମୀର ସଂଖ୍ୟା ହେଲା । ଏତେଗୁଡାଏ ତୋପଧ୍ୱନି ଏକାବେଳକେ ହେଲେ ବର୍ଷା ହୋଇପାରେ ଓ ଯଦ୍ୟପି ଶୀତକାଳରେ ତାହା ନ ହେବ ତେବେ ବସ୍ତ୍ରର ଧୂଳି ଉଡିଯିବାର ସମ୍ଭାବନା ।

ଦକ୍ଷିଣପ୍ରଦେଶ ଓ ଦକ୍ଷିଣମହାରାଷ୍ଟ୍ର ରାଜ୍ୟରେ ଗୋମେଷାଦିର ଆହାର ଓ ଜଳ ଯୋଗାଇବା ପକ୍ଷରେ ଲୋକଙ୍କର ବଡ କଷ୍ଟ ହୋଇଥିବାରୁ ବମ୍ବେଇ ଗବର୍ଣ୍ଣମେଣ୍ଟ ବନବିଭାଗର କର୍ମଚାରୀଙ୍କ ପ୍ରତି ଆଜ୍ଞା ଦେଇଅଛନ୍ତି କି ଚିରସ୍ଥାୟୀ କ୍ଷତିର ସମ୍ଭାବନା ନ ହେଲେ ଜଙ୍ଗଲ ମଧ୍ୟରେ ଗୋମେଷାଦି ଚରିବା ସକାଶେ ଲୋକଙ୍କୁ ଅନୁମତି ଦେବେ । ଏ ଆଜ୍ଞାଟି ଉତ୍ତମ ଅଟଇ ।

କଥିତ ହୁଅଇ ଯେ ଆମ୍ଭମାନଙ୍କ ନୂତନ ଧନବିଭାଗର ମନ୍ତ୍ରୀ ସରଜନ୍ ଷ୍ଟ୍ରାଚସାହେବ ଭାରତବର୍ଷରେ ସ୍ୱର୍ଣ୍ଣମୁଦ୍ରା ପ୍ରଚଳ କରିବେ । ଏଥିରେ ରୂପାର ମୂଲ୍ୟ ଊଣା ହେବା କପରି ନିବାରଣ ହେବ ଆମ୍ଭେମାନେ ବୁଝି ପାରୁ ନାହୁଁ ।

ବଙ୍ଗପ୍ରଦେଶର ଅବକାରୀ ମହଲୁମାର ସନ ୧୮୭୫।୭୬ ସାଲର ବିଜ୍ଞାପନରୁ ଜଣାଯାଏ ପୂର୍ବବର୍ଷାପେକ୍ଷା ଏବର୍ଷ ଚାରିଲକ୍ଷ ଟଙ୍କା ଅଧିକା ରାଜସ୍ୱ ଲାଭ ହୋଇଅଛି । ଅଥଚ ଅଫୁ ଓ ଗଞ୍ଜେଇର ବ୍ୟବହାର ବହୁ ଊଣା ପଡିଅଛି । ଦେଶୀମଦର ମାସୁଲ ବିଲାତିମଦର ମାସୁଲସଙ୍ଗେ କ୍ରମଶଃ ସରିକରିବା ପାଇଁ ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇଅଛନ୍ତି ।

---

## ପ୍ରେରିତପତ୍ର ।

---

ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ ! ନିମ୍ନଲିଖିତ କେତେକ ଧାଡି ଦୀପିକାରେ ଟିକିଏ ସ୍ଥାନ ଦେଲେ ଆମ୍ଭେମାନେ ଚିରବାଧିତ ହେବୁଁ ।

ଗତ ରବିବାରଦିନ ଶ୍ରୀଯୁକ୍ତ ବାବୁ ଗୋଲକଚନ୍ଦ୍ର ବୋଷଙ୍କ କୋଠାରେ ମଲ୍ଲଯୁଦ୍ଧ ହୋଇଥିଲା । ପ୍ରାୟ ସହସ୍ରାଧିକଲୋକ ଦେଖିବାକୁ ଯାଇଥିଲେ । ବାବୁମହାଶୟ ଦିନ ଘ ୧ ଘଣ୍ଟାଠାରୁ ଦିନ ଘ ୪ ଘଣ୍ଟା ପର୍ଯ୍ୟନ୍ତ ନିଜେ ଶାରୀରିକ ପରିଶ୍ରମ କରି, ଲୋକଙ୍କୁ କୋଠା ଉପରେ ଓ ତଳେ ସୁପଙ୍କ୍ତିକରି ବସାଇଥିଲେ । ଗୋଲକବାବୁଙ୍କ ଅନୁଗ୍ରହରୁ ଏ ନଗରର ଲୋକେ ଯେ କେତେଥର ମଲ୍ଲଯୁଦ୍ଧ ଦେଖିଲେଣି ଏହା କହିବାର ବାହୁଲ୍ୟ । ଚାରିଟା ବାଜିଲାପରେ କୁସ୍ତୀ ଆରମ୍ଭ ହେଲା । ମାତ୍ରଦୁହେଁ ପଞ୍ଜାବୀ ମୁସଲମାନ୍ ଅଟନ୍ତି, ଏକଜଣ ପ୍ରାୟ ଛମାସ ହେଲା ବାବୁଙ୍କ ନିକଟରେ ରହିଥିଲା, ଅନ୍ୟଜଣ ନୂତନ ଆସିଅଛି । ପୁରାତନର ନାମ ହାଫିସ୍ ଓ ନୂତନର ନାମ କାଲୁଅଟଇ । କୁସ୍ତୀ ଆରମ୍ଭ ହେଲାରୁ ହାଫିସ ହଠାତ୍ କାଲୁର ଛାତିରେ ଏକ ଆଘାତ କଲା ଓ ସେହି ଆଘାତରେ କାଲୁ ବଳହୀନ ହୋଇ ପଡିଲା, ତହୁଁ ହାଫିସ ତାକୁ ମାଡିବସି ବେକମୋଡି ଲେଉଟାଇ ଦେଲା । ଲେଉଟାଇଦେବା ସମୟରେ କାଲୁ ନିର୍ଜୀବପଦାର୍ଥପରି ଲେଉଟି ପଡିଲା । କିଛିମାତ୍ର ବଳ ପ୍ରକାଶ କରିବାର ଦେଖାଯାଇ ନାହିଁ ଛାଡିଦେବାରୁ ଦେଖାଗଲା ଯେ ସେ ମୂର୍ଛିତ ହୋଇ ପଡିଅଛି । ସେବା ଶୁଶ୍ରୂଷାଦି କରିବାରୁ କେତେକକ୍ଷଣରେ ଚେତା ପାଇଲା । କୁସ୍ତୀ ହେବା ପୂର୍ବରୁ ଦୁହେଁ ନିୟମ କରିଥିଲେ ଯେ, କୁସ୍ତୀର କାର୍ଯ୍ୟଛଡା ମରାମରି ପ୍ରକୃତ କଷ୍ଟ କରିବା ନାହିଁ କିନ୍ତୁ କୁସ୍ତୀସମୟରେ ଜଣେ ଏପରି କରିବାରୁ ଅଧିକାଂଶଲୋକ ଅତ୍ୟନ୍ତ ଦୁଃଖିତ ହୋଇଅଛନ୍ତି । କାଲୁ ଭଲମାଲ୍ ବୋଲି ତାହାର ନାମ ଏଠାରେ ଅନେକଦିନରୁ ଶୁଣାଥିଲା । ହାଫିସ ଯାହାସଙ୍ଗରେ ହାରିଥିଲା କାଲୁ ତାହାକୁ ଜିଣିଥିବାର ଶୁଣାଯାଏ । ସେ ପୂର୍ବୋକ୍ତ ଆଘାତ ପାଇବାରୁ ପଡିଗଲା ବୋଲି ଲୋକେ କହୁଅଛନ୍ତି । ଏହି ହେତୁରୁ ଆମ୍ଭେମାନେ ବାବୁଙ୍କୁ ଏତିକି ଅନୁରୋଧ କରୁଅଛୁଁ ଯେ କାଲୁକୁ ଆଉ କେତେଦିନ ରଖି ପୁନର୍ବାର ସେ ଦୁହିଙ୍କର କୁସ୍ତୀ କରାଇଲେ ଲୋକଙ୍କର ସନ୍ଦେହ ଓ ଦୁଃଖ ଦୂର ହୁଅନ୍ତା । ଇତି ।

୨୮।୧୧।୭୭ } ନିବେଦକ
କଟକ } କେତେକଜଣ ଦର୍ଶକ

କୁସ୍ତୀର ନିୟମ ଆମ୍ଭମାନଙ୍କୁ ଜଣା ନ ଥିବାରୁ ଉପରଲିଖିତ କଥା ସତ୍ୟ ହେଲେ ତାହା ନ୍ୟାୟ କି ଅନ୍ୟାୟ କହି ନ ପାରୁଁ ମାତ୍ର ବଡ଼କୁସ୍ତୀରେ ଉଭୟପକ୍ଷଙ୍କୁ ଅଗ୍ରେ ଆପଣା୨ ପ୍ରାଣ ବଞ୍ଚାଇବା କର୍ତ୍ତବ୍ୟ । ବଳବାନ୍ ଯେବେ ଅସାବଧାନତା ପ୍ରଯୁକ୍ତ ଆଘାତପାଇ ଅକର୍ମଣ୍ୟ ହୁଅଇ ତେବେ ବଳର ଅଭିମାନ କରିବା ତାହା ପକ୍ଷରେ ଉଚିତ ନୁହଇ ଓ ସର୍ବସାଧାରଣଙ୍କ ବିବେଚନାରେ ସେ ନିକୃଷ୍ଟ ହେବ । ମାତ୍ର ପୂର୍ବରୁ ଉଭୟପକ୍ଷ ମଧ୍ୟରେ ବିଶେଷ ନିୟମ ହୋଇଥିଲେ ଅସାବଧାନ ହେବା ଉଚିତ ନୁହଇ ।

ଉ,ଦୀ,ସଂ ।

---

## ମୂଲ୍ୟପ୍ରାପ୍ତି ।

ଶ୍ରୀ ଶ୍ରୀଧର ଜଗଦେବ ସାମନ୍ତ ଚେଙ୍କାନାଳ ଅଗ୍ରିମ ଟ ୩/
ମୁନସି ସୁଲତାନମହମ୍ମଦ କଟକ ବକାୟା ଟ ୨୲
ତପୋନିଧିଜଗନ୍ନାଥଭାରତି ଗୋସାଇ „ ଟ ୨୲
ବାବୁ ଲକ୍ଷ୍ମଣମିଶ୍ର ବନ୍ତକର୍ଣ୍ଣ ଦହାଟ „ ଟ ୩/

---

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

ଅଭିଷିକ୍ତ ।

---

ଉତ୍କଳଦୀପିକା

ତା ୨ ରଖ ମାହେ ଡିସମ୍ବର ସନ ୧୮୭୬ ମସିହା ।

---

ବିଜ୍ଞାପନ ।

ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ଯେକେହି ଓଡ଼ିଆ ଓ ଉର୍ଦ୍ଦୁ ଭାଷାରେ ମହାରାଣୀ ଶ୍ରୀ ଶ୍ରୀମତୀ ଭିକ୍ଟୋରିଆଙ୍କ "ଭାରତେଶ୍ୱରୀ ପଦଗ୍ରହଣ ବିଷୟକ" ଉତ୍କୃଷ୍ଟ କବିତା ଲେଖିବେ ସେମାନଙ୍କ ମଧ୍ୟରୁ ଯାହାଙ୍କର ରଚନା ସର୍ବୋତ୍କୃଷ୍ଟ ହେବ ତାହାଙ୍କୁ ଟ ୫୦୲ ଙ୍କା ଲେଖାଏ ପୁରସ୍କାର ଦିଆଯିବ ମାତ୍ର ଉକ୍ତ ରଚନା ଶଏଧାଡ଼ିରୁ ଉର୍ଦ୍ଧ୍ୱ ହେବ ନାହିଁ ।

ଶ୍ରୀ ଶ୍ରୀମତୀ ମହାରାଣୀଙ୍କର ଭାରତେଶ୍ୱରୀ ପଦ ଗ୍ରହଣ ଉପଲକ୍ଷେ ଆଗାମୀ ଜାନୁୟାରୀ ମାସ ପ୍ରଥମ ସପ୍ତାହରେ କଟକ ନଗରରେ ଯେଉଁ ଦରବାର ହେବ ତହିଁରେ ଉକ୍ତ କବିତା ନିଶ୍ଚୟ ପଠିତ ହେବ ରଚନାର ଯାଥାର୍ଥ୍ୟ ମନୋନୀତ କରିବାର୍ଥ ଉକ୍ତ କବିତା ଆମ୍ଭ ନିକଟକୁ ଚଳିତମାସ ତା ୨୫ ରିଖ ବା ତାହା ପୂର୍ବରୁ ପଠାଇବାକୁ ହେବ । ଇତି ।

କଟକ
୧-୧୨-୭୬

DWARKANATH CHAKARABURTY,
*Secretary to the Committee for Arranging Durbar Sports and Games.*

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୧ଶ | ସଂଖ୍ୟା ୪୯

ତା ୯ ରଖ ଡିସେମ୍ବର ସନ ୧୮୭୭ ମସିହା । ମୂ । ମାର୍ଗଶିର ଦ ୨୮ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୨୧୯
ମଫସଲପାଇଁ ଡାକମାସୁଲ ଟ୧୫୯

ଏଲାହାବାଦରୁ ଆସିଥିବା ତା ୪ ରଖର ବିଶେଷ ତାରଡାକ ସମ୍ବାଦ ଡେଲିନ୍ୟୁସରେ ପାଠକର ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦସହିତ ପାଠକମାନଙ୍କୁ ଜଣାଉଅଛୁଁ ଯେ ମାନ୍ୟବର ଅସଲି ଇଡନ୍‌ସାହେବ ବଙ୍ଗ ପ୍ରଦେଶର ଲେଫ୍‌ଟନାଣ୍ଟ ଗବର୍ଣ୍ଣର ପଦରେ ନିଯୁକ୍ତ ହୋଇଅଛନ୍ତି । ଏ ଶୁଭ ସମ୍ବାଦ ଅମ୍ଭେମାନେ ବହୁଦିନ ହେଲା ଶୁଣିବାକୁ ଆଶା କରିଥିଲୁଁ । ଏତେବେଳେ ବଙ୍ଗଳାର ସୌଭାଗ୍ୟକୁ ତାହା ଘଟନା ହେଲା । ସର ରିଚାର୍ଡ ଟେମ୍ପଲ ବମ୍ବେଇର ଗବର୍ଣ୍ଣର ପଦରେ ନିଯୁକ୍ତ ହୋଇଅଛନ୍ତି ।

---

ଦିଲ୍ଲୀ ମହାସଭାକୁ ଆମନ୍ତ୍ରିତ ହୋଇଥିବା ରାଜାଙ୍କ ତାଲିକାରେ ମଧ୍ୟପ୍ରଦେଶର ରାଜାଙ୍କ ମଧ୍ୟରୁ ସୋନପୁର, ରେଢ଼ାଖୋଲ, ବାମଣ୍ଡା, ଖାରୁଜି, କଳାହାଣ୍ଡି ଏବଂ ରାଏଗଡ଼ର ରାଜାମାନଙ୍କର ନାମ ଅଛି କିନ୍ତୁ ଓଡ଼ିଶା ଓ ଗଞ୍ଜାମ ଇଲାକାର କୌଣସି ରାଜାର ନାମ ନାହିଁ । ଏରୂପ ହେବାର କାରଣ କି ? ଅମ୍ଭମାନଙ୍କ ବିବେଚନାରେ ଅନ୍ତତଃ ଢେଙ୍କାନାଳର ମହାରାଜାଙ୍କୁ ଆମନ୍ତ୍ରଣ ହେବାର ଉଚିତ ଥିଲା । ମାତ୍ର କୌଣସି ରାଜାଙ୍କୁ ଡାକରା ନ ହେବାରେ ଏମନ୍ତ ସ୍ଵଭା ଅନୁମାନ ହୋଇପାରେ ଯେ ଓଡ଼ିଶା ଓ ଗଞ୍ଜାମ ଏଲାକାର ଗଡ଼ଜାତ ରାଜାମାନଙ୍କଠାରୁ ସମ୍ବଲପୁର ଗଡ଼ଜାତର ରାଜାମାନଙ୍କର ମର୍ଯ୍ୟାଦା ଅଧିକ ଅଟଇ । ଯାହା ହେଉ ଅମ୍ଭେମାନେ ପ୍ରକୃତ କାରଣ ବୁଝିବାକୁ ଅକ୍ଷମ ହୋଇଅଛୁଁ । ତାଲିକାର ଭଙ୍ଗୀରୁ ଆହୁରି ଜଣାଯାଏ ଯେ ମଧ୍ୟପ୍ରଦେଶର ଉପରଲିଖିତ ରାଜାଙ୍କର ନାମ ଶାସନକାରୀ ରାଜାଙ୍କ ଶ୍ରେଣୀରେ ଲେଖାଯାଇଅଛି ଅଥଚ ବଙ୍ଗଳାର ରାଜାମାନେ ଯଥା କୁଚବେହାର ଓ ବର୍ଦ୍ଧମାନ ରାଜାମାନେ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ତାଲିକାରେ ସ୍ଥାନ ପାଇଅଛନ୍ତି । ଗବର୍ଣ୍ଣମେଣ୍ଟ ଓଡ଼ିଶାର ରାଜାମାନଙ୍କୁ ଏହି ଶ୍ରେଣୀରେ ଗଣ୍ୟ କରିବାପରି ଜଣାଯାଏ ।

---

ଅମ୍ଭେମାନେ ଦେଖୁଁ ଯେ ମନ୍ଦ୍ରାଜ ଓ ବମ୍ବେଇର ଗବର୍ଣ୍ଣରମାନେ ଦିଲ୍ଲୀ ମହାସଭାକୁ ଯାଉଅଛନ୍ତି ଓ ପୂର୍ବେ ସେମାନଙ୍କର ନ ଯିବାର ସଂବାଦ ଯାହା ଶୁଣାଯାଉଥିଲା ତାହା ସ୍ଥିର ରହିଲା ନାହିଁ । ଏଥିରୁ ଏମନ୍ତ ଅବଶ୍ୟ ଅନୁଭବ ହୋଇପାରେ ଯେ ଉକ୍ତ ଦୁଇପ୍ରଦେଶର ଦୁର୍ଭିକ୍ଷ ଯେରୂପ ଭୟଙ୍କର ହେବାର ଶୁଣାଯାଉଥିଲା ପ୍ରକୃତରେ ତାହା ନୁହଇ ମାତ୍ର ଅମ୍ଭମାନଙ୍କ ବିବେଚନାରେ ଦୁର୍ଭିକ୍ଷ ସେହିପରି ଅଛି କେବଳ ମାନ୍ଦ୍ରାଜର କେତେକ ସ୍ଥଳରେ ଅଳ୍ପ ବୃଷ୍ଟି ହେବାରୁ ଦୁର୍ଭିକ୍ଷର ପ୍ରତାପ କିଛି ଊଣା ହୋଇଅଛି । ତଥାପି ମାନ୍ଦ୍ରାଜ ସହର ନିକଟରେ ୧୫୦୦୦ ଅନାଥବ୍ୟକ୍ତି ଜମା ହେବାର ଓ ତାହାଙ୍କ ସାହାଯ୍ୟ ନିମିତ୍ତ ଶୀଘ୍ର ଉପାୟ କରିବାର ଆବଶ୍ୟକ ବୋଲି ଖଣ୍ଡିଏ ସ୍ଥାନୀୟ ସଂବାଦରେ ଲେଖା ଅଛି । ବାସ୍ତବରେ ବର୍ଷାକାଳରେ ଅନାବୃଷ୍ଟି ହେତୁଁ ଯେଉଁ ଫସଲ ନଷ୍ଟ ହୋଇଅଛି ତାହା ଏତେବେଳେ କୌଣସିରୂପେ ରକ୍ଷା ପାଇବାର ନୁହଇ ସୁତରାଂ ଦୁର୍ଭିକ୍ଷ ସେହିପରି ଅଛି କେବଳ ଗୃହଆଡୁ ପ୍ରଚୁର ଶସ୍ୟ ବହି ଆସିବାରୁ ଓ ସାହାଯ୍ୟ କର୍ମ ସ୍ଥାନୀୟ ହାକିମମାନେ ନିୟମିତରୂପେ ନିର୍ବାହ କରିବାରୁ ଗବର୍ଣ୍ଣରମାନେ ଅବସର ପାଇ ଦିଲ୍ଲୀ ମହାସଭାରେ ଆମୋଦ ପ୍ରମୋଦ କରିବାକୁ ଯାଉଅଛନ୍ତି ଏହିରୂପ ଅମ୍ଭେମାନେ ବିଶ୍ୱାସ କରୁଁ ।

---

ତୁରୁସ୍କର ଯୁଦ୍ଧ ସ୍ଥଗିତ ହୋଇଅଛି ଏବଂ ତୁରସ୍କ ଲାଗି ଯେତେ ଗୋଳମାଳ ଇଉରୋପରେ ଜାତ ହୋଇଅଛି ସେସମସ୍ତ ମୀମାଂସା କରିବା ଲାଗି କନଷ୍ଟାଣ୍ଟିନୋପଲ ନଗରରେ ଗୋଟିଏ ମହାସଭା ବସିଅଛି ସମସ୍ତ ରାଜାଙ୍କର ପ୍ରତିନିଧି ଏଠାକୁ ଆସୁଅଛନ୍ତି । ଇଂଲଣ୍ଡରୁ ଭାରତବର୍ଷର ସେକ୍ରେଟରି ଲର୍ଡ ସାଲିସ୍‌ବରି ସାହେବ ପ୍ରେରିତ ହୋଇଅଛନ୍ତି । ଏ ସେକ୍ରେଟରିଙ୍କର ଯେତେ ଅଧିକ କାର୍ଯ୍ୟ ଓ ସମ୍ପ୍ରତି ରୂପାର ବଜାର ଦର ଏବଂ ଦିଲ୍ଲୀ ଦରବାର ହେତୁ ଯେତେ କାର୍ଯ୍ୟ ବଢ଼ିଅଛି ତହିଁରେ ଏହାଙ୍କୁ ଅବସର ନ ଥିଲା ତଥାପି ପୂର୍ବଦେଶ ସମସ୍ତର ବ୍ୟାପାର ହେତୁ ଯେତେ ଅନିଶ୍ଚିତ ବର୍ତ୍ତମାନ ରହିଅଛି ତାହା ସ୍ଥିର କରିବା ସର୍ବାପେକ୍ଷା ଗୁରୁତର କାର୍ଯ୍ୟ ବୋଲି ଇଂଲଣ୍ଡ ତାହାଙ୍କୁ ଏ କାର୍ଯ୍ୟ ସାଧନ ସକାଶେ ପଠାଇଅଛନ୍ତି । ଲର୍ଡ ସାଲିସବରି ଜର୍ମାନୀ,

Digitized by srujanika@gmail.com

Split by PDF Splitter

209



ଅଷ୍ଟ୍ରିୟା ଇଟାଲି ପ୍ରଭୃତି ଦେଶର ରାଜାମାନଙ୍କ ସଙ୍ଗେ ସାକ୍ଷାତ ଓ ସେମାନଙ୍କର ମତାମତ ଅବଗତ ହୋଇ ସ୍ୱସ୍ଥାନକୁ ଯାଉଅଛନ୍ତି । ତାରଡାକ ଯୋଗେ ସମ୍ବାଦ ଆସିଅଛି ଯେ ଜର୍ମାନୀରେ ବିସମାର୍କଙ୍କ ସଙ୍ଗେ ଏହାଙ୍କର ଭେଟ ହୋଇଥିଲା । ବିସମାର୍କ କହଲେ ଯେ ଯୁଦ୍ଧ ହେବାର କୌଣସି ସମ୍ଭାବନା ନାହିଁ ଓ ରୁସିୟା ନିବର୍ତ୍ତ ରହିବେ ବୋଲି ତାହାଙ୍କର ବିଶ୍ୱାସ ଅଛି ତଥାଚ ଯଦ୍ୟପି ଯୁଦ୍ଧ ହେବ ତେବେ ସେ ନିଶ୍ଚୟ କହୁଅଛନ୍ତି ଯେ ଜର୍ମାନୀ ନିରପେକ୍ଷ ରହିବେ ।

---

## ଦରବାର

ଦରବାରର ଆମନ୍ତ୍ରଣପତ୍ରମାନ ବାହାରିଅଛି । ତହିଁରୁ ଦେଖାଯାଏ ଯେ ଏଥର ଦରବାରଟି ଅତି ବୃହତ ହେବ ପ୍ରାୟ ଏପରି ଦରବାର ଏ ନଗରରେ କୌଣସିକାଳେ ହୋଇ ନ ଥିଲା । ପୂର୍ବ ଦରବାରମାନଙ୍କରେ ଯେ ସମସ୍ତ ଲୋକଙ୍କୁ ଆମନ୍ତ୍ରଣ ହୋଇଥିଲା ତାହାଙ୍କଠାରୁ ଅଧିକା ଅନେକଲୋକଙ୍କୁ ଆମନ୍ତ୍ରଣ ହୋଇଅଛି ସର୍ବସୁଦ୍ଧା ପ୍ରାୟ ୫ ୩୦୦ ଶ ଟିକଟ ବାହାରିବାର ଶୁଣୁଅଛୁଁ ଫଳତଃ ଘୋଷଣାପତ୍ର ପ୍ରଚୁର କରିବା ସକାଶେ ଯେମନ୍ତ ବୃହତ ସଭାର ଆବଶ୍ୟକ ସେପରି ହୋଇଅଛି ଏବଂ ଆମନ୍ତ୍ରଣ ନ ହେବା ହେତୁ ଅଧିକଲୋକ ଦୁଃଖିତ ହେବାର ଅମ୍ଭେମାନେ ଶୁଣିନାହୁଁ ।

ଦରବାର ସଭାରେ ପ୍ରଶଂସାପତ୍ରମାନ ବଣ୍ଟା ଯିବାର ପ୍ରସ୍ତାବ ହୋଇଅଛି ବୋଲି ଅମ୍ଭେମାନେ ପୂର୍ବରୁ ପାଠକମାନଙ୍କୁ ଜଣାଇଅଛୁଁ । କିଏ ସେରୂପ ମର୍ଯ୍ୟାଦା ପାଇବାର ଉପଯୁକ୍ତ ଏହି କଥା ଘେନ ବର୍ତ୍ତମାନ ବିସ୍ତରଲୋକ ବ୍ୟସ୍ତ ହେବାର ଦେଖାଯାଏ । ଗବର୍ଣ୍ଣମେଣ୍ଟ ଆଜ୍ଞାର ମର୍ମ ଏହି ଯେ ଯେଉଁମାନେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଶାସନ ପ୍ରତି ପ୍ରଗାଢ ଭକ୍ତି ଦେଖାଇଅଛନ୍ତି ଏବଂ ନାନାପ୍ରକାର କମିଟିର ମେମ୍ବର ଓ ଅନ୍ୟାନ୍ୟପଦ ଗ୍ରହଣପୂର୍ବକ ଅତି ଯୋଗ୍ୟତା ସହିତ କର୍ମ କରୁଅଛନ୍ତି ସେମାନଙ୍କୁ ଉପରଲିଖିତ ପ୍ରଶଂସାପତ୍ରମାନ ଦିଆଯିବ । ଯେଉଁମାନେ ସାଧାରଣ ହିତକର କାର୍ଯ୍ୟମାନ କରିଅଛନ୍ତି ସେମାନେ ମଧ୍ୟ ତାହା ପାଇବାର ଯୋଗ୍ୟ । ଏପ୍ରକାର ବ୍ୟକ୍ତି ଓଡିଶାରେ କେଉଁମାନେ ଅଛନ୍ତି ଓ କାହାକୁ ପ୍ରଶଂସାପତ୍ର ଦିଆଗଲେ ସର୍ବସାଧାରଣଙ୍କର ମନୋନୀତ ହେବ ତହିଁର ତାଲିକା ତିନିଜିଲ୍ଲାର କଲେକ୍ଟରମାନେ ପଠାଇଅଛନ୍ତି ଓ କମିଶ୍ନର ତହିଁମଧ୍ୟରୁ କେତେକଜଣଙ୍କୁ ମନୋନୀତ କରି ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁର ସକାଶେ ପଠାଇଅଛନ୍ତି । ଏ ବ୍ୟକ୍ତିମାନଙ୍କର ନାମ ଅମ୍ଭେମାନେ କହି ନ ପାରୁଁ କାରଣ ଏ ସମ୍ପର୍କୀୟ କାର୍ଯ୍ୟମାନ ଗୋପନରେ ହେଉଅଛି ଓ ତାହା ହେବାର ଉଚିତ । କେହି୨ କଲେକ୍ଟର କେତେ ଜଣ ଅମଲା ଓ ପେନସନ ପ୍ରାପ୍ତ ଅମଲାଙ୍କର ନାମ ଲେଖିଥିଲେ ମାତ୍ର ଗବର୍ଣ୍ଣମେଣ୍ଟରୁ ଆଜ୍ଞା ଆସିଅଛି ଯେ ରାଜାମାନେ ଓ ଯେଉଁ ଗବର୍ଣ୍ଣମେଣ୍ଟ କର୍ମଚାରୀମାନେ କାର୍ଯ୍ୟ କରୁଅଛନ୍ତି ସେମାନେ ପ୍ରଶଂସାପତ୍ର ପାଇବେ ନାହିଁ । ଏ ନିୟମଟି ଯେ ଉଚିତ ହୋଇଅଛି ତାହା ସମସ୍ତେ ସ୍ୱୀକାର କରିବେ । ଜନରବ ଶୁଣାଯାଏ ଯେ ଭିନ୍ନ୨ କମିଟିରେ ମେମ୍ବର ହୋଇଥିବା ଗବର୍ଣ୍ଣମେଣ୍ଟ କର୍ମଚାରୀଙ୍କୁ ଛାଡି ଅନ୍ୟଲୋକଙ୍କ ମଧ୍ୟରୁ କେତେକଜଣଙ୍କୁ ପ୍ରଶଂସାପତ୍ର ଦେବା ପାଇଁ କମିଶନରସାହେବ ମନୋନୀତ କରିଅଛନ୍ତି ଓ ତହିଁରେ ପୁନା ପିରୁଲର ଏଲଦର ହୋଇଅଛୁ । ଅମ୍ଭେମାନେ ପୂର୍ବରୁ ଆଶଙ୍କା କରୁଥିଲୁଁ ଯେ ଏଥିରେ ଅନେକଲୋକଙ୍କର ମନଃପୀଡା ହେବ ଓ ଯାହା ଶୁଣାଯାଏ ତାହା ସତ୍ୟ ହେଲେ ସେରୂପ ଘଟିବାର ନିଶ୍ଚୟ ବୋଧ ହେଉଅଛି । ବରଂ ପ୍ରଶଂସାପତ୍ର ନ ପାଇବାର ଭଲ ଯୋଗ୍ୟଲୋକ ସଙ୍ଗେ ଅଯୋଗ୍ୟଲୋକ ପ୍ରଶଂସାପତ୍ର ପାଇଲେ ତହିଁର କିଛିମାତ୍ର ମୂଲ୍ୟ ହେବ ନାହିଁ । ସ୍ଥାନୀୟ ହାକିମମାନଙ୍କ ଉପରେ ଘୋଷଣା ପ୍ରଚୁର ସମ୍ପର୍କରେ ଯେତେକାର୍ଯ୍ୟ ପଡିଅଛି ତହିଁମଧ୍ୟରେ ପ୍ରଶଂସାପତ୍ର ପାଇବାର ଯୋଗ୍ୟବ୍ୟକ୍ତି ସ୍ଥିରକରିବା ଅତି ସୂକ୍ଷ୍ମଦର୍ଶିତା ଓ ନିରପେକ୍ଷ ବିଚାରର କାର୍ଯ୍ୟ ଅଟଇ ମାତ୍ର ଅମ୍ଭେମାନେ ବୋଧକରୁଁ ଯେ ଉପଯୁକ୍ତ ବିବେଚନା ସହିତ ଏ କାର୍ଯ୍ୟଟି ନ ହୋଇ ସମୟ ନ ଥିବାରୁ କିଛି ତରତରରେ ସମ୍ପନ୍ନ ହୋଇଅଛି । ଯାହା ହେଉ ଅମ୍ଭେମାନେ ଆଶାକରୁଁ ଯେ ଏ ବିଷୟରେ ଯାହା ଜନରବ ଶୁଣାଯାଏ ତାହା ମିଥ୍ୟା ଅଟେ ଓ ବାସ୍ତବରେ ଉପଯୁକ୍ତବ୍ୟକ୍ତିମାନେ ଏପରି ମର୍ଯ୍ୟାଦା ପାଇବେ ।

---

## ଅସନ୍ତା ଉତ୍ସବର ବନ୍ଦୋବସ୍ତ ।

ଏକାର୍ଯ୍ୟ ସକାଶେ ଗତ ଶନିବାର ସଭା ହେବାର କଥା ଅମ୍ଭେମାନେ ଗତ ସପ୍ତାହର ପତ୍ରିକାରେ ଲେଖିଥିଲୁଁ । ତଦନୁସାରେ ଉକ୍ତ ଦିନ ସକାଳ ସ ୮ ଘଣ୍ଟା ସମୟରେ ଛାପାଖାନା ହୋମହଲରେ ସଭା ହୋଇଥିଲା । ଏ ସଭାରେ ଏ ନଗରବାସୀ ପ୍ରଧାନ୨ ଇଂରାଜ ଓ ଦେଶୀୟଲୋକ ସର୍ବସୁଦ୍ଧା ପ୍ରାୟ ଜ ୮୦ ଣ ହେବେ ଉପସ୍ଥିତ ହୋଇଥିଲେ । ଇଂରାଜଙ୍କ ମଧ୍ୟରେ ଶ୍ରୀଯୁକ୍ତ ରେବନସା, ମାକଫର୍ସନ, ବମ୍ସ, ଟଏନବୀ, ଏଲିଷ୍ଟନ ଏବଂ ଉଇଁଟରସ୍ମେଲ ସାହେବମାନେ ଏବଂ ଦେଶୀୟ ଲୋକ ମଧ୍ୟରେ ସୁକିନ୍ଦା ଓ ବଲରାମପୁରର ରାଜା, ବାବୁମାନେ ବୈଦ୍ୟନାଥ ପଣ୍ଡିତ, କଭାସ୍ୟାଗଲ ପଣ୍ଡିତ, ଚୌଧୁରୀ କାଶିନାଥଦାସ, ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ ଅନ୍ନଦାପ୍ରସାଦ ଘୋଷ, ଜଗନ୍ମୋହନରାୟ, ହରେକୃଷ୍ଣଦାସ, ମୌଲବୀ ଅବଦୁଲକାଦର, ସକଲ କଚେରିର ସିରସ୍ତାଦାର ଓ ହେଡକିରାନିମାନେ ବାବୁ ରଘୁନାଥ ଘୋଷ, ମୁନସି ଥଜଜଖାନ ଏବଂ ଅନ୍ୟାନ୍ୟ ଅନେକ ଗବର୍ଣ୍ଣମେଣ୍ଟ କର୍ମଚାରୀ ଜମିଦାର ଏବଂ ମହାଜନମାନେ ଉପସ୍ଥିତ ହୋଇଥିଲେ । ଶ୍ରୀଯୁକ୍ତ ରେବନସାସାହେବ ସର୍ବସାଧାରଣଙ୍କ ମନୋନୀତ ମତେ ସଭାପତିର ଆସନ ଗ୍ରହଣ କଲେ ଏବଂ ତଳ ଲେଖିତରୂପେ ସଭାର କାର୍ଯ୍ୟ ସମ୍ପନ୍ନ ହେଲା ଯଥା;—

“ ସର୍ବସାଧାରଣଙ୍କ ଆମୋଦ ପ୍ରମୋଦର ଭୂମିକା ପ୍ରସ୍ତୁତ କରିବା ବିଷୟରେ ମିଉନିସିପଲ କମିଟୀଙ୍କୁ ସାହାଯ୍ୟ ପ୍ରଦାନାର୍ଥେ ସଭ୍ୟମାନଙ୍କ ସଭାକୁ ଆହ୍ୱାନ କରାଯିବାର ଯେଉଁ ବିଜ୍ଞାପନ ପ୍ରଚୁର ହୋଇଥିଲା ତାହା ପାଠହେଲା ।

ଶ୍ରୀଯୁକ୍ତ କମିଶ୍ନରସାହେବ ପ୍ରସ୍ତାବ କଲେ ଯେ ଗୋଟିଏ ଚନ୍ଦାର ତାଲିକା ସର୍ବସାଧାରଣଙ୍କଠାରେ ଫେରାଇବାକୁ ହେବ ଓ ତଦ୍ଦ୍ୱାରା ଯେତେ ଟଙ୍କା ଆୟ ହେବ ଓ ସରକାରରୁ ଯେ ଟ ୪୦୦ ଙ୍କା ଦତ୍ତ ହୋଇଅଛି ତାହା ସହିତରେ ତଦୁପଯୁକ୍ତ ମତେ ଆମୋଦ ପ୍ରମୋଦର ଶୃଙ୍ଖଳା କରାଯିବ ଏ ବିଷୟରେ ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟ ସହାୟତା କଲେ ମଧ୍ୟ ତହିଁରେ ସମସ୍ତେ ଏକବାକ୍ୟ ହୋଇ ସମ୍ମତ ହେଲେ ।

ଆଉ କେତେକ ତର୍କବିତର୍କ ହେଲାଉତାରେ ନିମ୍ନଲିଖିତ ସାଧାରଣ କଳ୍ପନାମାନ ସ୍ୱୀକୃତ ହେଲା

ସନ ୧୮୭୭ ଜନୋରୀ

୧ହିଁ ସୋମବାର ରାଜକୀୟ ଘୋଷଣା ଓ ଦରବାର ହେବ ।

୨ହିଁ ମଙ୍ଗଳବାର ନଗରରେ ରୋଷନାଇ ଓ ଆତସବାଜୀ ଓ ନଗର ପରିଭ୍ରମଣ କରାଯିବ ।

Digitized by srujanika@gmail.com

Split by PDF Splitter



| | |
|---|---|
| ୩ହିଁ ବୁଧବାର | ଦିନବେଳେ ମଲ୍ଲଯୁଦ୍ଧ ପିଲ୍ଲମାନଙ୍କର ଖେଳ ଇତ୍ୟାଦି ଏବଂ ରାତ୍ରରେ ନାଚର ମଜଲିସ ହେବ । |
| ୪ହିଁ ଗୁରୁବାର | ଶ୍ରୀଯୁକ୍ତ କମିଶନରସାହେବଙ୍କ କୋଠିରେ ଭଦ୍ରଲୋକମାନଙ୍କର ଆହ୍ୱାନ ହେବ । |
| ୫ହିଁ ଶୁକ୍ରବାର | ଘୋଡ଼ଦଉଡ଼ ଓ ଦେଶୀୟ ଆମୋଦ କରାଯିବ । |
| ୬ହିଁ ଶନିବାର | ଏ ଦିନର କାର୍ଯ୍ୟ ପଶ୍ଚାତ୍ ସ୍ଥିର ହେବ । |

ଶ୍ରୀଯୁକ୍ତ ମେକ୍‌ଫର୍ସନସାହେବ ପ୍ରସ୍ତାବ କଲେ ଯେ ଏ ଶୁଭଘଟନାକୁ ଚିରସ୍ମରଣୀୟ କରଣାର୍ଥେ ଗୋଟିଏ ଚନ୍ଦାକର ଦ୍ୱାରା ଇଉରୋପୀୟ ଓ ଦେଶୀୟ ଲୋକଙ୍କର ଏକତ୍ର ହେବାକାରଣ ଗୋଟିଏ ବୃହତ୍ ଅଟ୍ଟାଳିକା ପ୍ରସ୍ତୁତ କରାଯିବ ଓ ତହିଁ ସଙ୍ଗେ ମଧ୍ୟ ଗୋଟିଏ ସାଧାରଣ ଉଦ୍ୟାନ ସଂଯୁକ୍ତ ରହିବ । ଏ ବିଷୟରେ ବାବୁ ଜଗନ୍ମୋହନ ରାୟ ସହାୟତା କଲେ ତହୁଁ ସମସ୍ତେ ଏକବାକ୍ୟ ହୋଇ ତହିଁରେ ସମ୍ମତି ପ୍ରଦାନ କଲେ ।

ବାବୁ ଜଗନ୍ମୋହନ ରାୟ ଜଣାଇଲେ ଯେ ଆମୋଦ ପ୍ରମୋଦ ବିଷୟ ଶୃଙ୍ଖଳାବଦ୍ଧ କରିବା କାରଣ ମ୍ୟୁନିସିପଲ କମିଟୀକୁ ସାହାଯ୍ୟ କରିବାକୁ ନିମ୍ନଲିଖିତ ଭଦ୍ରଲୋକମାନେ ସମ୍ମତି ପ୍ରଦାନ କରି ଅଛନ୍ତି ।

ଜି, ଟିଏନବୀସାହେବ
ବାବୁ ଅନ୍ନଦାପ୍ରସାଦ ଘୋଷ
„ ଦ୍ୱାରିକାନାଥ ଚକ୍ରବର୍ତ୍ତୀ
ମୌଲବୀ ଅବ୍‌ଦୁଲକାଦର
ବାବୁ ନିମାଇଚରଣ ଲେଉରି
„ ଗୌରୀଶଙ୍କର ରାୟ
„ ହରେକୃଷ୍ଣ ଦାସ
„ ନନ୍ଦକିଶୋର ଦାସ

ସମସ୍ତଙ୍କର ଏକମତରେ ଏହି କଥା ସ୍ଥିର କରାଗଲା କି ଉପରୁକ୍ତ ମହୋଦୟମାନେ ଏ କର୍ମ ଗ୍ରହଣ କରିଥିବାକାରଣ ସେମାନଙ୍କୁ ଧନ୍ୟବାଦ ପ୍ରଦାନ କରାଯାଉ ଓ ସେମାନଙ୍କୁ ଅନୁରୋଧ କରାଯାଉ ଯେ ସେମାନେ ଏକତ୍ର ହୋଇ ମ୍ୟୁନିସିପଲ କମିଟୀଙ୍କ ସଙ୍ଗେ ସମଗ୍ର ବିସ୍ତାରିତ କାର୍ଯ୍ୟମାନ ସ୍ଥିର କରିବାପକ୍ଷେ ସାହାଯ୍ୟ କରିବେ ଓ ଚନ୍ଦା ସଂଗ୍ରହ କରିବା ବିଷୟରେ ବିଶେଷରୂପେ ମନୋଯୋଗୀ ହେବେ ।

ଶ୍ରୀଯୁକ୍ତ କଲେକ୍ଟରସାହେବ ପ୍ରସ୍ତାବ କଲେ ଯେ ଖଣ୍ଡିଏ ରାଜଭକ୍ତି ଓ ଆନନ୍ଦସୂଚକ ଆବେଦନପତ୍ର ପ୍ରସ୍ତୁତ କରାଯାଇ ଅତିବ କରୁଣାମୟୀ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଛାମୁକୁ ପ୍ରେରଣାର୍ଥେ ସମର୍ପଣ କରାଯିବ ଓ ଉକ୍ତ ଆବେଦନପତ୍ର ଇଂରାଜୀ ଓ ଉତ୍କଳଭାଷାରେ ପ୍ରସ୍ତୁତ କରିବା କାରଣ ଦୁଇଜଣ ଇଉରୋପୀୟ ଓ ଦୁଇଜଣ ଦେଶୀୟ ଭଦ୍ରଲୋକମାନଙ୍କୁ ଅନୁରୋଧ କରାଯିବ

ଏକଥାରେ ପ୍ରଶଂସିତ କମିଶନରସାହେବ ଓ ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟ ପୋଷକତା କରିବାରୁ ତାହା ଏକବାକ୍ୟରେ ସର୍ବସମ୍ମତ ହେଲା ।

| | |
|---|---|
| ଶ୍ରୀଯୁକ୍ତ କମିଶନରସାହେବ<br>„ କଲେକ୍ଟରସାହେବ<br>ବାବୁ ନନ୍ଦକିଶୋରଦାସ<br>„ ବୈଜନାଥପଣ୍ଡିତ | ଏହିମାନଙ୍କୁ ଏ ବିଷୟର କମିଟୀରେ ମନୋନୀତ କରାଗଲା । |

ସର୍ବସାଧାରଣଙ୍କ ଆମୋଦ ପ୍ରମୋଦ ନିମିତ୍ତ ଓ ସାଧାରଣ କୀର୍ତ୍ତି ସ୍ଥାପନାର୍ଥେ ଚନ୍ଦା ଏକତ୍ରେ କିମ୍ବା ପୃଥକ୍ ୨ ହୋଇ ସଂଗ୍ରହ ହେବ ଏହି ବିଷୟରେ କମିଟୀର ମତ ପ୍ରଶ୍ନ କରାଗଲା ଓ ସଭ୍ୟମାନଙ୍କର ସାଧାରଣ ଇଚ୍ଛା ଏହି ହେଲା ଯେ ଦୁଇବିଷୟର ଚନ୍ଦା ପୃଥକ୍ ୨ ହେବ ମାତ୍ର ଦୁଇ ଚନ୍ଦାର ତାଲିକା ଏକତ୍ରେ ଫେରାଇବାକୁ ହେବ ।

ସ୍ଥିରକରାଗଲା ଯେ ଉପରୋକ୍ତ ମନ୍ତବ୍ୟ ଅନୁବାଦ କରାଯାଇ ସ୍ଥାନୀୟ ସମ୍ବାଦପତ୍ର ଓ ଗଜେଟରେ ପ୍ରକାଶ କରାଯାଉ ।

ଉପସ୍ଥିତଥିବା ଭଦ୍ରଲୋକଙ୍କ ମଧ୍ୟରୁ କେତେକବ୍ୟକ୍ତି ଏହି ଇଚ୍ଛା ପ୍ରକାଶକଲେ ଯେ ସେମାନଙ୍କ ନାମ ସେହିକ୍ଷଣି ଲିପିବଦ୍ଧ କରାଯାଉ ତହୁଁ ନିମ୍ନଲିଖିତ ଟଙ୍କାର ଚନ୍ଦା ସ୍ୱାକ୍ଷରିତ ହେଲା ।

| | |
|---|---|
| ସାଧାରଣ ଆମୋଦ ପ୍ରମୋଦ ନିମନ୍ତେ | ଟ୧୦୧୦୮ |
| ସ୍ମରଣାର୍ଥ କୀର୍ତ୍ତିସ୍ୱରୂପ ଅଟ୍ଟାଳିକା ପ୍ରସ୍ତୁତ ନିମନ୍ତେ | ଟ୬୪୯୫୮" |

ଉପସ୍ଥିତ ସଭ୍ୟମାନେ ଯେଯେତେ ଚାନ୍ଦା ଦେଇ ଅଛନ୍ତି ତହିଁର ତାଲିକା ଅତିରିକ୍ତ ପତ୍ରିକାରେ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶିତ ହେଲା ଏ ଉତ୍ତାରୁ ଯେଉଁମାନେ ଅଧିକ ଚାନ୍ଦା ଦେବାର ଜଣାଯିବ ତାହାଙ୍କ ନାମ ଓ ଚାନ୍ଦାର ପରିମାଣ ପ୍ରକାଶ କରିବାର ଚେଷ୍ଟା କରିବୁଁ ।

ଉପର ଲିଖିତ ନିର୍ଦ୍ଧାରଣ ସମସ୍ତରୁ ପାଠକମାନେ ଦେଖିବେ ଯେ ଆମ୍ଭେମାନେ ଏଥିପୂର୍ବ ଯେତେ କଥାର ପ୍ରସ୍ତାବ କରିଥିଲୁଁ ସେ ସମସ୍ତ ସଭାରେ ଧାର୍ଯ୍ୟ ହୋଇଅଛି ପୁଣି ଚିରସ୍ଥାୟୀ କୀର୍ତ୍ତି ବିଷୟକ ପ୍ରସ୍ତାବରେ ଆମ୍ଭେମାନେ ଯେମନ୍ତ ଆନନ୍ଦିତ ହୋଇଅଛୁଁ ସ୍ଥାନୀୟ ପ୍ରଧାନ ବ୍ୟକ୍ତିମାନେ ତଦୁପଯୁକ୍ତ ଚାନ୍ଦା ଦେବାରେ ତତୋଧିକ କୃତଜ୍ଞ ହୋଇଅଛୁଁ ଜମିଦାରମାନେ ଯେବେ ଏପରି ଦାନ କଲେ ତେବେ ରାଜାମାନେ ଅବଶ୍ୟ ଏଥିରୁଁ ଅଧିକ ଦାନ କରିବେ ଏହା ସହଜରେ ଆଶା ହୋଇପାରେ ଏବଂ ଆମ୍ଭେମାନେ ଏକାନ୍ତ ପ୍ରାର୍ଥନା କରୁଁ ଯେ ରାଜା ଓ ଅପର ଜମିଦାରମାନେ ଏହି ଦେଶ ହିତକର ଓ ଉତ୍କୃଷ୍ଟକାର୍ଯ୍ୟ ସାଧନ ପକ୍ଷରେ କୃପଣତା ପ୍ରକାଶ କରିବେ ନାହିଁ । ସମ୍ପ୍ରତି ଯେଉଁ ଆମୋଦ ପ୍ରମୋଦ ହେବ ତହିଁର ତଳ ଲିଖିତ ଆୟୋଜନମାନ ସବ୍ କମିଟି ଏବଂ କଲେକ୍ଟରସାହେବ କରୁଅଛନ୍ତି । ତାହା ଏହି ଯଥା;—

ନଗର ରୋଷନାଇ ବାଣ ପୋଡ଼ିବା ନୃତ୍ୟଗୀତର ମଜଲିସ, କୁହୁକ ବ୍ୟାୟାମ କ୍ରୀଡ଼ାପ୍ରଭୃତି, ଘୋଡ଼ାଦୌଡ଼, ଇୟୁରୋପୀୟ ଏବଂ ଦେଶୀୟ ଭଦ୍ରଲୋକଙ୍କ ପୃଥକ୍ ଭୋଜୀ, ଦରିଦ୍ରମାନଙ୍କୁ ଭୋଜନ ଓ ବସ୍ତ୍ରଦାନ ଇତ୍ୟାଦି । ଏ ସମସ୍ତ କାର୍ଯ୍ୟ ସୁଚାରୁରୂପେ ନିର୍ବାହ କରିବା ଲାଗି କମିଟିର ପୃଥକ୍ ୨ ସଭ୍ୟମାନେ ନିଯୁକ୍ତ ହୋଇଅଛନ୍ତି ଓ ଯେ ଯାହା କାର୍ଯ୍ୟରେ ତତ୍ପର ହୋଇଥିବାରୁ ନଗର ମଧ୍ୟରେ ଏହି ସମସ୍ତ ଆୟୋଜନର ଚହଲ ଲାଗି ରହିଅଛି । କେଉଁ ଦିନ କେଉଁ ସମୟରେ କି କାର୍ଯ୍ୟ ହେବ ତହିଁର ବିସ୍ତାରିତ ବିବରଣ ଏ ପଛେ ବାହାରିବ । ଭାରପ୍ରାପ୍ତ ବ୍ୟକ୍ତିମାନେ ଅତି ମନୋହର ଆମୋଦ ସକାଶେ କିଛି ମାତ୍ର ତ୍ରୁଟି କରୁ ନାହାନ୍ତି କିନ୍ତୁ ଅର୍ଥ ସବୁ କଥାର ମୂଳ ଅଟଇ ଅତଏବ ସର୍ବସାଧାରଣଙ୍କୁ ଅନୁରୋଧ କରୁ ଅଛୁଁ ଯେ ଚାନ୍ଦା ସ୍ୱାକ୍ଷର ଓ ତାହା ପ୍ରଦାନ କରିବାରେ ଅତ୍ୟନ୍ତ ତତ୍ପର ହେଉନ୍ତୁ ।

---

## ସାପ୍ତାହିକସଂବାଦ ।

ଶ୍ରୀଯୁକ୍ତ ଜଜ ସାହେବ ବାଲେଶ୍ୱର ଦୌରା ନିମିତ୍ତ ଅଦ୍ୟ ଉକ୍ତ ନଗରକୁ ଯାତ୍ରା କରିବେ ।

ବାଲେଶ୍ୱରରେ ଯେଉଁ ଓଡ଼ିଆମାନେ ବଙ୍ଗଳା ମାନଭଞ୍ଜନ ଇତ୍ୟାଦି ଯାତ୍ରା ଶିକ୍ଷା କରିଅ-

Digitized by srujanika@gmail.com

ଛନ୍ତି ସେମାନେ ଏନଗରକୁ ଆସିଅଛନ୍ତି । ଏମାନେ କପରି ଶୁଶ୍ରୂଷା କରିଅଛନ୍ତି ଦେଖିବାରେ ଆସିବ ।

ବଙ୍ଗଳାର ଗତ ତୋଫାନର ସମ୍ବାଦ ଶୁଣି ଶ୍ରୀମତୀ ମହାରାଣୀ ବିଲାତରୁ ଭାରତାକରେ ସମ୍ବାଦ ପଠାଇଅଛନ୍ତି କି ବଙ୍ଗଳାର ଉପକୂଳ ନିବାସି ବହୁତଲୋକ ବନ୍ୟାରେ ମରିଯିବାର ଶୁଣି ସେ ଅତ୍ୟନ୍ତ ଚିନ୍ତିତ ହୋଇଅଛନ୍ତି । ମହାରାଣୀଙ୍କର ଏରୂପ ଖେଦପ୍ରକାଶ କରିବାରେ ଅବଶ୍ୟ ଜଣାଯାଉଅଛି ଯେ ତାହାଙ୍କର ଅତ୍ୟନ୍ତ ଦୟାଅଛି କିନ୍ତୁ ଏଥିସଙ୍ଗେ କିଛି ସାହାଯ୍ୟ ପଠାଇଥିଲେ କିମ୍ବା ଦିଲ୍ଲୀ ଦରବାର ବନ୍ଦ କରିଥିଲେ ଅଧିକ ସୁଖକର ହୋଇଥାନ୍ତା ।

ଚଟ୍ଟଗ୍ରାମର ସବ୍‌ଜଜ ବାବୁ କେଦାରନାଥ ବାନୁର୍ଯ୍ୟା ହୁଗଲରେ ସବ୍‌ଜଜ ଥିବା ସମୟରେ ସେଠାର ଜଣେ ଜମିଦାରଠାରୁ ଏକଖଣ୍ଡ ଜମିଦାରୀ କିଣି ତାହା ଗବର୍ଣ୍ଣମେଣ୍ଟଙ୍କୁ ନ ଜଣାଇବାରୁ କର୍ମରୁ ବହିଷ୍କୃତ ହୋଇଅଛନ୍ତି । କଥିତ ହୁଅଇ ଯେ ଉକ୍ତ ଜମିଦାରୀ ଅନ୍ୟ ଜିଲ୍ଲାରେ ଥିବାରୁ ସେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାକୁ ବାଧ୍ୟ ନ ଥିଲେ । ଯାହା ହେଉ ସାମାନ୍ୟ ଦୋଷରେ ବାବୁଙ୍କର କର୍ମ ଯାଇଅଛି ।

ଲର୍ଡଲିଟନଙ୍କ ଅଭ୍ୟର୍ଥନା ନିମିତ୍ତ କଲିକତାର ମିଉନିସିପଲ ଫଣ୍ଡରୁ ଟ୩୦୦୦୲ଙ୍କା ବ୍ୟୟ କରିବା ସେଠା ଲୋକେ ମଞ୍ଜୁର କରିଥିଲେ ଏପରି ରେଲୱେ କମ୍ପାନୀ ତାହାଙ୍କୁ ନାଚଖାନା ସହିତ ପ୍ରମୋଦିତ କରାଇବା କାରଣ ଟ ୧୫୦୦୦୲ଙ୍କା ବ୍ୟୟ କରଅଛନ୍ତି । ଦେବତା ପୂଜାଠାରୁ ମନୁଷ୍ୟ ପୂଜା କଳିକାଳରେ ବଡ ଗରୀୟାନ୍ ହେଲା !

ଇନ୍ଦୋରର ମହାରାଜା ଶାରୀରିକ ଅସୁସ୍ଥତା ହେତୁ ଦିଲ୍ଲୀ ଦରବାରକୁ ଯିବେ ନାହିଁ ।

ମାନ୍ଦ୍ରାଜ ପ୍ରଦେଶର ଆଉ ଦୁଇରାଜା ଦିଲ୍ଲୀ ଦରବାରକୁ ନ ଯାଇ ଆପଣା୨ ଜମିଦାରୀରେ ଦୁର୍ଭିକ୍ଷର ଅବସ୍ଥା ଦେଖି ରହୁଅଛନ୍ତି । ଏମାନେ ଆପଣା୨ ଦାୟର ଉତ୍ତମ ପରିଚୟ ଦାଇଅଛନ୍ତି ସନ୍ଦେହ ନାହିଁ ।

ମିରର ଲେଖିଅଛନ୍ତି କି ଦିଲ୍ଲୀ ମହାସଭାରେ ମହାମାନ୍ୟ ଗବର୍ଣ୍ଣରଜେନରଲ କେବଳ ଆପଣା ବସାଖର୍ଚ୍ଚ ଆପେ ଦେବେ ଏମନ୍ତ ନୁହେ ନାଚଖାନା ଦରବାର ଓ ଅନ୍ୟାନ୍ୟ ଆମୋଦ ପ୍ରମୋଦର ସମସ୍ତଖର୍ଚ୍ଚା ଆପଣା ହାତରୁ ଦେବାକୁ ବସିଅଛନ୍ତି । ଏହା ସତ୍ୟହେଲେ ଉଚିତ ନୁହଇ ।

ସର୍ଜନ ମେଜର ଦୁକାସାହେବ ବାଲେଶ୍ୱରର ସିବିଲସର୍ଜନ ହୋଇଅଛନ୍ତି ।

ସୁଲଭସମାଚାରରେ ପାଠକଲୁଁ ଯେ କଲିକତାର କେତେଗୁଡିଏ ପହରାବାଲା ଖଣ୍ଡେଘର ଭଡା କରି ତହିଁରେ ଜୁଆ ଖେଳୁଥିଲେ ଧରା ପଡିବାରେ ପହରାବାଲାଙ୍କର ଏକମାସ ଲେଖାଏ କାରାବାସ ଓ ଘରବାଲାର ୩ଶତ ଟଙ୍କା ଅର୍ଥଦଣ୍ଡ ହୋଇଅଛି । କେବଳ କଲିକତାର ପହରାବାଲାଙ୍କର ଏଦୋଷ ଅଛି ଏମନ୍ତ ନୁହେ ମୋଫସଲରେ ଏକ୨ ସ୍ଥାନରେ କନେଷ୍ଟବଲଠାରୁ ଇନସ୍ପେକ୍ଟର ପର୍ଯ୍ୟନ୍ତ ଜୁଆ ଖେଳିବାର ଦେଖାଯାଇ ଅଛି । ପୁଲିସର ଦୋଷକୁ କିଏ ଧରିବ ?

ତାରକେଶ୍ୱରର ମହନ୍ତ ହୁଗଳି ଜେଲଖାନାରୁ ଖଲାସ ପାଇ ପୁନର୍ବାର ମହନ୍ତାଇ ଗାଦି ପାଇବାର ଚେଷ୍ଟା କରୁଅଛି । ଏ ଚେଷ୍ଟା ଯେବେ ସଫଳ ହେବ ଏବଂ ପୁନର୍ବାର ହିନ୍ଦୁସ୍ତ୍ରୀମାନେ ଉକ୍ତ ଦେବାଳୟକୁ ଯିବେ ତେବେ ହିନ୍ଦୁଧର୍ମ ପ୍ରତି ଅପର ଧର୍ମାବଲମ୍ବୀ ଓ ସମ୍ଭ୍ରାନ୍ତ ଲୋକଙ୍କର କି କଦର୍ଯ୍ୟଭାବ ଜନ୍ମିବ ।

ଶୁଣିବ ବୋଲନ୍ତି ଯେ ଜ୍ୟାରକନ୍ଦର ରାଜଦୂତ ଦିଲ୍ଲୀ ସଭାକୁ ନିମନ୍ତ୍ରିତ ହୋଇ ଗତମାସରେ ସେଠାରେ ପହୁଞ୍ଚି ଅଛନ୍ତି ଦରବାର ଶେଷପର୍ଯ୍ୟନ୍ତ ରହିବେ ।

ମାନ୍ଦ୍ରାଜରେ ଅଳ୍ପ ପରିମାଣରେ ବୃଷ୍ଟି ହେବାରୁ ଶସ୍ୟର ମୂଲ୍ୟ କିଛି ଊଣା ହୋଇଅଛି । ଏ ସମ୍ବାଦଟି ଅତି ସୁଖକର ଅଟଇ ଓ ଏହି ହେତୁରୁ ବାଲେଶ୍ୱରରେ ଗୁଡ଼ଲର ଭାଉ ପୂର୍ବ ପ୍ରତି ଊଣା ହୋଇଅଛି ।

କାଶ୍ମିରର ମହାରାଜାଙ୍କର ସଲାମି ତୋପର ସଂଖ୍ୟା ୧୯ ଠାରୁ ୨୧ କୁ ବୃଦ୍ଧି ହୋଇଅଛି ।

ନେପାଳ ରାଜାଙ୍କର ପ୍ରତିସ୍ୱରୂପ ଜେନରଲ ଧୀର ସମସେର ରାଣାବାହାଦୁର ଦିଲ୍ଲିର ମହାସଭାକୁ ଆସୁଅଛନ୍ତି ।

ମାନ୍ଦ୍ରାଜରେ ଜଣେ ଶଗଡୟା ଅସାବଧାନପୂର୍ବକ ଶଗଡ ଅଡାଇଯିବା ଅପରାଧରେ ଦଣ୍ଡ ପାଇଥିଲା । ମାନ୍ଦ୍ରାଜର ଗବର୍ଣ୍ଣର ଏଥିର ଅନୁସନ୍ଧାନ କରି ଲେଖିଅଛନ୍ତି ଯେ ରେଲୱେ କମ୍ପାନି ସଡକର ଅତି ନିକଟରେ ଗୋଟିଏ ନାଳ ଖୋଳି ଲୋକଙ୍କୁ ସାବଧାନ କରିବା ସକାଶେ କୌଣସି ବନ୍ଦୋବସ୍ତ କରି ନ ଥିବାରୁ ଶଗଡୟା ଦୁର୍ଘଟନାରେ ପଡି ଦଣ୍ଡ ପାଇଅଛି ଅତଏବ ଗବର୍ଣ୍ଣମେଣ୍ଟଙ୍କ ବିବେଚନାରେ ରେଲୱେ କମ୍ପାନି ଉକ୍ତ ଶଗଡୟାକୁ ଟ ୩୦୲ ଙ୍କା କ୍ଷତିପୂରଣ ଦେବେ । ଶାସନକର୍ତ୍ତାଙ୍କର ଏହିପରି ଦୃଷ୍ଟି ରଖି କାର୍ଯ୍ୟକରିବା ଉଚିତ ।

ଶ୍ରୀମତୀ ମହାରାଣୀଙ୍କ ନୂତନପଦ ଘୋଷଣା ଉପଲକ୍ଷରେ ଅନ୍ୟୂନ ଦଶହଜାର ପ୍ରଶଂସାପତ୍ର ଗବର୍ଣ୍ଣମେଣ୍ଟ ବଣ୍ଟନ କରିବେ । ଏସବୁ ପ୍ରଶଂସାପତ୍ର ଚର୍ମନିର୍ମିତ କାଗଜରେ ଲେଖା ହେବ । ହିନ୍ଦୁପେଟ୍ରିଅଟ ବୋଲନ୍ତି କି କେତେଶିଏ କିରାଣୀ ଏ କାର୍ଯ୍ୟରେ ବ୍ୟସ୍ତ ହୋଇ ଲାଗିଅଛନ୍ତି ।

ସରକାରୀ ଔଷଧାଳୟରେ ଅନେକ ଚୋରି ହେବାରୁ ଏଥର ପ୍ରସ୍ତାବ ହେଉଅଛି କି ସରକାରୀ କୁଇନାଇନକୁ ରକ୍ତବର୍ଣ୍ଣରେ ରଙ୍ଗ କରିବାକୁ ହେବ ଓ ବଜାରରେ ଉକ୍ତ ରଙ୍ଗର କୁଇନାଇନ ଅପର କେହି ବିକ୍ରୀ ନ କରିବାର ଆଜ୍ଞା ହେବ ।

ଗତ ମାସରେ ଢାକାରେ ଗୋଟିଏ ବ୍ରାହ୍ମମତରେ ବିବାହ ହୋଇଅଛି । ବରର ନାମ ବାବୁ କୈଳାଶଚନ୍ଦ୍ରନନ୍ଦୀ ଓ କନ୍ୟା ଜାତିରେ ବ୍ରାହ୍ମଣୀ । ଢାକା ବ୍ରାହ୍ମସମାଜର ଆଚାର୍ଯ୍ୟ ବାବୁ ବଙ୍ଗଚନ୍ଦ୍ର ରାୟ ପୁରୋହିତର କାର୍ଯ୍ୟ ନିର୍ବାହ କରିଥିଲେ । ପ୍ରଧାନ୨ ଦେଶୀୟ ଏବଂ ଇଉରୋପୀୟ ଭଦ୍ରଲୋକଙ୍କୁ ଆମନ୍ତ୍ରଣ ହୋଇଥିଲା ଏବଂ ସେମାନେ ଉପସ୍ଥିତ ହୋଇ ଯଥାବିଧି ଆମୋଦପ୍ରମୋଦରେ ଏ କାର୍ଯ୍ୟ ସମାଧା କଲେ ।

ଅମ୍ଭମାନଙ୍କ ଲେପ୍‌ଟନେଣ୍ଟ ଗବର୍ଣ୍ଣର ଏଥି ମଧ୍ୟରେ ଦାର୍ଜିଲିଙ୍ଗରୁ କଲିକତାକୁ ଫେରିଅଛନ୍ତି ଅତ୍ୟବକ ରଥ ପୁନର୍ବାର ନୂଆଖାଲି ପ୍ରଭୃତି ସ୍ଥାନମାନ ଦେଖିବା ସକାଶେ ବାହାରିଲେଣି । ଏହାଙ୍କର ଭ୍ରମଣର ଶକ୍ତି ବିଶେଷ ଦେଖାଯାଏ

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ସଦାନନ୍ଦ ବେହେରା କଟକ | ବଙ୍କାଶ୍ରୀ | | ଟ୬୲ |
| „ ଭଗବାନ ଜେନା | „ | „ | ଟ୬୲ |
| ପାଦ୍ରୀ ମିଲର ସାହେବ | „ | „ | ଟ୬୲ |
| ବାବୁ ସଦାନନ୍ଦ ମହାନ୍ତି | „ | „ | ଟ୬୲ |
| „ ବୈଦ୍ୟନାଥ ପଣ୍ଡିତ | „ | „ | ଟ୬୲ |
| „ ବୃନ୍ଦାବନ ଚନ୍ଦ୍ର ମଣ୍ଡଳ | „ | „ | ଟ୬୲ |
| „ ଦିବାକର ଦାସ | „ | „ | ଟ୬୲ |

ଏହି ଉତ୍କଳଦୀପିକା ସହରକଟକ ଦରଗାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter



# ଅତିରିକ୍ତ ।

ଉତ୍କଳଦୀପିକା ତା ୯ ରଖ ଡିସେମ୍ବର ସନ ୧୮୭୬ ମସିହା ।

ଦେବାର ତାଲିକା ।

| ନାମ | ଉତ୍ସବ ନିମିତ୍ତ | ଚିରସ୍ଥାୟୀ କୀର୍ତ୍ତି ନିମିତ୍ତ |
|---|---|---|
| ଷ୍ଟି, ଇ, ରଟେନ୍ସାସାହେବ | ଟ ୧୦୦ | ଟ ୫୦୦ |
| ଏଚ୍ ଓନ୍‌ଲି, ହରସେଲ ବାର୍ଟ | ଟ ୫୦ | ଟ ୨୦୦ |
| ତ୍ରିବନ୍ସ୍ ମାକ୍ଙ୍ଗିନ୍ସାହେବ | ଟ ୫୦ | ଟ ୩୦୦ |
| ଜନ ଭିଥସାହେବ | ଟ ୫୦ | ଟ ୩୦୦ |
| ଜା, [illegible]ସାହେବ | ଟ ୨୫ | ଟ ୧୨୫ |
| ଇ, ସି, [illegible]ସାହେବ | ଟ ୨୫ | ଟ ୭୫ |
| ଜେ, [illegible]ସାହେବ | ଟ ୨୫ | ଟ ୧୦୦ |
| ବାବୁ [illegible]ନାଥପଣ୍ଡିତ | ଟ ୧୦୦ | ଟ ୧୦୦୦ |
| ବାବୁ [illegible]ବାନୁର୍ଯ୍ୟା | ଟ ୫୦ | ଟ ୫୦୦ |
| ଚଉଧୁରୀ [illegible]ନାଥଦାସ | ଟ ୧୦୦ | ଟ ୧୦୦୦ |
| ବାବୁ [illegible]ପଣ୍ଡିତ | ଟ ୧୦୦ | ଟ ୧୦୦୦ |
| ବାବୁ ଲକ୍ଷ୍ମୀନାରାୟଣରାୟ ଚଉଧୁରୀ | ଟ ୫୦ | ଟ ୫୦୦ |
| [illegible] ମୋର ଭୂପତି । ଜି । ସୁରକା | ଟ ୨୫ | ଟ ୩୦୦ |
| [illegible] ବଳରାମପୁର | ଟ ୨୦ | ଟ ୧୦୦ |
| ବାବୁ [illegible]ଦାସ | ଟ ୨୫ | ଟ ୨୦୦ |
| ବାବୁ ରମାନାଥରାୟ ଚଉଧୁରୀଙ୍କ ସକାଶେ ବାବୁ ମହେଶଚନ୍ଦ୍ରବାନୁର୍ଯ୍ୟା | ଟ ୫୦ | ଟ ୫୦୦ |
| ବାବୁ [illegible]ଘୋଷ | ଟ ୨୫ | ଟ ୧୨୫ |
| ବାବୁ [illegible]ଚରଣ ବାନୁର୍ଯ୍ୟା | ଟ ୫ | ଟ ୧୫ |
| ବାବୁ [illegible]ମୋହନରାୟ | ଟ ୨୦ | ଟ ୨୦୦ |
| ବାବୁ [illegible]ଘୋଷ | ଟ ୨୦ | ଟ ୧୦୦ |
| [illegible] ବାହାଦୁର | ଟ ୫ | ଟ ୨୫ |
| ବାବୁ [illegible]ଚନ୍ଦ୍ର ସରକାର | ଟ ୧୦ | ଟ ୫୦ |
| ବାବୁ [illegible]ମୋହନମିତ୍ର | ଟ ୫ | ଟ ୩୦ |

| ନାମ | ଉତ୍ସବ ନିମିତ୍ତ | ଚିରସ୍ଥାୟୀ କୀର୍ତ୍ତି ନିମିତ୍ତ |
|---|---|---|
| ବାବୁ ଗୋପାଳଚରଣ ମିତ୍ର | ଟ ୫ | ଟ ୧୫ |
| ମୁନ୍‌ସି ଗୋଲାମରସୁଲ | ଟ ୧୦ | ଟ ୪୦ |
| ବାବୁ ଗିରିଶଚନ୍ଦ୍ର ଘୋଷ | ଟ ୨ | ଟ ୫ |
| ବାବୁ ଦିବାକରଦାସ | ଟ ୫ | ଟ ୨୫ |
| ବାବୁ ଭଗବତଦାସ ମୁକ୍ତାର | ଟ ୫ | ଟ ୧୫ |
| ବାବୁ ରଘୁନାଥ ବୋଷ | ଟ ୫ | ଟ ୨୦ |
| ମୁନ୍‌ସି ଅଜଳଖାଁ | ଟ ୩ | ଟ ୧୦ |
| ବାବୁ ଜଗବନ୍ଧୁଘୋଷ | ଟ ୫ | ଟ ୨୦ |
| ବାବୁ ହରେକୃଷ୍ଣଦାସ | ଟ ୨ | ଟ ୫ |
| ବାବୁ ହରେକୃଷ୍ଣମିତ୍ର | ଟ ୫ | ଟ ୧୫ |
| ବାବୁ ଜଗମୋହନଲାଲ | ଟ ୨ | ଟ ୭ |
| ବାବୁ ଜାନଥଲ ସଡ଼ଙ୍ଗୀ | ଟ ୨ | ଟ ୫ |
| ବାବୁ ରାମପ୍ରସାଦସିଂହ | ଟ ୨ | ଟ ୫ |
| ବାବୁ ଜଗତବଲ୍ଲଭଘୋଷ | ଟ ୨ | ଟ ୮ |
| ରାଜା । ଜି । ଅଳ | ଟ ୧୦ | ଟ ୨୦ |
| ବାବୁ ନାରାୟଣଚନ୍ଦ୍ରନାୟକ | ଟ ୨ | ଟ ୫ |
| ବାବୁ ଜମାର୍ଦ୍ଦନଚରଣ ନେଉଗି | ଟ ୫ | ଟ ୧୦ |
| ବାବୁ ଗୌରୀଶଙ୍କରରାୟ | ଟ ୫ | ଟ ୨୫ |
| ବାବୁ ପ୍ୟାରୀମୋହନ ଆଚାର୍ଯ୍ୟ | ଟ ୨ | ଟ ୫ |
| ବାବୁ ଗୋକୁଳଚନ୍ଦ୍ରଘୋଷ | ଟ ୧୦୦ | ଟ ୧୦୦୦ |
| ବାବୁ ସଦାନନ୍ଦବେହେରା | ଟ ୫ | ଟ ୧୦ |

☞ ମୂଳପତ୍ର ଦେଖ ।

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

Split by PDF Splitter




# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୧ଶ } ତା ୧୭ ରିଖ ଡିସମ୍ବର ସନ ୧୮୭୭ ମସିହା । ମୁ । ପୌଷ ଦି ୪ ନ ସନ ୧୨୮୪ ସାଲ ଶନିବାର { ଅଗ୍ରିମ ବାର୍ଷିକମୂଲ୍ୟ ଟ୫୯

ସଂ୫୦ଖ୍ୟା } { ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୬୯

{ ମଫସଲପାଇଁ ଡାକମାସୁଲ ଟ୧୫୶


ଚଳିତମାସ ତା ୨୦ ଓ ୨୧ ରିଖରେ ଏ ନଗରସ୍ଥ ରୋମାନକାଥଲିକ ସ୍କୁଲର ପିଲାମାନେ ଆପଣା ସ୍କୁଲ ଗୃହରେ ଇଂରାଜୀ ନାଟକର ଅଭିନୟ କରିବେ । ଏପରି ଅଭିନୟ କେତେବର୍ଷ ହେଲା ହୋଇ ଆସୁଥିବାରୁ ଏହା ଗୋଟିଏ ବାର୍ଷିକ କାର୍ଯ୍ୟ ହୋଇଅଛି । ସନ୍ଧ୍ୟା ଘ ୭ ଟା ସମୟରେ ଅଭିନୟ ଆରମ୍ଭ ହେବ । ଆମ୍ଭେମାନେ ପାଦ୍ରିସାହେବଙ୍କଠାରୁ ଅବଗତ ହୋଇଅଛୁଁ ଯେ ଆମ୍ଭମାନଙ୍କ ପାଠକମାନେ ଇଚ୍ଛାକଲେ ବିନା ମୂଲ୍ୟରେ ତାହା ଦେଖି ପାରିବେ ଓ ଅପର ଭଦ୍ରଲୋକଙ୍କୁ ମଧ୍ୟ ପାଦ୍ରିସାହେବ ସମାଦର ପୂର୍ବକ ଦେଖାଇବେ । ଆମ୍ଭେମାନେ ଏଥିପୂର୍ବେ ଯାହା ଦେଖିଅଛୁଁ ତହିଁରୁ ସାହସକରି କହିପାରୁଁ ଯେ ଯେଉଁମାନେ ଦେଖିବାକୁ ଯିବେ ସେମାନଙ୍କର ଶ୍ରମ ବୃଥା ହେବ ନାହିଁ ।

---

ଏକଜଣ ମାନ୍ଦ୍ରାଜୀ ଡାକ୍ତର ବଙ୍ଗଳାର ଅନେକସ୍ଥାନରେ ଚିକିତ୍ସା କରି ସମ୍ପ୍ରତି କଲିକତାରୁ ଏ ନଗରକୁ ଆସି ଅଛନ୍ତି । ତାହାଙ୍କ କହିବାରୁ ଜଣାଗଲା ଯେ ସେ ଅର୍ଶ ମଲକଣ୍ଟକ ଓ ଦେହର ରକ୍ତ ବଦଳିଯିବା ରୋଗମାନଙ୍କର ଉତ୍ତମ ଚିକିତ୍ସା ଜାଣନ୍ତି ଓ ଏ ବିଷୟରେ କେତେଖଣ୍ଡ ପ୍ରଶଂସାପତ୍ର ସଂଗ୍ରହ କରି ଅଛନ୍ତି । ଆମ୍ଭେମାନେ ସେ ସବୁ ପାଠକରି ଜାଣିଲୁଁ ଯେ ଅର୍ଶ ଓ ମଲକଣ୍ଟକ ରୋଗିଙ୍କୁ ଆରୋଗ୍ୟ କରି ଅଛନ୍ତି । କେବଳ ପୀଡା ସ୍ଥାନରେ ଔଷଧ ଲଗାଇଲେ ଦି ୮ ନ ମଧ୍ୟରେ ରୋଗର ବସା ସମ୍ପୂର୍ଣ୍ଣରୂପେ ଖସି ପଡ଼ଇ ଓ ଜ୍ୱାଳାପୋଡ଼ା ଅଧିକ ହୁଅଇ ନାହିଁ ତହିଁଉତ୍ତାରୁ ଘା ଶୁଖି ଯାଇ ଏକମାସ ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟଲାଭ ହୁଅଇ । ପଥ୍ୟାପଥ୍ୟର କିଛି ନିୟମ ନାହିଁ । ଖୋର୍ଦ୍ଧାରୁ ଏକଜଣ ଆସି ଏହି ପ୍ରକାରରେ ଏ ନଗରସ୍ଥ ଜଣେ ଭଦ୍ରଲୋକଙ୍କୁ ଆରୋଗ୍ୟ କରିଅଛି ଅତଏବ ଚିକିତ୍ସା ଉତ୍କୃଷ୍ଟ ବୋଲି ବୋଧ ହୁଅଇ ଯେଉଁମାନେ ଦୁର୍ଭାଗ୍ୟବଶତଃ ଏ ରୋଗଗ୍ରସ୍ତ ହୋଇ ଅଛନ୍ତି ସେମାନେ ଡାକ୍ତରଙ୍କର ତତ୍ତ୍ୱ କରି ସବିଶେଷ ଅବଗତ ହେଉନ୍ତୁ ।

---

ଇଣ୍ଡିଆନ ଡେଲିନିୟୁସ ବମ୍ବେଇ ଗଜେଟରୁ ଅବଗତ ହୋଇଅଛନ୍ତି ଯେ ଇଂଲଣ୍ଡର ଯୁବରାଜ ବାଦସାହୀ ପଦ ଗ୍ରହଣ କରିବାକୁ ଅସମ୍ମତ ହୋଇଅଛନ୍ତି । ତାହାଙ୍କ ମତରେ ରାଜପଦ ବାଦସାହୀ ପଦଠାରୁ ଉତ୍କୃଷ୍ଟ ଅଟଇ କାରଣ ଯେସ୍ଥଳେ ମହାରାଣୀଙ୍କର ଇଂଲଣ୍ଡରେ ରାଜପଦ ରହିଲା ସେସ୍ଥଳେ ତାହାଙ୍କ ପଦ ମଧ୍ୟ ପୂର୍ବପ୍ରାୟ ରହିବ ଓ ଏଥିରେ ଇଂଲଣ୍ଡର ଗୌରବ ରକ୍ଷା ପାଇବ । ଏଥିରୁ ଜଣାଯାଏ ଯେ ଇଂଲଣ୍ଡରେ ଇଂରାଜୀ ବର୍ଷର ନୂତନଦିନରେ କିଛି ସମାରୋହ ହେବ ନାହିଁ । କିନ୍ତୁ ଦିଲ୍ଲୀ ଦରବାର ସମ୍ପର୍କରେ ବିଲାତରୁ ଯେସମସ୍ତ ଆୟୋଜନ ହେବାର ଥିଲା ତାହା ସମ୍ପୂର୍ଣ୍ଣ ହୋଇଅଛି । ଭାରତବର୍ଷର ନକ୍ଷତ୍ର ଉପାଧିଧାରୀଙ୍କ ସକାଶେ ଏକ ଶତ ରୂପାର ଫଳକା ପ୍ରସ୍ତୁତ ହୋଇଅଛି ଏବଂ ଶ୍ରୀଯୁକ୍ତ ଲୁପରସାହେବ ଖଣ୍ଡିଏ ମହାରାଣୀଙ୍କର ପ୍ରତିମୂର୍ତ୍ତି ଓ ଦେଶୀୟ ରାଜାଙ୍କ ସକାଶେ ଅନେକ ବହୁମୂଲ୍ୟର ଉପଢୌକନ ସାମଗ୍ରିମାନ ଘେନି ଆସୁଅଛନ୍ତି । ବହୁମୂଲ୍ୟ ଦ୍ରବ୍ୟସବୁ ରାଜାମାନଙ୍କ ସମ୍ମାନ ନିମିତ୍ତ ଦିଆଯିବ ବୋଲି ଆସୁଥିବାର ଜଣାଯାଏ କିନ୍ତୁ ପ୍ରତିମୂର୍ତ୍ତିଟି କ ହେବ । ବୋଧ ହୁଅଇ ଏହାକୁ ସିଂହାସନରେ ବସାଇ ପୂଜା କରିବାକୁ ହେବ ଓ ତାହା ହେଲେ ଧଂରାଜମାନଙ୍କ ମଧ୍ୟରେ ମୂର୍ତ୍ତି ଘଟପଟର ପୂଜାଅଛି ବୋଲିବାକୁ ହେବ ।

---

ଶ୍ରୀମତୀ ଭାରତେଶ୍ୱରୀଙ୍କ ପଦଗ୍ରହଣ ଉତ୍ସବ ନିମିତ୍ତ କେତେଦିନ ଏଠାରେ କଚେରୀ ବନ୍ଦ ହେବ ତାହା ନିଶ୍ଚୟ ଜଣାଯାଇ ନାହିଁ ବାଙ୍କବଙ୍ଗାଲ ଚଳିତମାସ ତା ୨୫।୨୬।୨୭।୩୦ ରିଖ ଓ ଜାନୁଏରିମାସ ତା ୧।୨ ରିଖ ଏରୂପ ଦି ୬ ନ ଛୁଟୀ ହେବାର ବିଜ୍ଞାପନ ଦେଇ ଅଛନ୍ତି । ଏହିପ୍ରକାରେ ଖଜଣାଖାନାମାନ ବନ୍ଦ ହେଲେ ନିୟମିତ ଛୁଟୀ ଦି ୪ ନ ଯାଇ ଉତ୍ସବ ନିମିତ୍ତ କେବଳ ଦୁଇଦିନ ଛୁଟୀ ମିଳିଲା ବୋଲିବାକୁ ହେବ । ଏଣେ ଗବର୍ଣ୍ଣମେଣ୍ଟଇଣ୍ଡିଆ ବିଜ୍ଞାପନ ଦେଇ ଅଛନ୍ତି କି ଉକ୍ତ ଗବର୍ଣ୍ଣମେଣ୍ଟର ଅଧୀନ କଲିକତାରେ ଥିବା ସରକାରୀ କାର୍ଯ୍ୟାଳୟମାନ ବଡ଼ଦିନ ଛୁଟିଦିନ ଓ ଉପସ୍ଥିତ ଉତ୍ସବ ଉପଲକ୍ଷରେ ଚଳିତମାସ ତା ୨୪ ରିଖ ସୋମବାର ଠାରୁ ଆଗାମିମାସ ତା ୪ ରିଖ ଗୁରୁବାର ପର୍ଯ୍ୟନ୍ତ

Digitized by srujanika@gmail.com

ବନ୍ଦ ରହିବ ମାତ୍ର ଏହି ନିୟମରେ ଯେ ଅତ୍ୟନ୍ତ ଆବଶ୍ୟକୀୟ କାର୍ଯ୍ୟ ଚଳାଇବାର ବନ୍ଦୋବସ୍ତ ହୋଇଥିବ । ମୋଫସଲରେ ବିଶେଷ ଦରବାର ହେବା ସ୍ଥାନମାନଙ୍କରେ ଏ ଦୁଇ ବିଜ୍ଞାପନ ମଧ୍ୟରୁ କେଉଁଟା ପ୍ରଚଳିତ ହେବ ତାହା କିଛି ଜଣା ଯାଉ ନାହିଁ ଓ ଏଠାରେ ଯେ ଉତ୍ସବ କ୍ରିୟାମାନ ଆଗାମୀମାସ ତା ୧ ରିଖଠାରୁ ତା ୭ ରିଖ ପର୍ଯ୍ୟନ୍ତ ହେବାର ସ୍ଥିର ହୋଇ ଅଛି ତାହା ବାହାଲ ରହିବ କି ନାହିଁ ବୋଲିଯାଇ ନ ପାରେ । ଅମ୍ଭେମାନେ ଅନୁରୋଧ କରୁଅଛୁଁ ଯେ କମିଶନରସାହେବ ଏ ବିଷୟରେ ଗବର୍ଣ୍ଣମେଣ୍ଟଙ୍କୁ ଲେଖି ନିଶ୍ଚିତ ଆଜ୍ଞା ଅଣାଇବା ପକ୍ଷରେ ତତ୍ପର ହେଉନ୍ତୁ ଏବଂ ଏମନ୍ତ ଚେଷ୍ଟା କରନ୍ତୁ କି ଯହିଁରେ ଚଳିତମାସ ତା ୨୫ ରିଖଠାରୁ ଆଗାମୀମାସ ତା ୭ ରିଖ ପର୍ଯ୍ୟନ୍ତ ସବୁ କାର୍ଯ୍ୟାଳୟମାନ ବନ୍ଦ ହେବ ।

---

ଶ୍ରୀମତୀ ଭାରତେଶ୍ୱରୀଙ୍କର ନୂତନ ପଦ ଗ୍ରହଣ ସମୟରେ କି କି ବ୍ୟାପାରମାନ ହେବ ତାହା ନିଶ୍ଚୟରୂପେ କୌଣସି ଗବର୍ଣ୍ଣମେଣ୍ଟ ବିଜ୍ଞାପନଦ୍ୱାରା ଅଦ୍ୟାବଧି ପ୍ରକାଶ ହୋଇ ନାହିଁ । ଦିଲ୍ଲୀରେ ଯେସମସ୍ତ କାଣ୍ଡ ହେବ ତାହା କ୍ରମଶଃ ପ୍ରକାଶ ହେଉଅଛି । ଏଉତ୍ତାରୁ ଅମ୍ଭେମାନେ ଶୁଣୁଅଛୁଁ ଯେ ତଳଲିଖିତ କାର୍ଯ୍ୟମାନ ହେବ ଯଥା;—

ଭାରତବର୍ଷର ଟଙ୍କଶାଳମାନଙ୍କରୁ ନୂତନ ଛାପାର ରୂପା ଓ ତମ୍ବାର ମୁଦ୍ରାମାନ ବାହାରିବ ଯେ ତହିଁରେ ମହାରାଣୀ ପରିବର୍ତ୍ତରେ ଭାରତେଶ୍ୱରୀ ଉପାଧି ଛାପା ହୋଇଥିବ ।

ଯାବଜ୍ଜୀବନ ବା ଅଧିକ କାଳ ଦ୍ୱୀପାନ୍ତର କାରାବାସ ଦଣ୍ଡପାଇଥିବା କଇଦିଙ୍କ ମଧ୍ୟରୁ କେତେକ ଜଣଙ୍କୁ ମୁକ୍ତି ଦିଆଯିବ । ପୋର୍ଟବ୍ଲେଅର ଜେଲଖାନାର ସୁପ୍ରିଣ୍ଟେଣ୍ଡ ଜ ୬୧୩ ଣ କଇଦିଙ୍କ ନାମ ଲେଖିପଠାଇ ଅଛନ୍ତି । ଏମାନେ ସମସ୍ତେ ଅଥବା ଏଥିମଧ୍ୟରୁ ଅଳ୍ପଜଣ ଛଡା କାରାମୁକ୍ତ ହେବେ ।

ଇଂଲଣ୍ଡ ଓ ଦେଶୀୟ ସେନାର ଅନ୍ତର୍ଗତ କର୍ମଚାରୀ ଓ ସିପାହିମାନଙ୍କୁ ଏକଦିନର ବେତନ ପାରିତୋଷିକ ଦିଆଯିବ । ଓ ପ୍ରତ୍ୟେକ ଗୋଲନ୍ଦାଜ ପଲଟନରୁ ଏକଜଣ ଲେଖାଏ ଉପଯୁକ୍ତ ଲୋକ ବାଛି ତାହାଙ୍କୁ ରୂପାର ତମଗାମାନ ଦିଆଯିବ ।

ସିଭିଲ କର୍ମଚାରୀଙ୍କ ସକାଶେ ଛୁଟୀଭିନ୍ନ ଆଉ କିଛି ଦେଖୁ ନାହୁଁ ଓ ସେ ଛୁଟୀରେ ପୁଣି ଆମୋଦ କରିବାକୁ ଅଜ୍ଞା ହୋଇଅଛି ଯାତ୍ରାଖର୍ଚ୍ଚ ନ ଦେଇ ଯାତ୍ରା ଦେଖିବାକୁ ପଠାଇବା ଅସ୍ମଦେଶୀୟ ଭଦ୍ରତାର ବହିର୍ଭୂତ କାର୍ଯ୍ୟ ଅଟଇ । ସର୍ବସାଧାରଣଙ୍କ ଆମୋଦ ସକାଶେ ଗବର୍ଣ୍ଣମେଣ୍ଟ ଯଥାସାଧ୍ୟ ଟଙ୍କା ଦେଇଅଛନ୍ତି କିନ୍ତୁ ଆପଣା ଅଧୀନସ୍ଥ ଅମଲାମାନଙ୍କୁ କିଛି ପାରିତୋଷିକ ଦେବାର ବିଧାନ ହୋଇଥିଲେ ଉଚିତ ହୋଇଥାନ୍ତା ।

---

ଏ ନଗରର ଆସନ୍ନ ଦରବାର ଅଧିକ ସମାରୋହ ସ୍ୱରୂପ ହେବାର ଜଣାଯାଏ କାରଣ ଏଥର ବିସ୍ତରଲୋକ ଆସିବେ ବୋଲି ଅମ୍ଭେମାନେ ସମ୍ବାଦ ପାଉଅଛୁଁ ଓ ତହିଁର ପୂର୍ବସୂଚକ ସ୍ୱରୂପ ଘରଭଡାର ମଲ୍ୟ ଅତ୍ୟନ୍ତ ବଢିବାର ଦେଖାଗଲାଣି । ଯେ ସବୁ କୋଠାଘର ମାସକୁ ଟ୩।୧୦ କାରେ ଭଡା ମିଳୁଥିଲା ବର୍ତ୍ତମାନ ସେ ସବୁର ଭଡା ଟ୧୦୦ କା ଠାରୁ ଟ ୨୦୦ କା ପର୍ଯ୍ୟନ୍ତ ହେଲାଣି ତଥାଚ ନଗର ମଧ୍ୟରେ ସମସ୍ତଙ୍କର ମନୋମତଘର ମିଳୁ ନାହିଁ । ଭଡାଘର ଅଧିକାରୀଙ୍କ ପକ୍ଷରେ ଭାରି ଯୋଗ ପଡି ଅଛି । ଏପରି ରାଜା ଓ ଜମିଦାରମାନେ ଆସି ପହୁଞ୍ଚିଲେ ଘୋଡାଗାଡିର ଭଡା ମଧ୍ୟ ଅନେକ ବଢିବ ଏପରି ସମ୍ଭାବନା ଦେଖାଯାଏ ଏକସପ୍ତାହ ପର୍ଯ୍ୟନ୍ତ ପ୍ରତିଦିନ ଉତ୍ସବ ଉପଲକ୍ଷରେ ଆମନ୍ତ୍ରିତ ଲୋକମାନେ ନାନାସ୍ଥାନକୁ ଯିବା ଆସିବା କରିବେ ଓ ଖଣ୍ଡିଏ ୨ ଗାଡି ଏକାବେଳକେ ଭଡାକରି ନ ରଖିଲେ ପ୍ରାୟ ହରବର ହେବାକୁ ହେବ । ଏଥିକୁ ଏନଗରରେ ଭଡାଗାଡି ଖ ୫୦ ଶ ହେବ କି ନାହିଁ ସନ୍ଦେହ ସୁତରାଂ ଗାଡିଭଡା ବିସ୍ତର ହେବ ଓ ଗୌଡମାନେ ମଧ୍ୟ ଏସମୟରେ ପାଲିକିଭଡା ବୃଦ୍ଧି କରିବାକୁ ତ୍ରୁଟି କରିବେ ନାହିଁ । ମୋଫସଲର ଜମିଦାର ଓ ରାଜାମାନେ ଯେ ଆପଣା ୨ ବେହେରା ଉପସ୍ଥିତ ରଖିବେ ତେବେ ଅମ୍ଭମାନଙ୍କ ବିବେଚନାରେ ଅନେକ ସୁସାର ହେବ ଓ ସମୟରେ ତାହାଙ୍କୁ ଗାଡି ପାଲିକି ଅଭାବରେ କ୍ଲେଶ ପାଇବାକୁ ହେବ ନାହିଁ । ଖାଦ୍ୟସାମଗ୍ରୀର ଦର ମଧ୍ୟ ଏ ସମୟରେ ଉଚ୍ଚ ହେବ ଓ ତାହା ଜାଣି ନଗରବାସିମାନେ ସତର୍କ ହୋଇ ପୂର୍ବରୁ ମାସକର ଆୟୋଜନ କରିବାରେ ପ୍ରବୃତ୍ତ ହେଲେଣି ଓ ତାହା ସମସ୍ତଙ୍କୁ କରିବାର ଉଚିତ । ଯାହା ହେଉ ଶ୍ରୀମତୀ ଭାରତେଶ୍ୱରୀଙ୍କ ପ୍ରସାଦରୁ ବ୍ୟବସାୟିମାନେ ଏକାଳରେ କିଛି ଅଧିକା ଲାଭ କରିବେ ସୁଖର ବିଷୟ ଅଟଇ ।

---

ଏଠା ନର୍ମାଲସ୍କୁଲର ଶିକ୍ଷକ ତାରଣୀ ବାବୁଙ୍କର ଚାକର ବିଶ୍ୱାସଘାତକତା ଅପରାଧରେ ଗତ ସପ୍ତାହରେ ଦୁଇବର୍ଷ କାରାବାସ ଓ ଟ୧୨୫ କା ଅର୍ଥଦଣ୍ଡ ଲଭିଅଛି । ଉକ୍ତ ଚାକର ବାବୁଙ୍କ ନିକଟରେ ଦୁଇବର୍ଷରୁ ଅଧିକ ହେବ ଥିଲା ଓ ସର୍ବଦା ତାହାଙ୍କର ବିଲ ଓ ନୋଟ ଇତ୍ୟାଦି ଭଙ୍ଗାଇବା ଓ ଟଙ୍କା ଉସୁଲ କାର୍ଯ୍ୟ କରୁଥିଲା । ସୁତରାଂ ତାହାକୁ ଅବିଶ୍ୱାସ କରିବାର କୌଣସି କାରଣ ନ ଥିଲା । ଶେଷଥର ଟ ୧୧୦ କା ଖଜଣାଖାନାରୁ ନୋଟ କିଣି ଆଣିବା ସକାଶେ ତାହାକୁ ବାବୁ ଦେଇଥିଲେ । ସେ ଟଙ୍କା ସେହି ଖଜଣାଖାନାକୁ ଗଲା ଓ ତହିଁ ଉତ୍ତାରୁ ତାହାର ଜନ୍ମଭୂମିକୁ ହେଉ ବା ଆପଣା ଗେହକୁ ହେଉ ନୋଟ ନ କିଣି ଟଙ୍କା ଆତ୍ମସାତ କଲା ଓ ବାବୁ ପଚାରିବାରେ ଟଙ୍କା ନେଇଥିବାର ସ୍ୱୀକାର କଲା ନାହିଁ । ଏଥିରେ ବାବୁ ନାଲିସର ହୋଇ ତାହାକୁ ପୁଲିସରେ ଅର୍ପଣ କଲେ ଓ ପରିଶେଷରେ ଅପରାଧ ତାହା ଉପରେ ସାବ୍ୟସ୍ତ ହୋଇ ଉପରଲିଖିତ ଦଣ୍ଡକୁ ଲଭିଲା । ମାତ୍ର ତାହାର କିଛି ସମ୍ପତ୍ତି ନାହିଁ ଯେ ଅର୍ଥଦଣ୍ଡ ତହିଁରୁ ଆଦାୟ ହେବ ଓ ବାବୁ କ୍ଷତିପୂରଣ ପାଇବେ । ସୁତରାଂ ଚାକର ଆପଣା ଦୁଷ୍କର୍ମର ଶାସ୍ତି ପାଇଲା ମାତ୍ର ବାବୁଙ୍କର କ୍ଷତିପୂରଣ ହେଲା ନାହିଁ । ଏପରି ଘଟଣା ଦେଖି ନଗରବାସି ଭଦ୍ରଲୋକମାନେ ବିଷମ ସମସ୍ୟାରେ ପଡି ଅଛନ୍ତି କି ଉପାୟ କଲେ ଚାକରଙ୍କ ଅସତ ବ୍ୟବହାରରୁ କ୍ଷତିଗ୍ରସ୍ତ ହେବେ ନାହିଁ ଏଥିର କିଛି ଉପାୟ ଦେଖାଯାଉ ନାହିଁ । ବିଲ ନୋଟ ଇତ୍ୟାଦି ଭଙ୍ଗାଇବା ଅଥବା ଅସୁଲ ତହସିଲ କରିବା କାର୍ଯ୍ୟ ଆପେ କରିବା ସୁବିଧା ଜନକ ନୁହଇ ଅବଶ୍ୟ ଚାକରଦ୍ୱାରା କରାଇବାକୁ ହେବ ଓ ଅଳ୍ପ ବେତନର ଚାକରଙ୍କଠାରୁ ଜାମିନ ସୁଦ୍ଧା ନିଆଯାଇ ନ ପାରେ ଅତଏବ ବୋଇବାକୁ ହେବ ଯେ କାଳ ବଡ କଠିନ ହେଲା ।

---

## ସାପ୍ତାହିକସଂବାଦ ।

ଅମ୍ଭେମାନେ ଗତସପ୍ତାହରେ ଭ୍ରମରେ ଲେଖିଥିଲୁଁ କି ଉତ୍ସବ ଉପଲକ୍ଷରେ ନାଚର ମଜଲିସ ବୁଧବାର ରାତ୍ରରେ ହେବ । ଉକ୍ତ ମଜଲିସ ଶୁକ୍ରବାର ରାତ୍ରରେ ହେବାର ସ୍ଥିର ହୋଇଅଛି । ବୁଧବାରଦିନ ଦୁଇପ୍ରହରଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ

Split by PDF Splitter
Digitized by srujanika@gmail.com

Split by PDF Splitter



କେବଳ ଲୁଦିବା ଦୌଡିବା କୁସ୍ତିଇତ୍ୟାଦି କ୍ରୀଡା ହେବ ।

ଆମ୍ଭେମାନେ ଦୁଃଖିତ ହୋଇ ଶୁଣିଲୁଁ ଯେ କଦମାଲ ତହସିଲଦାରଙ୍କ ପୁତ୍ର ବାବୁ ଚନ୍ଦ୍ରଶେଖର ପଟ୍ଟନାୟକଙ୍କ ଉପରେ ଗୋଟିଏ ଗୁରୁତର ଅପରାଧର ଅଭିଯୋଗ ହୋଇଅଛି । ଅଭିଯୋଗଟି ଏହି ଯେ ସେ ଆପଣା ଜାଗିର ଗ୍ରାମରେ ଥିବା ଜଣେ ବଡାଉଣିର ପାପଗର୍ଭ କରି ତାହା ଗଳାଇବା ସକାଶେ ଔଷଧ ଖୁଆଇବାରୁ ସ୍ତ୍ରୀଟି ମରିଯାଇଅଛି । ଉକ୍ତ ବ୍ୟକ୍ତିଙ୍କ ସୁପ୍ରିଣ୍ଟଙ୍କଠାରେ କେହି ବେନାମିଦରଖାସ୍ତ ଦେବାରୁ ଦୁଇମାସ ହେଲା ମକଦ୍ଦମାର ତଦାରକ ଲାଗିଥିଲା ଓ ବାବୁ ହାଜତରେ ଥିଲେ । ସମ୍ପ୍ରତି ସେ ବ୍ରହ୍ମପୁରର ଜଜ୍ଜକୋର୍ଟକୁ ଚାଲାନ ହୋଇଅଛନ୍ତି । ଏଥିରେ ତହସିଲଦାର ମହାଶୟ ଯେ ଭାରି ଦୁଃଖିତ ହୋଇଅଛନ୍ତି ଏକଥା କହିବା ବାହୁଲ୍ୟ ।

ଯାଜପୁରରେ ଟଙ୍କାକୁ ସେ ୨୪ ର ସରୁଚାଉଳ ମିଳୁଅଛି ଓ ଭାଉ କମତି ନ କରିବା ପକ୍ଷରେ ସେଠାର ଡେପୁଟୀକଲେକ୍ଟର ବଜାର ଚୌଧୁରୀ ପ୍ରଭୃତିଙ୍କୁ ତାକିଦ କରିଥିବାର ଶୁଣାଯାଏ ।

ଯାଜପୁର ନଗରରେ ଶଗଡ ଉପରେ ଟାକ୍ସ ବସାଇବାର ପ୍ରସ୍ତାବ ହେଉଅଛି ।

ତଳକା ଏଲାକା ଡାଙ୍ଗମାଳ ମୌଜାରେ ଜଣେ ଭଣ୍ଡାରୀ ଏକ ବିଧବାସ୍ତ୍ରୀ ସଙ୍ଗେ ପାପପ୍ରଣୟ କରିବାରୁ ତାହାର ସ୍ତ୍ରୀ ସେକଥା ଜାଣିପାରି ଏକଦିନ ସ୍ୱାମିର ଦିଅଁଧର ବଟପୀ ଘରେ ପଶି ପଟ୍ଟେଖୁରରେ ତାହା ବେକର ଦକ୍ଷିଣଭାଗରୁ ଏକକଉଣି କରି କାଟିଦେଇଅଛି । ବଟପୀ ଡାକ୍ତରଙ୍କ ତଦସାରେ ଆରୋଗ୍ୟ ହୋଇଅଛି ଓ ଭଣ୍ଡାରୁଣି ପୁଲିସଦ୍ୱାରା ଗିରଫ୍ତାର ହୋଇ ସବଡିଭିଜନ ହାକମଙ୍କ ବିଚାରରେ ଦୌରାସୁପର୍ଦ୍ଦ ହୋଇଅଛି ।

ଦର୍ପଣରୁ ଜଣାଗଲା ଯେ ଦାଖଲଖାରଜ କର୍ମ ନିମିତ୍ତ ବାଲେଶ୍ୱରରେ ଜ ୨୧ ଣ ଠିକାଅମଲା ନିଯୁକ୍ତ ହୋଇଅଛନ୍ତି ଏଥିରୁ ତିନିଜଣର ବେତନ ଟ ୨୦ ଓ ବାକୀ ଜ ୧୮ ଣର ବେତନ ଟ ୧୫ ଙ୍କା ଲେଖାଏ ହୋଇଅଛି । ଏଠା କଲେକ୍ଟରୀରେ ଠିକାଅମଲା ନିଯୁକ୍ତ ହେବେ ନାହିଁକି? ହେଲେ କେତେଗୁଡିଏ ଉମେଦବାର କିଛିଦିନ ନିଶ୍ଚିନ୍ତ ହେବେ ।

ଦୁର୍ଭିକ୍ଷ ସାହାଯ୍ୟ ନିମିତ୍ତ ଚେନ୍ଦାଦ୍ୱାରା ଅର୍ଥ ସଂଗ୍ରହ କରିବା କାରଣ ବମ୍ବେଇରେ ଗୋଟିଏ ସଭାର ପ୍ରସ୍ତାବ ହୋଇଥିଲା ଯେ ତାହା ସମ୍ପ୍ରତି ସ୍ଥଗିତ ରହିଲା । ଗବର୍ଣ୍ଣମେଣ୍ଟ କହୁଅଛନ୍ତି ବର୍ତ୍ତମାନ ଦୁର୍ଭିକ୍ଷର ଆରମ୍ଭ ହୋଇଅଛି ଓ ଲୋକମାନେ ନିଜେ ୨ ଚେନ୍ଦା କରି ସାହାଯ୍ୟ ସକାଶେ ଟଙ୍କା ଉଠାଉଅଛନ୍ତି ଏହି ସାହାଯ୍ୟ ବର୍ତ୍ତମାନ ଚାଲୁଥାଉ । ଏଉତ୍ତାରୁ ଆବଶ୍ୟକ ଦେଖି କାର୍ଯ୍ୟ କରିବାକୁ ହେବ । ପରାମର୍ଶଟି ମନ୍ଦ ନୁହଇ ।

ବମ୍ବେଇରେ ବଲାତ୍କାର ପୂର୍ବକ ଇଂରାଜୀ ଟୀକା ଦେବା ନିମିତ୍ତ ଗୋଟିଏ ଆଇନର ପାଣ୍ଡୁଲିପି ଆଗତ ହୋଇଅଛି । ଏଥିପୂର୍ବେ ଇଚ୍ଛାପୂର୍ବକ ଟୀକା ଦେବାର ବିଧାନ ହୋଇଥିଲା ମାତ୍ର ତହିଁରେ ରୋଗ ଊଣା ହେଲା ନାହିଁ ଓ ଗତବର୍ଷର ପ୍ରଥମ ଭାଗରେ ଏରୋଗର ପ୍ରାଦୁର୍ଭାବ ଅଧିକ ହେବାରୁ ନୂତନ ଆଇନର ପ୍ରସ୍ତାବ ହୋଇଅଛି ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି କି ଗବର୍ଣ୍ଣମେଣ୍ଟ ମାହାଲର ଖଜଣା ତହବିଲରେ ଗୃହୀତ ହେବାର ଆଜ୍ଞା ରେବିନ୍ୟୁ ବୋର୍ଡ ଦେଇ ଅଛନ୍ତି । ଡାକ ଖର୍ଚ୍ଚା ଓ ରୋଡସେସ୍ ପ୍ରଭୃତି ଏହିପ୍ରକାର ଗୃହୀତ ହେଲେ ବଡ ଭଲ ହୁଅନ୍ତା ରୋଡସେସ୍ ଆଦାୟ କରିବାରେ ଲୋକେ ବହୁତ କଷ୍ଟ ପାଇବାର ଶୁଣାଯାଏ ।

ରାଜପୁତାନା ରେଲବେର ପୋଷ୍ଟମାଷ୍ଟର ବାବୁ ନବୀନଚନ୍ଦ୍ରରାୟ ଚାଳିଶଟି ଅନାଥ ପିଲାର ଭାର ନେବା ଓ ତାହାଙ୍କୁ ପ୍ରତିପାଳନ କରିବାକୁ ପ୍ରସ୍ତୁତ ଅଛନ୍ତି ଦେଶୀୟ ଲୋକମାନେ ଏରୂପ କାର୍ଯ୍ୟରେ ମନ ବଳାଇଲେ ଅନେକ ହିନ୍ଦୁ ଅନାଥପିଲା ଧର୍ମଚ୍ୟୁତ ହୋଇ ପାରିବେ ନାହିଁ ।

ଏକ ଜାହାଜର କପ୍ତାନ ଲେଖିଅଛନ୍ତି କି ସମୁଦ୍ରରେ ଗୋଟିଏ ସର୍ପ ସେ ଦେଖିଅଛନ୍ତି । ସର୍ପଟି ଲମ୍ବ ୨୫୦ ଫୁଟ ଓ ଓସାର ୫୦ ଫୁଟ ମୁଣ୍ଡଟି ଚାରିକୋଣିଆ ଏବଂ ଦେହଯାକ ହଳଦିଆ ଗାର ପଡିଅଛି ।

ଡେଲିନ୍ୟୁସ ଶୁଣିଅଛନ୍ତି କି ମଧ୍ୟପ୍ରଦେଶର ସର୍କାରୀ କଚେରିମାନ ଚଳିତମାସ ତା ୧ ରିଖଠାରୁ ଆଗାମୀମାସ ତା ୯ ରିଖ ପର୍ଯ୍ୟନ୍ତ ଶୀତକାଳର ଅବସର ଏବଂ ଭାରତେଶ୍ୱରୀଙ୍କ ଘୋଷଣା ଉପଲକ୍ଷରେ ବନ୍ଦ ହୋଇଅଛି ବଙ୍ଗବାସିମାନେ କେତେକାଳ ଛୁଟୀ ପାଇବେ ଜଣାଯାଇ ନାହିଁ ।

ମହାରାଜା ସର୍ ଜଙ୍ଗବାହାଦୁରଙ୍କ ତୃତୀୟ ପୁତ୍ର ଜେନେରଲ ବବରଜଙ୍ଗ ରାଜାବାହାଦୁରଙ୍କର ଅକାଳମୃତ୍ୟୁ ସଂବାଦ ଆମ୍ଭେମାନେ ଦୁଃଖର ସହିତ ଇଣ୍ଡିୟାନଡେଲିନ୍ୟୁସରେ ପାଠକଲୁଁ । ନେପାଳର ଗୋଲନ୍ଦାଜଙ୍କର ସୈନ୍ୟାଧ୍ୟକ୍ଷ ଏ ମହାଶୟ ହୋଇଥିଲେ ଓ ମହାରାଜାଙ୍କର ପୁତ୍ରଙ୍କ ମଧ୍ୟରେ ଏହାଙ୍କର ବୁଦ୍ଧି ଓ ଯୋଗ୍ୟତା ଅଧିକ ଥିଲା । ଇଂରାଜ ସୈନ୍ୟାଧ୍ୟକ୍ଷମାନେ ଏହାଙ୍କର ବଡ ପ୍ରଶଂସା କରୁଥିଲେ ।

ଗତ ତୋଫାନରେ ଇସାକ୍‌ପଟ୍ଟନ ଜିଲାରେ ଅନେକ ଲୁଣ ଭାସିଯାଇଅଛି ।

ଦିଲ୍ଲୀର ଉତ୍ସବରେ ଶ୍ରୀମତୀ ଭାରତେଶ୍ୱରୀଙ୍କ ପ୍ରୀତାର୍ଥେ ସିନ୍ଧିୟା ମହାରାଜା ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କୁ ନାଚଖାନା ଦେବା ପାଇଁ ଇଚ୍ଛା କରିଅଛନ୍ତି ଏଥିରେ ପଞ୍ଚାଶହଜାର ଟଙ୍କା ବ୍ୟୟ ହେବ ଓ ଗୁଆଲିଅରର ରେସିଡେଣ୍ଟସାହେବଙ୍କ ପ୍ରତି ଏଥିର ବନ୍ଦୋବସ୍ତ କରିବାର ଭାର ଦିଆଯାଇଅଛି । ଓଡିଶାର ରାଜା ଜମିଦାରମାନେ ସ୍ଥାନୀୟ କର୍ତ୍ତାମାନଙ୍କୁ ଅବଲମ୍ବନ କରି ଏପରି କିଛି କାଣ୍ଡ ଶ୍ରୀମତୀମହାରାଣୀଙ୍କ ପ୍ରୀତାର୍ଥେ କରିବେ କି ? ଆମ୍ଭମାନଙ୍କ ବିବେଚନାରେ ଏଠାରେ ଚିରସ୍ଥାୟୀ କୀର୍ତ୍ତି ପକ୍ଷରେ ଯେଉଁ ଚେନ୍ଦା ଉଠୁଅଛି ତହିଁରେ ଅଧିକ ଚେନ୍ଦା ଦେଲେ ସବୁଠାରୁ ଉତ୍କୃଷ୍ଟରୂପେ ରାଜଭକ୍ତି ପ୍ରଦର୍ଶିତ ହେବ ।

ମାନ୍ଦ୍ରାଜ ଟାଇମସ୍ ତଳଲିଖିତ ସତୀର ବିବରଣଟି ସନ ୧୮୭୫ ବାବତ ମାନ୍ଦ୍ରାଜର ପୁଲିସ ବିଜ୍ଞାପନୀରୁ ଉଦ୍ଧୃତ କରିଅଛନ୍ତି । ତାହା ଏହି ଯେ ତା ୮ ରିଖ ଜୁଲାଇ ରାତ୍ରରେ ଗୋଟିଏ ଆଶ୍ଚର୍ଯ୍ୟ ପ୍ରକାର ସତୀ ହେବାର ମୋକଦ୍ଦମା ଘଟଣା ହୋଇଥିଲା । ରାମଚନ୍ଦ୍ରପୁରମ ଗ୍ରାମରେ ଜଣେ ସ୍ତ୍ରୀ ବ ୨୫ ବର୍ଷ ବୟସରେ ବିଧବା ହେଲା ତାହାର ପୁତ୍ର କନ୍ୟା କିଛି ନ ଥିଲା । ସ୍ୱାମୀର ଶୋକରେ ଅତ୍ୟନ୍ତ ବ୍ୟାକୁଳା ହୋଇ ଚାରିମାସ ମଧ୍ୟରେ ତପସ୍ୱିନୀ ହୋଇ ଆପଣାର ଯାବତୀୟ ସମ୍ପତ୍ତି ବୈରାଗିମାନଙ୍କୁ ଖୁଆଇ ଦେଲା ଓ ଗୋଟିଏ କ୍ଷୁଦ୍ରଘରେ ରହିଥିଲା । ମୃତ୍ୟୁର କିଛିଦିନ ପୂର୍ବ କାହାର ସାହାଯ୍ୟ ବିନା ଆପଣା ଘର ଭିତରେ ଆପେ ଗୋଟିଏ ଗାତ ଖୋଳିଲା ଓ ତହିଁରେ ଚନ୍ଦନକାଷ୍ଠ ଭର୍ତ୍ତିକଲା । ଆପଣା ଲୁଗାସବୁକୁ ରକ୍ତବର୍ଣ୍ଣରେ ରଙ୍ଗକଲା । ଉପର ଲିଖିତ ରାତ୍ରରେ ଘରର ଦ୍ୱାରମାନ ବନ୍ଦ କରି ରକ୍ତବସ୍ତ୍ରମାନ ପିନ୍ଧି କାଠରେ ଅଗ୍ନି ଲଗାଇ ତହିଁ ମଧ୍ୟରେ ପୋଡିମଲା । ଏ ସମସ୍ତ କାର୍ଯ୍ୟ ସେ ଏକାକୀ ଗୋପନରେ କରିଥିଲା । କାହାର ସାହାଯ୍ୟ

Digitized by srujanika@gmail.com

ନେଇ ନାହିଁ । ଆରଦିନ ସକାଳେ ତାହାର ଦଗ୍ଧ ଶରୀର ସେ ଗାଡ଼ି ମଧ୍ୟରୁ ପାଯାଗଲା । ଆମ୍ଭେମାନେ ଏପ୍ରକାର ସତୀ ଓ ଆତ୍ମ ହତ୍ୟାର ବିରୋଧୀ ହେଲେ ଓ ତାହାକୁ ମହାପାପ ଜ୍ଞାନ କଲେହେଁ ଏ ସ୍ତ୍ରୀଲୋକଟିର ସରଳତା ଓ ଅକୃତ୍ରିମ ପ୍ରେମର ପ୍ରଶଂସା କରିବାରୁ କ୍ଷାନ୍ତ ହୋଇ ନ ପାରୁ । ଏସ୍ତ୍ରୀଟି ଯଥାର୍ଥ ସତୀ ଥିଲା ।

ଭାରତବର୍ଷରେ ଯେ ସମସ୍ତଦ୍ରବ୍ୟ ପ୍ରାପ୍ତ ହୁଅଇ ତାହା ବିଲାତରୁ ନ ଅଣାଇବା ବିଷୟ ସ୍ଥିର କରିବା ସକାଶେ କଲିକତାରେ ଶୀଘ୍ର ଗୋଟିଏ ସଭା ବସିବ । ଆମ୍ଭେମାନେ ଏସମ୍ବାଦ ଶୁଣି ଆନନ୍ଦିତ ହୋଇଅଛୁଁ କାରଣ ଏହାଦ୍ୱାରା ଭାରତବର୍ଷର ଶିଳ୍ପକାର୍ଯ୍ୟ ଓ ବାଣିଜ୍ୟର ଉନ୍ନତି ହେବ ।

୧ । ଏଡୁକେଶନ ଗେଜେଟରୁ ଅବଗତ ହେଲୁଁ ହିନ୍ଦୁହିତୈଷିଣୀ କହନ୍ତି ଶ୍ରୀହଟ୍ଟ ନିବାସୀ ଜମିଦାର ବାବୁ ଗିରିଶ୍ଚନ୍ଦ୍ରରାୟ ଚୌଧୁରୀଙ୍କ ଗୃହରେ ମଣିପୁରୀୟ ନୃତ୍ୟ ଉପଲକ୍ଷରେ ସାହେବ ଏବଂ ବଙ୍ଗାଳିମାନଙ୍କୁ ନିମନ୍ତ୍ରଣ ହୋଇଥିଲା । ବଙ୍ଗାଳିମାନଙ୍କ ମଧ୍ୟରୁ କେତେକବ୍ୟକ୍ତି ବସିଅଛନ୍ତି ଏମନ୍ତ ସମୟରେ କେତେକଜଣ ସାହେବ ଯାଇଁ ବସିଲେ । ତହିଁ ଉତ୍ତାରେ ପୁଲିସର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ପ୍ୟାର୍ ସାହେବ ଉପସ୍ଥିତ ହେଲେ ତାହାଙ୍କୁ ଦେଖି ଜଣେ କଲିକତାବାସୀ ଗାତ୍ରୋତ୍ଥାନ ନ କରିବାରୁ ସେ ଅଗ୍ନିତୁଲ୍ୟ ହୋଇ ଚାଲିଗଲେ ଗିରିଶବାବୁ ଅନେକ ବିନୟ କରି ମଧ୍ୟ ତାଙ୍କର କ୍ରୋଧ ଦୂର କରି ନ ପାରିଲେ । ଏହି ସମସ୍ତଲୋକଙ୍କୁ ନିମନ୍ତ୍ରଣ କରି ଅପମାନ ଓ ଯନ୍ତ୍ରଣା ସହ୍ୟ କରିବାର ଆବଶ୍ୟକତା ଆଜିପର୍ଯ୍ୟନ୍ତ ଆମ୍ଭେମାନେ ବୁଝିପାରୁ ନାହୁଁ ।

୨ । ସୋମପ୍ରକାଶ କହନ୍ତି ଯେ ଆଶାମର ଅନ୍ତର୍ଗତ ଶିବସାଗରରେ ଅନେକ ସ୍ତ୍ରୀ ଓ ପୁରୁଷ ୨।୩ ବର୍ଷ ଏକତ୍ରବାସ କରନ୍ତି ବୋଲି ସ୍ୱାମୀ ସ୍ତ୍ରୀଭାବରେ ବାସକରନ୍ତି ନିର୍ଦ୍ଦିଷ୍ଟକାଳ ଅତୀତ ହୋଇ ଗଲେ ସେମାନେ ଇଚ୍ଛାନୁସାରେ ଭିନ୍ନ ସ୍ତ୍ରୀ ବା ପୁରୁଷାନ୍ତର ଗ୍ରହଣ କରନ୍ତି । ଶିବସାଗରର ରେଜିଷ୍ଟ୍ରାର ଏହି ଦୂଷଣୀୟ କଥା ଆଶାମର ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଲେ । ଚିଫ୍କମିଶନର କର୍ଣ୍ଣେଲ କିଟିଂ କହିଅଛନ୍ତି ସେ ଏହି ପ୍ରଥାର କିଛିମାତ୍ର ଦୋଷ ଦେଖି ପାରୁନାହାନ୍ତି । ସେ ବରଂ ଏହି ପ୍ରଥାଟିକୁ ଉଚ୍ଛୃଙ୍ଖଳତା ଓ ଅସଚ୍ଚରିତ୍ରତା ନିବାରଣର ଏକ ପ୍ରଧାନ ଉପାୟ ବୋଲି ମନେ କରନ୍ତି ।

୩ । ନିଜାମଙ୍କ ରାଜ୍ୟରେ ବର୍ତ୍ତମାନ ଟଙ୍କାରେ ୨।୮ ସେର କରି ଚାଉଳ ବିକ୍ରୟ ହେଉଅଛି । ଏହି ଅନ୍ନକଷ୍ଟ ସମୟରେ ନିଜାମ ଆପଣାର କମରବନ୍ଦ ଭଲକରି ନିର୍ମାଣ କରିବ ନିମନ୍ତେ କାରିଗରକୁ ଦେଇ ଅଛନ୍ତି । କମରବନ୍ଦ ନିର୍ମାଣ ହୋଇ ଆସିଲେ ବୋଧ ହୁଏ ତହିଁର ମୂଲ୍ୟ ୮।୧୦ ଲକ୍ଷଟଙ୍କା ହୋଇପାରେ ଏ ଗୋଟିଏ ବାଦସାହିକାଣ୍ଡ ଅଟଇ ।

ଦିଲ୍ଲି ନିୟୁସ୍ ଶୁଣି ଅଛନ୍ତି କି ଏବର୍ଷ ଶୀତକାଳର ଆରମ୍ଭରେ ଜଲେଶ୍ୱର ତହସିଲରେ ଏମନ୍ତ ଶିଳାବୃଷ୍ଟି ହୋଇଥିଲା କି ବୃଦ୍ଧ ଲୋକମାନେ ସୁଦ୍ଧା ସେପରି କେବେହେଁ ଦେଖି ନାହାନ୍ତି । ବଡ଼ ୨ କୁଆପଥରମାନ ପଡ଼ିବାରୁ କ୍ଷେତରେ ଥିବା ପିଲାମାନେ ତହିଁର ମାଡ଼ରେ କେତେଜଣ ମରିଯାଇ ଅଛନ୍ତି । କାଲକ୍ରି ସବୁ ଅନୀତ ଦେଖାଯାଉ ଅଛି ।

ଦିଲ୍ଲୀରେ ଗବର୍ଣ୍ଣର ଜେନେରଲଙ୍କ ଶିବିରକୁ ଗ୍ୟାସଆଲୋକଦ୍ୱାରା ରୋଶନାଇ କରିବାକୁ ଜୟପୁରର ମହାରାଜା ପ୍ରାର୍ଥନା କରି ଅଛନ୍ତି ଏଥିକୁ ହିନ୍ଦୁପେଟ୍ରିୟଟ୍ ଯଥାର୍ଥ କହିଅଛନ୍ତି କି ଏଟଙ୍କା ବମ୍ବେଇ ଓ ମାନ୍ଦ୍ରାଜର ଦୁର୍ଭିକ୍ଷ ସାହାଯ୍ୟରେ ବ୍ୟୟ ହେଲେ ଭଲ ଦିଶନ୍ତା ।

## ବିଜ୍ଞାପନ

ଥାନାସାଲେପୁର । ପ୍ର । ମାହଙ୍ଗନଗର ମାହାଙ୍ଗାଗ୍ରାମର ନିକଟ । ମୌ । ରଘୁନାଥନଗରରେ ଥିବା ଆମ୍ଭ ଘରଠାରୁଁ ଗତ ମଇମାସ ତା ୨୧ ରିଖ ରାତ୍ରରେ ଅନ୍ଦାଜ ଟ ୯୦୦୧ କାର ସୁନା ଓ ରୂପାର ଅଳଙ୍କାର ଇତ୍ୟାଦି ଚୋରି ହୋଇଥିଲା । ଯେ ଚୋରିମାଲର ସନ୍ଧାନଦେଇ ଚୋର ଧରାଇଦେବ ତାକୁ ଟ ୫୦ ଙ୍କା ପାରିତୋଷିକ ଦେବାର ଶ୍ରୀଯୁକ୍ତ ମେଜଷ୍ଟ୍ରରସାହେବ ପୁଲିସଜରିଆରେ ଘୋଷଣା ଦେଇଅଛନ୍ତି; ଆମ୍ଭେ ଆପଣା ତରଫରୁ ମଧ୍ୟ ଟ ୫୦ ଙ୍କା ପାରିତୋଷିକ ଦେବାକୁ ସ୍ୱୀକୃତ ଅଛୁଁ । ଅତଏବ ସର୍ବସାଧାରଣଙ୍କୁ ଜ୍ଞାତ କରାଉଅଛୁଁ ଯେ କେହି ଉପରଉକ୍ତ ଚୋରିମାଲର ସନ୍ଧାନ ବତାଇ ଚୋର ଧରାଇଦେବ ତାକୁ ଟ ୧୦୦ ଙ୍କା ପାରିତୋଷିକ ଦିଆଯିବ । ତା ୭ ରିଖ ଡିସେମ୍ବର ସନ ୧୮୭୭ ମସିହା ।

ପ୍ୟାରୀମୋହନସେନ

## ବିଜ୍ଞାପନ ।

ଏଥିଦ୍ୱାରା ସର୍ବସାଧାରଣଙ୍କ ଜାଣିବା କାରଣ ପ୍ରକାଶ କରାଯାଉଅଛି ଯେ ଆମ୍ଭ କୃତ ରସବିଲାସ ପୁସ୍ତକ ଯାହାକି ଛପା ହୋଇ ଖ ୧୦୦୦ ଣ୍ଡରୁ ପ୍ରାୟ ଖ ୨୫ ଣ୍ଡ ପର୍ଯ୍ୟନ୍ତ ବଣ୍ଟନ କାର୍ଯ୍ୟରେ ବ୍ୟୟ ହୋଇ ଅବ ଖ ୯୭୫ ଣ୍ଡ ପର୍ଯ୍ୟନ୍ତ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଛାପାଖାନାରେ ରଖାଯାଇଅଛି । ସେହି ପୁସ୍ତକର କଳେବର ପ୍ରାୟ ପୃ ୧୧୫ ଷ୍ଠା ପର୍ଯ୍ୟନ୍ତ ହୋଇ ଏଥିର ମୂଲ୍ୟ ଖଣ୍ଡକୁ ଟ ୦।୧୦ ଦଶଅଣା ଲେଖାଏ ନିରୂପଣ ହୋଇଅଛି । ଏହି ରସବିଲାସ ପୁସ୍ତକ ୧୮୭୭ ସାଲକୁ ମଧ୍ୟମ ଶ୍ରେଣୀୟ ସ୍କୁଲମାନଙ୍କର ଦ୍ୱିତୀୟ ଶ୍ରେଣୀମାନଙ୍କରେ ଚଳିବାର ନିର୍ଣ୍ଣୟ କରାଯାଇଅଛି । ଏଥିକୁ ଯେବେ କେହି ଗ୍ରାହକ ଏହି ପୁସ୍ତକ ଏକତ୍ରରେ ନେବାକୁ ଇଚ୍ଛା କରିବେ ତେବେ ପୁସ୍ତକର ଛପାଖର୍ଚ୍ଚ ପ୍ରାୟ ଟ ୨୯୦ ଙ୍କା ପର୍ଯ୍ୟନ୍ତ ହେବ ତାହା ଆଦାୟ କରି ଆମ୍ଭଙ୍କୁ ନଗଦ ଟ ୧୦୦ ଙ୍କା ମୁନଫା ଦେଇଦେଲେ ଆମ୍ଭେ ସବୁପୁସ୍ତକ ଏକତ୍ରରେ ଦେଇଦେବୁଁ ଏଥିରେ କୌଣସି ସନ୍ଦେହ ନାହିଁ । ଉକ୍ତ ବିଷୟମାନଙ୍କରେ ଯେଉଁମାନଙ୍କର କିଛି ବୁଝିବାର ଆବଶ୍ୟକ ହେବ ସେ ଉକ୍ତ ଛାପାଖାନାର ଅଧ୍ୟକ୍ଷ ଶ୍ରୀଯୁତ ବାବୁ ଗୌରିଶଙ୍କରରାୟ ମହାଶୟଙ୍କ ନିକଟକୁ ପତ୍ର ଲେଖି ତହିଁର ଉତ୍ତର ବୁଝି ନେବେ । ଯୋହା [illegible] କରିବେ ତହିଁରେ ଆମ୍ଭର କୌଣସି ଆପତ୍ତି କରିବାକୁ ହେବ ନାହିଁ । ଅତଏବ ଗ୍ରାହକମାନଙ୍କ ଜ୍ଞାତ କାରଣ ଏହା ବିଜ୍ଞାପନରୂପେ ପ୍ରକାଶ କରାଗଲା । ଇତି ।

ତା ୬ ରିଖ ଡିସେମ୍ବର ସନ ୧୮୭୭ ମସିହା ।

ଶ୍ରୀ କପିଳେଶ୍ୱର ବିଦ୍ୟାଭୂଷଣନନ୍ଦଶର୍ମା ।

## ମୂଲ୍ୟପ୍ରାପ୍ତି

| | | | |
|---|---|---|---|
| ବାବୁ ଦୀନବନ୍ଧୁମହାନ୍ତି ଗୁରୁବାଇବଜାର | | | ଟ ୨।୧୦ |
| ମୌଲବୀ ଅବଦୁଲକାଦର କଟକ | „ | | ଟ ୬।୧ |
| ଶ୍ରୀ ଶ୍ରୀରାଜାଗାର କଷ୍ଟାଚରଲା ଅର୍ଗମ | | | ଟ [illegible] |
| ବାବୁ ଗୋପାଳପ୍ରସାଦମିଶ୍ରକଟକବକ୍ସିବଜାର | | | [illegible] |
| „ ଜଗବନ୍ଧୁମନ୍ଦ ଗ୍ର | „ | „ | ଟ ୬।୧ |
| ମୁନସି ଅଲ୍ଲାଜାଖାନ | „ | „ | ଟ ୬।୧ |
| „ ସେଖକାଦର | „ | „ | ଟ ୬।୧ |
| ଶ୍ରୀ ଯଶୋଦା ବଦ୍ୟାଧର ମହାପାତ୍ର | | | |
| ଭୁବନେଶ୍ୱର ବକୀୟା | | | [illegible] |

ଏହି ଉତ୍କଳଦୀପିକା ସହରକଟକ ଦଲିଘାଟଗୋଡ଼ାର କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 32



# ଅତିରିକ୍ତ ।

ଉତ୍କଳଦୀପିକା ତା ୧୬ ରଖ ଡିସମ୍ବର ସନ ୧୮୭୬ ସମିହା ।

## ଚେଦାର ତାଲିକା । ଗତପ୍ରକାଶିତ ଉତ୍ତାରୁ

| ନାମ | ଉତ୍ସବ ନିମିତ୍ତ | ଚିରସ୍ଥାୟୀ କୀର୍ତ୍ତି ନିମିତ୍ତ | ନାମ | ଉତ୍ସବ ନିମିତ୍ତ | ଚିରସ୍ଥାୟୀ କୀର୍ତ୍ତି ନିମିତ୍ତ |
|---|---|---|---|---|---|
| ବାବୁ ରାଧାଶ୍ୟାମ ନରେନ୍ଦ୍ର | ଟ ୫୦ | ଟ ୫୦୦ | „ ମହେନ୍ଦ୍ରକୃଷ୍ଣ ଘୋଷ | ଟ ୨ | ଟ ୫ |
| ବାବୁ ଟେମନାକୀ ଯାଚକ | ଟ ୫ | ୦ | ରାଜା । କ । ମୟୂରଭଞ୍ଜ | ଟ ୨୫ | ଟ ୧୦୦ |
| „ ନନ୍ଦକିଶୋରଦାସ ଓ ଗଣେଶ୍ୱର ଦାସ | ଟ ୧୦ | ଟ ୫୦ | ବାବୁ ହରେକୃଷ୍ଣ ଚନ୍ଦ୍ରଧୁରୀ | ଟ ୧୦ | ଟ ୫ |
| „ ଗୌରୀଶଙ୍କର ଜହରୀ | ଟ ୨୦ | ୦ | „ ଇଶ୍ୱରଲାଲ ପରଓ୍ୱାର | ଟ ୨୦ | ଟ ୩୦ |
| ମୁନସୀ ଅବଦୁଲଗଫୁର | ଟ ୫ | ୦ | „ ଜଗଦାନନ୍ଦ ଦାସ | ଟ ୪ | ୦ |
| ବାବୁ ଭୁଷଣଚନ୍ଦ୍ର ଭଟ୍ଟାଚାର୍ଯ୍ୟ | ଟ ୨ | ୦ | „ ପଦ୍ମଲମଲ୍ଲିକ | ଟ ୨୦ | ଟ ୩୦ |
| ହାଜୀ ଅବଦୁଲ ରହେମାନ ମୁସା | ଟ ୩୫ | ୦ | ମୁନ୍ସି ରୋସନମହମ୍ମଦ୍ | ଟ ୧୫ | ୦ |
| ବାବୁ ବଲଦେବଲାଲ ଭଗତ | ଟ ୨୫ | ଟ ୧୦୦ | ବାବୁ କାଳୀକୁମାର ଗାଙ୍ଗୁଲି | ଟ ୪ | ଟ ୫ |
| „ ରାମଗତି ଗୁପ୍ତ | ଟ ୫ | ଟ ୧୫ | „ ଚୁନିଲାଲ ଦାସ | ଟ ୫ | ୦ |
| „ ମଥୁରାଲାଲ ଭଗତ | ଟ ୧୦ | ଟ ୫୦ | „ ବ୍ରଜକୃଷ୍ଣ ଚକ୍ରବର୍ତ୍ତୀ | ଟ ୪ | ୦ |
| „ କୃଷ୍ଣବଲ୍ଲଭ ଘୋଷ | ଟ ୨ | ଟ ୪ | „ ଦ୍ୱାରକାନାଥ ଚକ୍ରବର୍ତ୍ତୀ | ଟ ୫ | ଟ ୧୦ |
| „ ରାମମୋହନ ମଲ୍ଲିକ | ଟ ୨ | ଟ ୫ | „ ଅବିନାଶ ଚନ୍ଦ୍ର ଗଙ୍ଗୋପାଧ୍ୟା | ଟ ୭ | ଟ ୧୨ |
| „ ଦୀନନାଥ ସରକାର | ଟ ୫ | ଟ ୧୦ | „ ନନ୍ଦକୁମାର ଦାସ | ଟ ୫ | ୦ |
| „ ଯୋଗେଶ୍ୱର ଚନ୍ଦ୍ର | ଟ ୧ | ଟ ୪ | „ ଭଗବାନ ସାହୁ | ଟ ୧୦ | ୦ |
| „ ହରିନନ୍ଦଦାସ ମୈତ୍ର | ଟ ୪ | ଟ ୧୦ | „ ଅଯୋଧ୍ୟାପ୍ରସାଦ ସାହୁ | ଟ ୧୫ | ୦ |
| „ ହରବଲ୍ଲଭ ମୈତ୍ର | ଟ ୨ | ଟ ୫ | „ ରାଖାଲଚନ୍ଦ | ଟ ୧୫ | ୦ |
| „ ନାରାୟଣ ସୁବ୍ଜି | ଟ ୫ | ଟ ୫ | ତାଜମହମ୍ମଦ୍ | ଟ ୨୦ | ଟ ୫୦ |
| „ ଗୋଲମାଧବ ଅଧିକାରୀ | ଟ ୨ | ଟ ୩ | „ ମନସାରାମ ଓ ଖୋସାଲ ଚନ୍ଦ | ଟ ୩୦ | ଟ ୫୦ |
| „ ଯୋଜଫ ରାଉତ | ଟ ୧ | ଟ ୧ | „ ବଳରାମଦାସ ଭଗତ | ଟ ୨୦ | ଟ ୩୦ |
| ମୁନସୀ ମହେତାବ ଖାଁ | ଟ ୨ | ଟ ୨ | „ ମନୀରାମ | ଟ ୧୦ | ୦ |
| ଉଜିର ଖାଁ | ଟ ୧ | ଟ ୧ | „ ଜୟକୃଷ୍ଣଦାସ | ଟ ୩ | ୦ |
| ବାବୁ ପ୍ୟାରୀମୋହନ ଘୋଷ | ଟ ୧୪ | ଟ ୧୪ | „ ଉଦ୍ଧବଚରଣ ମହାନ୍ତି ମୁକ୍ତାର | ଟ ୨ | ଟ ୩ |
| „ ଘନଶ୍ୟାମ ଘୋଷ | ଟ ୧ | ଟ ୧ | „ ତୀର୍ଥାନନ୍ଦ ରାୟ ମୁକ୍ତାର | ଟ ୪ | ଟ ୭ |
| „ ବାଲକୃଷ୍ଣ ଅପା | ଟ ୧ | ଟ ୧ | ଶ୍ରୀରାମଲୁ ନାୟୁଡୁ | ଟ ୩ | ୦ |
| „ ହଇଲୀ ପଣ୍ଡିତ | ଟ ୧ | ଟ ୧ | ବାବୁ ହରମୋହନ ଦତ୍ତ | ଟ ୧ | ୦ |
| „ ଆନନ୍ଦନାରାୟଣ ଅପା | ଟ ୧ | ଟ ୧ | ଗୁଲାବଅଲି | ଟ ୨ | ୦ |
| „ ଅଯୋଧ୍ୟାରାମ ଘୋଷ | ଟ ୧ | ଟ ୧ | କର୍ଣ୍ଣେଲ୍ ନକ୍ସ ସାହେବ | ଟ ୩୦ | ୦ |
| „ ବିଦ୍ୟାଧର ମହାପାତ୍ର | ଟ ୧ | ଟ ୧ | ମେଜର ଏସ୍ ଗାର୍ଥ ସାହେବ | ଟ ୧୫ | ୦ |
| ସୟଦ ମକବୁଲ ଅଲି | ଟ ୧ | ଟ ୧ | କାପ୍ତନ୍ ଏଚ୍ ସିମସ୍ ସାହେବ | ଟ ୧୨ | ୦ |
| ବାବୁ ହରଶ୍ଚନ୍ଦ୍ର ମୁଖୁର୍ଯ୍ୟା | ଟ ୩ | ଟ ୭ | „ ଇ, ଯେ, ଓ୍ୱାଇଣ୍ଡ ସାହେବ | ଟ ୧୦ | ୦ |

Digitized by srujanika@gmail.com

| ନାମ | ଉତ୍ସବ ନିମିତ୍ତ | ଚରସ୍ଥାୟୀ କୀର୍ତ୍ତି ନିମିତ୍ତ |
|---|---|---|
| ବାବୁ ଶଶୀଭୂଷଣ ଦତ୍ତ | ଟ ୩ | ଟ ୫ |
| ବାବୁ ଅମରନାଥ ଚଟ୍ଟର୍ଯ୍ୟା | ଟ ୧ | ୦ |
| ଚୌଧୁରୀ ବଳରାମଦାସ | ଟ ୫ | ୦ |
| ମୁନସୀ ଦାଦାରବକ୍ସ | ଟ ୫ | ଟ ୧୦ |
| ବାବୁ କାଭ୍‌କଚନ୍ଦ୍ରରାୟ ଚୌଧୁରୀ | ଟ ୨ | ଟ ୧୫ |
| " ଭୋବନାନନ୍ଦ ଦାସ | ଟ ୨ | ୦ |
| " ଯଗମୋହନ ସାହୁ | ଟ ୨ | ୦ |
| ମଉଲବ ମହମ୍ମଦହୁସେନ | ଟ ୨ | ୦ |
| " ଅସଦ୍‌ଅଲି | ଟ ୨ | ୦ |
| ବାବୁ ସମ୍ଭୂନାଥ ଦାସ | ଟ ୫ | ୦ |
| ମୁନସୀ ଗୁଲବଅଲି | ଟ ୨ | ୦ |
| " ଫଏଯଅଲି | ଟ ୨ | ୦ |
| ବାବୁ ଭୋବାନାନନ୍ଦମହାନ୍ତି | ଟ ୨ | ୦ |
| " ହାଡବନ୍ଧୁମହାନ୍ତି | ଟ ୨ | ୦ |
| " ସହଦେବପଣ୍ଡା | ଟ ୨ | ୦ |
| " ପୁରୁଷୋତ୍ତମପଣ୍ଡା | ଟ ୨ | ୦ |
| " ଯଗବନ୍ଧୁମହାନ୍ତି | ଟ ୧ | ୦ |
| " ରଘୁନାଥପ୍ରସାଦ ରାୟ | ଟ ୨ | ୦ |
| " ରାଜକିଶୋର ଘୋଷ | ଟ ୨ | ଟ ୩ |
| " ପ୍ୟାରିଚରଣ ଦାସ | ଟ ୧ | ୦ |
| " ବାନାବରମହାନ୍ତି | ଟ ୧ | ୦ |
| " ପରମାନନ୍ଦ ଘୋଷ | ଟ ୧ | ୦ |
| " ଜଦୁନନ୍ଦନ ମଯୁମଦାର | ଟ ୧ | ଟ ୨ |
| " କୃଷ୍ଣବହାର ରାୟ | ଟ ୧ | ୦ |
| " କେଶବାନନ୍ଦ ମହାପାତ୍ର | ଟ ୨ | ଟ ୩ |
| " ଫଛେଚନ୍ଦ | ଟ ୧୦ | ୦ |

| ନାମ | ଉତ୍ସବ ନିମିତ୍ତ | ଚରସ୍ଥାୟୀ କୀର୍ତ୍ତି ନିମିତ୍ତ |
|---|---|---|
| ବାବୁ ମଣିରାମ ଓ ରୂଧରାମ | ଟ ୩୦ | ଟ ୩୦ |
| ଡି, ଯେ, ଫୁଲ୍‌ସାହେବ | ଟ ୨୦ | ଟ ୫୦ |
| ବାବୁ ଗୋପାଳରାମଭଗତ | ଟ ୧୫ | ୦ |
| " ଗୌରମୋହନ ଚଟ୍ଟର୍ଯ୍ୟା | ଟ ୫ | ଟ ୧୦ |
| " ଫକିରମୋହନ ସେନାପତି | ଟ ୨ | ଟ ୫ |
| ବାବୁ ଗଣେଶପ୍ରସାଦ ସିଂହ | ଟ ୧ | ଟ ୪ |
| ମୀର୍‌କୁମାରଅଲି | ଟ ୨ | ୦ |
| ଜାଗିରଦାର ସୁଲତାନମହମଦ | ଟ ୧୦ | ଟ ୩୦ |
| ବାବୁ ସୁଦର୍ଶନ ଦାସ | ଟ ୨ | ଟ ୪ |
| " ପ୍ୟାରିମୋହନ ସେନ | ଟ ୨ | ଟ ୪ |
| " ତାରିଣୀଚରଣ ମୁଖର୍ଯ୍ୟା | ଟ ୦ | ଟ ୫ |
| " କାଳୀମୋହନ ଘୋଷାଲ | ଟ ୨ | ଟ ୩ |
| " ଅମରନାଥ ଚଟ୍ଟର୍ଯ୍ୟା | ଟ ୧ | ଟ ୧ |
| ଏଚ, ପି, ଓ୍ୱାଲି ସାହେବ | ଟ ୧୦ | ୦ |
| ଯେ, ଡବଲଉ, ଲେସି ସାହେବ | ଟ ୫ | ଟ ୧୦ |
| ବାବୁ ସାଲେଗ୍ରାମ ଭଗତ | ଟ ୧୫ | ୦ |
| " ଗୋପାଲରାମ ଭଗତ | ଟ ୧୫ | ୦ |
| ଶ୍ରୀମତ୍ୟା ସୁଲୋଚନା ଦାସୀ | ଟ ୧୦ | ଟ [illegible] |
| ମୁନସି ରସୁଲ ବକ୍ସ | ଟ ୨୦ | ଟ ୨୦ |
| ବାବୁ ଦୁର୍ଗାନାରାୟଣ ବୋଷ | ଟ ୪୦ | ଟ ୪୦ |
| " ଜନାର୍ଦ୍ଦନ ଚଉଧୁରୀ | ଟ ୧୦ | ୦ |
| ମୁନ୍‌ସୀ ଅବଦୁଲ କରମ | ଟ ୧ | ୦ |
| ବାବୁ ଦୀନବନ୍ଧୁ ମହାନ୍ତି | ଟ ୨ | ୦ |
| " ଶୁକଦେବଲାଲ ଭଗତ | ଟ ୫ | ୦ |
| " ବାଲକ | ଟ ୧୦ | ୦ |

☞ ମୂଲପତ୍ର ଦେଖ ।

Split by PDF Splitter

REGISTERED NO. 32

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୧୧ଶ } ତା ୨୨ ରିଖ ଡିସେମ୍ବର ସନ ୧୮୭୭ ମସିହା । ମୁ । ପୌଷ ଦ ୧୧ ନ ସନ ୧୨୮୫ ସାଲ ଶନିବାର { ଅଗ୍ରିମ ବାର୍ଷିକମୂଲ୍ୟ ଟ୩୧
ସଂଖ୍ୟା ୫୧ } ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୩୧
ମଫସଲପାଁଇ ଡାକମାସୁଲ ଟ୧୧୦

କଟକ ଜେଲଖାନାରେ ବାଉଁଶରୁ କାଗଜ ପ୍ରସ୍ତୁତ ହେବାର କଥା ଏଥିପୂର୍ବେ ଆମ୍ଭେମାନେ ପାଠକମାନଙ୍କୁ ଜଣାଇଥିଲୁଁ । ଜେଲର ସାହେବ ଏକାଗଜର ନମୁନା ବିଲାତକୁ ପଠାଇଥିଲେ ସେଠାର ଜଣେ କାଗଜ ପ୍ରସ୍ତୁତକାରୀ ଉକ୍ତ [illegible]ନ ଏକାଗଜକୁ ପସନ୍ଦ କରି ପ୍ରତି ଟନ [illegible] ମୂଲ୍ୟରେ ମିଳପାରିବ ବୋଲି ପତ୍ର ଲେଖିଅଛନ୍ତି । ଯେବେ ସୁଲଭ ହେବ ଓ ଅନେକ ପରିମାଣରେ ପ୍ରସ୍ତୁତ ହୋଇପାରିବ ତେବେ ସମ୍ଭବ ହୁଅଇ ଯେ ଏହା ରପ୍ତାନି ଦ୍ରବ୍ୟ ମଧ୍ୟରେ ପରିଗଣିତ ହୋଇପାରେ ଓ ତାହା ହେଲେ ପଣ୍ଡିଂ ସାହେବଙ୍କ ପରିଶ୍ରମ ଓ ଯତ୍ନରୁ ଆମ୍ଭମାନଙ୍କ ମଧ୍ୟରେ ଗୋଟିଏ ନୂତନ ବ୍ୟବସାୟ ବାହାରିବ ସାମାନ୍ୟ ପ୍ରଶଂସାର ବିଷୟ ନୁହଇ ।

---

ଇଣ୍ଡିୟା ଗବର୍ଣ୍ଣମେଣ୍ଟ ଯେରୂପ ଛୁଟୀ ଦେବାର ନିୟମ କରିଥିବାର ଗତସପ୍ତାହରେ ଲେଖିଥିଲୁଁ ବଙ୍ଗଳା ଗବର୍ଣ୍ଣମେଣ୍ଟ ଠିକ ସେହିପରି ନିୟମ କରିଅଛନ୍ତି ଅର୍ଥାତ୍ ଚଳିତମାସ ତା ୨୫ ରିଖଠାରୁ ଆଗାମୀ ମାସ ତା ୪ ରିଖ ପର୍ଯ୍ୟନ୍ତ ସମସ୍ତ କଚେରୀ ବନ୍ଦ ହେବ ଓ ଏଠାର ଉତ୍ସବ କାର୍ଯ୍ୟମାନ ଆଗାମୀ ମାସ ତା ୭ ରିଖ ପର୍ଯ୍ୟନ୍ତ ହେବାର କଳ୍ପନା ହୋଇଥିବାରୁ ଆମ୍ଭେମାନେ ଯେ ଅଧିକା ଛୁଟୀର ଆଶା କରିଥିଲୁଁ ତାହା ମିଳିବ ନାହିଁ । ଏତେ ଛୁଟୀ ଉତ୍ତାରୁ ହାକିମମାନେ ଗବର୍ଣ୍ଣମେଣ୍ଟଙ୍କୁ ଆଉ ଛୁଟୀ ସକାଶେ ଅନୁରୋଧ କରି ନ ପାରନ୍ତି । ତା ୪ ରିଖ ଉତ୍ତାରୁ ଛୁଟୀ ନାହିଁ ବୋଲି ଘୋଡାଦୌଡ ତା୫ ରିଖରେ ନ ହୋଇ ତା ୪ ରିଖରେ ହେବାର ସ୍ଥିର ହୋଇଅଛି । ଆଉ ସମସ୍ତ କାର୍ଯ୍ୟ ପୂର୍ବପରି ରହିଲା ।

---

ଚଟ୍ଟଗ୍ରାମର ପ୍ରସିଦ୍ଧ ଫେନୁଆ ମୋକଦ୍ଦମା କ ଯହିଁରେ ସେଠାର ପ୍ରଜାମାନଙ୍କସହିତ ଗ୍ରେ-କର ସାହେବଙ୍କର ଦଙ୍ଗା ହେବାରେ ଦୁଇଜଣ ସାହେବ ପ୍ରଜାମାନଙ୍କୁ ଗୁଳି ମାରି ଗୁରୁତର ପୀଡା ଦେଇଥିଲେ ଓ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ବିଚାରରେ ପ୍ରଜାମାନେ କାରାବାସ ଦଣ୍ଡ ପାଇଲେ କିନ୍ତୁ ସାହେବମାନେ କେବଳ ଅର୍ଥଦଣ୍ଡ ଦେଇ ମୁକ୍ତି ପାଇଥିଲେ ହାଇକୋର୍ଟରେ ସେ ମୋକଦ୍ଦମା ହେବାରୁ ସାହେବମାନେ ଦୁଇମାସ ଲେଖାଁଏ କଠିନ ପରିଶ୍ରମ ସହିତ କାରାବାସ କରିବାର ଦଣ୍ଡ ପାଇଅଛନ୍ତି ଓ ପ୍ରଜାମାନେ ଜାମିନ ଦେଇ ଖଲାସ ହୋଇଅଛନ୍ତି । ଏହାଙ୍କ ମୋକଦ୍ଦମାମାନ ନିଷ୍ପତ୍ତି ହୋଇ ନାହିଁ ବିଚାରରେ କି ହେବ ପରେ ଜଣାଇବୁଁ । ଆପାତତଃ ସାହେବ ଦୁଇଜଣଙ୍କର ଦଣ୍ଡ ହେବାରୁ ବିଚାରାଳୟର ଗୌରବ ରକ୍ଷା ପାଇଅଛି ଓ ଲୋକେ ଯେ ବିଶ୍ୱାସ କରୁଥିଲେ କି ସାହେବମାନେ ଯାହା ଇଚ୍ଛା ତାହା କରନ୍ତୁ କେହି ତାହାଙ୍କୁ ଶାସନ କରିବାକୁ ନାହିଁ ସେ ବିଶ୍ୱାସ ଦୂର ହୋଇଅଛି ।

---

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦସହିତ ଅବଗତ ହେଲୁଁ ଯେ ଇଣ୍ଡିୟାନ ଡେଲିନ୍ୟୁଜର ସମ୍ପାଦକ ୱିଲସନ ନାମରେ କଲିକତାର ମିଉନିସିପାଲ କମିଶ୍ନର ସର୍ ଷ୍ଟିୱାର୍ଟ ହଗ ସାହେବ ଯେଉଁ ଅପବାଦର ମୋକଦ୍ଦମା କରିଥିଲେ କଲିକତା ହାଇକୋର୍ଟରେ ଗତସପ୍ତାହରେ ତହିଁର ବିଚାର ହୋଇ ୱିଲସନ ସାହେବ ମୁକ୍ତି ପାଇଅଛନ୍ତି । ଜୁରିମାନେ ଏହାଙ୍କୁ ନିରପରାଧୀ ବିବେଚନା କଲେ କେବଳ ଏତିକି କହିଲେ କି ସମ୍ପାଦକ ସମ୍ବାଦପତ୍ରରେ ଯାହା ଲେଖିଥିଲେ କିଛି କର୍କଶ ହୋଇଥିଲା । ସର୍ ଷ୍ଟିୱାର୍ଟ ସାହେବ ମୋକଦ୍ଦମା ଚଳାଇବା ସକାଶେ ଜଣେ ବାରିଷ୍ଟର ନିଯୁକ୍ତ କରିଥିଲେ କିନ୍ତୁ ୱିଲସନ ସାହେବ ଆପେ ଆପଣାର ସଫାଇର ସୱାଲ ଜବାବ କରିଥିଲେ ୱିଲସନ ସାହେବ ସମ୍ପାଦକ ସ୍ୱରୂପ ସାଧାରଣ ମଙ୍ଗଳଇଚ୍ଛାରେ ହଗ ସାହେବଙ୍କ ବିରୁଦ୍ଧରେ ଲେଖିଥିଲେ ଓ ବିଚାର ଅଦାଲତରେ ସେ ମୁକ୍ତି ପାଇବାରୁ ସର୍ବସାଧାରଣ ଆନନ୍ଦିତ ହୋଇଅଛନ୍ତି ଓ ଯନ୍ତ୍ରାଳୟର ସମ୍ମାନ ରହିଅଛି ।

---

ଯେଉଁ ଉତ୍ସବ ନିମିତ୍ତ ଆଜିକାଲି ଭାରତବର୍ଷର ପ୍ରଧାନ ସ୍ଥାନମାନଙ୍କରେ ବୃହତ ଆୟୋଜନ

Digitized by srujanika@gmail.com

Split by PDF Splitter

221



ଲାଗିଅଛି ଓ ଯହିଁପାଇଁ ଲୋକେ ଗୃହଆଦି ବ୍ୟସ୍ତ ଅଦ୍ୟ ସନ୍ଧ୍ୟାସମୟରୁ ସେହି ଉତ୍ସବ ସକାଶେ ସମସ୍ତ ସରକାରୀ କାର୍ଯ୍ୟାଳୟମାନ ବନ୍ଦ ହେବ ଓ ଦିଲ୍ଲିରେ ଅଦ୍ୟ ଅପରାହ୍ନ କାଳରେ ସ୍ୱୟଂ ମହାମାନ୍ୟ ଗବର୍ଣ୍ଣରଜେନେରଲ ସାହେବ ତାହା ଆରମ୍ଭ କରିବେ । ଏ ନଗରରେ ଯଦ୍ୟପି ପ୍ରକୃତ ଉତ୍ସବ ଆରମ୍ଭ ହେବାକୁ ଦି ୮ ନ ବାକି ଅଛି ତଥାପି ତହିଁର ବନ୍ଦୋବସ୍ତ ଦେଖି ଆପାତତଃ ଲୋକଙ୍କ ମନରେ ହର୍ଷ ଜାତ ହେଲାଣି ଓ ଆମୋଦର ଆଶାରେ ସମସ୍ତଙ୍କ ମନ ଉତ୍ସାହ ପୂର୍ଣ୍ଣ ହୋଇଅଛି । ବଡ଼ଦିନ ବକରିଦ ଓ ଖ୍ରୀଷ୍ଟାଭିଷେକ ଏହିସମୟରେ ପଡିବାରୁ ସମସ୍ତ ଶ୍ରେଣୀର ଲୋକଙ୍କ ଉତ୍ସବ ଲାଗିଅଛି । ଏଥିରେ ସରକାରୀ ଆମୋଦ ଯୋଗ ହେବାରେ ସୁନା ଟାଙ୍ଗଣାର ଯୋଗ ହୋଇଅଛି । ଏମନ୍ତ କାଳରେ ଆମ୍ଭେମାନେ ସରକାରୀ କାର୍ଯ୍ୟକାରକ ମାନଙ୍କୁ ଅନୁରୋଧ କରୁଅଛୁଁ କି ଟିକସ ଖଜଣା ଇତ୍ୟାଦି ଆଦାୟ କରିବା ଏକାବେଳକେ ସ୍ଥଗିତ ରଖା ଯାଉ ଯେମନ୍ତକି ଏ ଉତ୍ସବକାଳରେ ପ୍ରଜାମାନେ କୌଣସିରୂପେ ବିରକ୍ତ ନ ହୁଅନ୍ତୁ ଓ ଟିକସ ଇତ୍ୟାଦି ଦେବାକୁ ହୁଅଇ ବୋଲି ତାହାଙ୍କ ମନରେ ନ ପଡୁ । ଦି ୧୫ ନ ଏସବୁ ବନ୍ଦ ହେଲେ କିଛି କ୍ଷତି ହେବ ନାହିଁ ଅଥଚ ଲୋକଙ୍କର ଉତ୍ସବ ଅନେକ ପରିମାଣରେ ବୃଦ୍ଧି ହେବ ।

---

ଦିଲ୍ଲୀର ମହାସଭାର ଆମୋଦ ପ୍ରମୋଦ କାର୍ଯ୍ୟମାନ ଆଜିଠାରୁ ଆରମ୍ଭ ହେବ ବୋଲି ତାରଡାକଯୋଗେ ସମ୍ବାଦ ଆସିଅଛି ଅଦ୍ୟ ଅପରାହ୍ନ କାଳରେ ମହାମାନ୍ୟ ଗବର୍ଣ୍ଣର-ଜେନେରଲସାହେବ ସମାରୋହ ପୂର୍ବକ ଦିଲ୍ଲି ନଗରରେ ପ୍ରବେଶ କରିବେ । କାଲି ରବିବାର ବିଶ୍ରାମ କରିବେ କୌଣସି କାର୍ଯ୍ୟ ହେବ ନାହିଁ । ସୋମବାରଠାରୁ ଶନିବାର ପର୍ଯ୍ୟନ୍ତ ଦିନବେଳେ ସାକ୍ଷାତ ଦେବା ଓ ସାକ୍ଷାତ କରିବାକୁ ଯିବା କାର୍ଯ୍ୟରେ ନିଯୁକ୍ତ ରହିବେ ଏବଂ ପ୍ରତିଦିନ ରାତ୍ରରେ ନାଚଖାନା ଓ ଆମୋଦ ପ୍ରମୋଦ ହେବ ତହିଁ ଉତ୍ତାରୁ ରବିବାର ବିଶ୍ରାମ ହୋଇ ସୋମବାର ଦରବାର ହେବ ଓ ସେହି ରାତ୍ରରେ ବାଣ ବାଜି ଓ ରୋଶନାଇ ହେବାର କଳ୍ପନା ଅଛି । ଦିଲ୍ଲିର ମିଉନିସିପାଲ କମିଟି ଅନେକ ସହସ୍ର ଟଙ୍କା ଖର୍ଚ୍ଚ କରି ତାବତ ନଗର ସେ ରାତ୍ରରେ ରୋଶନାଇ କରିବେ । ଏମନ୍ତ ଅନୁମାନ ହୁଅଇ ଯେ ଦିଲ୍ଲୀର ଯୁମା ମସ୍‌ଜିଦ ଗ୍ୟାସ ଆଲୋକଦ୍ୱାରା ରୋଶନାଇ ହେବ ଓ ଏଥିପାଇଁ ମୁସଲମାନ ରାଜାମାନେ ପୃଥକ୍ ଚେନ୍ଦା କରି ପାରନ୍ତି ଏହାକୁ ରୋଶନାଇ କରିବା ସକାଶେ ପ୍ରାୟ ଦଶ ହଜାର ଟଙ୍କା ଖର୍ଚ୍ଚ ହେବ । ଜାନୁଆରି ମାସ ତା ୧ ରିଖ ଉତ୍ତାରୁ ସେନାଙ୍କର ପ୍ରଦର୍ଶନ ହେବ ଓ ତହିଁ ଉତ୍ତାରୁ ଦିଲ୍ଲି ମହାସଭାର କାର୍ଯ୍ୟ ଶେଷ ହେବ । ସମ୍ପ୍ରତି ଏହିପରି ଜଣାଯାଇଅଛି ମାତ୍ର ପ୍ରତିଦିନ ନିଶ୍ଚୟ କି କାର୍ଯ୍ୟମାନ ହେବ ତହିଁର ବିସ୍ତାରିତ ବିବରଣ ଅବଧି ଗଜେଟରେ ବାହାରି ନାହିଁ ଓ ଯେଉଁମାନେ ଦିଲ୍ଲୀକୁ ଯାଉନାହାନ୍ତି ତାହାଙ୍କର ଆଗେଜାଣିବା ଯେମନ୍ତ ପଛେଜାଣିବା ସେମନ୍ତ ଅଟଇ ।

---

ମାନ୍ଦ୍ରାଜର ଦୁର୍ଭିକ୍ଷ ସମ୍ପର୍କରେ ନିମ୍ନଲିଖିତ ହୃଦୟବିଦାରକ ଘଟନାଟି ମାନ୍ଦ୍ରାଜ ମେଲରେ ଲେଖାଅଛି । ଯଥା;—

"ଅଦ୍ୟ ଅପରାହ୍ନ କାଳରେ ଆମ୍ଭର କାର୍ଯ୍ୟାଳୟକୁ ଯିବା ସମୟରେ ଶୁଣିଲୁଁ ଯେ ଜଣେ ଗ୍ରାମ୍ୟ ଲୋକ କି ଯାହାର ଦୁଇ ପୁଅ ଅନାହାରରେ ଗତକାଲି ମରିଯାଇଥିଲେ ସେ ଆଜି ପଞ୍ଚତ୍ୱ ପାଇଅଛି । ଆମ୍ଭ କାର୍ଯ୍ୟାଳୟର ପଛରେ ଗୋଟାଏ ପିଣ୍ଡାରେ ସେ ମରି ପଡିଥିଲା ଓ ତାହାର ସ୍ତ୍ରୀ ଗୋଟିଏ ପିଲା କୋଳରେ ନେଇଁ ତାହା ମୁଣ୍ଡ ପାଖରେ ବସି କାନ୍ଦୁଥିଲା ଏପରି ଆମ୍ଭେମାନେ ସ୍ୱୟଂ ଦେଖିଅଛୁଁ । ଉକ୍ତ ସ୍ତ୍ରୀଟିକୁ ପଚାରିବାରେ ଜଣାଗଲା ଯେ ତାହାଙ୍କ ଘର ପୁନାମାଲିନାମକ ଗ୍ରାମରେ ଥିଲା ଓ ତାହାର କୁଟୁମ୍ବରେ ସେ ତାହାର ସ୍ୱାମୀ ଓ ତିନୋଟି ପିଲା ଥିଲେ । ଗୃହଦିନ ସେଠାରେ ଅନାହାରରେ ଦୁଃଖ ପାଇ ସେମାନେ ଘର ଛାଡି ମାନ୍ଦ୍ରାଜ ନଗରକୁ ପଳାଇ ଆସିଲେ । ଏଠାରେ ପାଞ୍ଚଦିନ ହେଲା ପଥସ୍ଥ ଭିକ୍ଷାଦ୍ୱାରା ପେଟ ପାଳୁଥିଲେ ଗତ କାଲି ତାହାଙ୍କର ବଡପୁଅଟି ଅନ୍ନକଷ୍ଟ ହେତୁ ମରିଗଲା ଜଣେ ଦୟାବନ୍ତ ଇଂରାଜଙ୍କ ବଦାନ୍ୟତାରୁ ମୃତପିଲାଟିକୁ କବର ଦେବାକୁ ସକ୍ଷମ ହେଲେ । କବର ଦେଇ ଫେରି ଆସି ପିତା ଶୁଣିଲା ଯେ ତାହାର ଦ୍ୱିତୀୟ ପୁତ୍ରଟି ମରିଯାଇଅଛି ଓ ତାହାକୁ ମଧ୍ୟ ଗତ ରାତ୍ରରେ କବର ଦେଇ ଆସିଲା । କାଲି ଓ ଆଜି ସେମାନେ କିଛି ଖାଇବାକୁ ପାଇ ନାହାନ୍ତି ଓ ଅନାହାରରେ ପଡିରହି ଆଜି ସ୍ୱାମୀର କାଳ ହେଲା "

ମାନ୍ଦ୍ରାଜ ନଗର ମଧ୍ୟରେ ଯେବେ ଦୁର୍ଭିକ୍ଷପୀଡିତ ବ୍ୟକ୍ତିଙ୍କର ଏ ଦଶା ତେବେ ମୋଫସଲରେ ଯାହା ହେଉଥିବ ପାଠକମାନେ ଅନାୟାସରେ କଳ୍ପନା କରି ପାରନ୍ତି । ଏଥିକୁ ଆମ୍ଭେମାନେ ପଚାରୁଁ ଯେ ଏମନ୍ତ ଅବସ୍ଥାରେ କିପରି ମାନ୍ଦ୍ରାଜର ଗବର୍ଣ୍ଣର ଦିଲ୍ଲି ଦରବାରରେ ଆମୋଦ ପ୍ରମୋଦ କରିବାକୁ ଆସିଅଛନ୍ତି । ପ୍ରଜାବତ୍ସଳା! ଭାରତେଶ୍ୱରୀଙ୍କ ପ୍ରଧାନ କର୍ମଚାରୀମାନେ କିରୂପେ ଆତ୍ମବିସ୍ମୃତ ହୋଇ ଆନନ୍ଦରେ ମାତିଅଛନ୍ତି ।

---

ସନ ୧୮୭୫।୭୬ ସାଲର ଶିକ୍ଷାବିଭାଗର ବାର୍ଷିକ ବିଜ୍ଞାପନୀ ବାହାରି ଅଛି ଓ ତହିଁ ସମ୍ପର୍କରେ ଆମ୍ଭମାନଙ୍କର ଲେପ୍ଟେନେଣ୍ଟ ଗବର୍ଣ୍ଣର ଯେଉଁ ଅଭିପ୍ରାୟ ବ୍ୟକ୍ତ କରି ଅଛନ୍ତି ତାହା ମଧ୍ୟ ଗଜେଟରେ ଛପା ହୋଇ ଅଛି । ଉଚ୍ଚଶିକ୍ଷାର ବୃଦ୍ଧି ଦେଖି ମାନ୍ୟବର ସର୍ ଟେମ୍ପଲ ସାହେବ ବଡ ଆନନ୍ଦ ପ୍ରକାଶ କରି ଅଛନ୍ତି କିନ୍ତୁ ବଙ୍ଗଳାର ସ୍କୁଲ ଓ କାଲେଜମାନଙ୍କରେ ଯେରୂପ ଶିକ୍ଷା ଦିଆ ଯାଉଅଛି ତହିଁ ସମ୍ପର୍କରେ ସେ ଲେଖିଅଛନ୍ତି କି ଫାଷ୍ଟଆର୍ଟସ ଓ ବି, ଏ, ପରୀକ୍ଷାର ଫଳ ଦେଖି ବଙ୍ଗଳାରେ ଉଚ୍ଚଶିକ୍ଷାର ଯେ ଖ୍ୟାତି ହୋଇଅଛି ତାହା ବର୍ତ୍ତମାନ ପୁରୁଷରେ ରକ୍ଷା ପାଇଅଛି କି ନାହିଁ ଏକଥାରେ ସନ୍ଦେହ ହେଉଅଛି । ଫାଷ୍ଟଆର୍ଟସ ପରୀକ୍ଷାରେ ଶତକଡ଼ା ଜ ୨୫ ଣ ଓ ବି, ଏ, ପରୀକ୍ଷାରେ ଶତକଡ଼ା ୨୩ ଜଣ ଏ ବର୍ଷ ଉତ୍ତୀର୍ଣ୍ଣ ହୋଇଥିଲେ । ଏତେ ଅଳ୍ପସଂଖ୍ୟକ ଛାତ୍ର ପରୀକ୍ଷାରେ କୃତକାର୍ଯ୍ୟ ହେବାର ଅନେକ ହେତୁ ପ୍ରଦର୍ଶିତ ହୋଇ ଅଛି ଓ ସେ ସବୁ ହେତୁ କେତେଦୂର ସତ୍ୟ ହୋଇ ପାରେ ମାତ୍ର ପରୀକ୍ଷକଙ୍କର ମତ ଏହି ଯେ ଛାତ୍ରମାନଙ୍କୁ ପ୍ରସ୍ତୁତ କରିବାରେ ଅସାବଧାନତା ଲକ୍ଷିତ ହୋଇଅଛି ଓ ଛାତ୍ରମାନେ ବୁଦ୍ଧିର ଚାଳନା ନ କରି ସ୍ମରଣ ଶକ୍ତି ଉପରେ ଅଧିକ ନିର୍ଭର ରଖନ୍ତି ଓ ବିଷୟ ନ ବୁଝି ପୁସ୍ତକମାନ ପାଠକରନ୍ତି । ଲେପ୍ଟେନେଣ୍ଟ ଗବର୍ଣ୍ଣର ପୃଥକ୍ ପତ୍ରଦ୍ୱାରା ପରୀକ୍ଷକଙ୍କର ଉପରି ଲିଖିତ ମତ ପ୍ରତି ଶିକ୍ଷାବିଭାଗର ଡାଇରେକ୍ଟରଙ୍କ ମନୋଯୋଗ କରିବାପାଇଁ ଲେଖିଅଛନ୍ତି ଓ ଏମନ୍ତ ଆଜ୍ଞା ଦେଇଅଛନ୍ତି କି ଯହିଁରେ ରସାୟନ ଓ ଉଦ୍ଭିଦଶାସ୍ତ୍ରର ଅଧ୍ୟୟନ ପକ୍ଷରେ ପ୍ରକୃତ ଅଭ୍ୟାସ କରିବାକୁ ପ୍ରବୃତ୍ତି ହେବ । ଶିକ୍ଷାର ଉନ୍ନତି ନିମିତ୍ତ ଅନ୍ୟ ଯେ କିଛି ଉପାୟ କରିବାକୁ

Digitized by srujanika@gmail.com

Split by PDF Splitter



ଆବଶ୍ୟକ ହେବ ତାହା ସେ ଆନନ୍ଦ ସହିତ କରିବେ । ମାତ୍ର ଏଥିର ପ୍ରକୃତ ଔଷଧ ଗବର୍ଣ୍ଣମେଣ୍ଟଙ୍କ ହାତରେ ନାହିଁ ଶିକ୍ଷକ ଓ ଛାତ୍ରଙ୍କଠାରେ ଅଛି ଓ ଲେପ୍ଟେନେଣ୍ଟ ଗବର୍ଣ୍ଣର ବିଶ୍ୱାସ କରନ୍ତି କି ସେମାନେ ଦୃଢରୂପେ ଏକଥାକୁ ସ୍ମରଣ ରଖି କାର୍ଯ୍ୟ କରିବେ ।

ଲେପ୍ଟେନେଣ୍ଟଗବର୍ଣ୍ଣର ଉଚ୍ଚଶିକ୍ଷାର ଯେଉଁ ଦୋଷ ଦେଖାଇ ଅଛନ୍ତି ତାହା ଯଥାର୍ଥ ଅଟଇ ଓ ହିନ୍ଦୁପେଟ୍ରିଅଟ ମଧ୍ୟ ଯଥାର୍ଥ କହୁଅଛନ୍ତି କି ଏଦୋଷ ଶିକ୍ଷକଙ୍କ ହେତୁରୁ ହୋଇ ଅଛି ଛାତ୍ରମାନଙ୍କର ଦୋଷ କି? ସେମାନଙ୍କର ବୁଦ୍ଧି ଏଣିକି ହ୍ରାସହେବାର କୌଣସି କାରଣ ନାହିଁ ତେବେ ଉପଯୁକ୍ତ ପ୍ରକାର ଶିକ୍ଷା ନ ପାଇଲେ କାହୁଁ ତାହାଙ୍କର ଉନ୍ନତି ହେବ ।

---

### ସାଧାରଣ ହିତକାର୍ଯ୍ୟର ତାଲିକା

ଲୋକବିଶେଷଦ୍ୱାରା ବର୍ଷକୁ ବର୍ଷ ଯେ ସମସ୍ତ ସାଧାରଣ ହିତକାର୍ଯ୍ୟ ନିର୍ମାଣ ହୁଅଇ ତହିଁର ଏକ ତାଲିକା ପ୍ରତ୍ୟେକ ଜିଲାରୁ ଗବର୍ଣ୍ଣମେଣ୍ଟକୁ ଯାଏ ଓ ତାହା ଗଜେଟରେ ଛପା ହୁଅଇ । ଗତ ସନ୧୮୭୪ ଓ ୭୫ମସିହାରେ ଏରୂପ ଯେତେ କାର୍ଯ୍ୟ ହୋଇଥିଲା ତହିଁର ତାଲିକାମାନ ଗବର୍ଣ୍ଣମେଣ୍ଟ ନିର୍ଦ୍ଧାରଣ ସହିତ ଗତମାସର କଲିକତା ଗଜେଟରେ ପ୍ରକାଶିତ ହୋଇ ଅଛି । ତହିଁରୁ ଆମ୍ଭେମାନେ ଓଡିଶାବାସିଙ୍କଦ୍ୱାରା ନିର୍ମାଣ ହୋଇଥିବା କାର୍ଯ୍ୟର ତାଲିକାଟି ଉଦ୍ଧୃତ କଲୁଁ । ଯଥା;

ସନ ୧୮୭୪ ଜିଲାପୁରୀ

| | | |
|---|---|---|
| ଜିତବସାନ୍ତ ସେଠୀ | ପୁଷ୍କରିଣୀ | ଟ୧୫୦/ |
| ଉଲ୍କଦାସ ବାବାଜି କୋଠରହାଙ୍ଗ | କୂଅ | ଟ ୧୫/ |
| ଚୈତନ୍ୟନନ୍ଦ ଓଗେର | ,, | ଟ ୧୫/ |
| ମହନ୍ତ ରଘୁନାଥ ଦାସ | ,, | ଟ ୧୫/ |
| ଭାଗବତ ମହାନ୍ତି କୋଠଦେଶ | ,, | ଟ ୧୦/ |
| ଭାଗବତ ସ୍ୱଉତ | ,, | ଟ ୧୦/ |
| ଭଜନ ସାହୁ ପାଣ୍ଡଗଡ | ପୁଷ୍କରିଣୀ | ଟ ୨୫୦/ |
| କୃପାସିନ୍ଧୁ ମହାପାତ୍ର | ,, | ଟ୩୫୦/ |
| କୃଷ୍ଣସାନ୍ତରା ଖୋରଧା | ପଥରକୂଅ | ଟ ୪୦/ |
| ଗଙ୍ଗାଧର ପାତର ବାଣପୁର | ,, | ଟ ୮୦/ |

ବାଲେଶ୍ୱର

| | | |
|---|---|---|
| ବାବୁ ଶ୍ୟାମାନନ୍ଦ ଦେ | ଚିକିତ୍ସାଳୟ | ଟ୧୨୦୦/ |

ସନ୧୮୭୫ ଜିଲାପୁରୀ

| | | |
|---|---|---|
| ହରିଅବଦେହେରା | ପୁଷ୍କରିଣୀ | ଟ୨୦୦/ |
| ମଲୁକ ମହାପାତ୍ର | ,, | ଟ୧୫୦/ |
| ଏଜନ | ,, | ଟ୩୦୦/ |

ଉପରଲିଖିତ ତାଲିକାରୁ ପାଠକମାନେ ଦେଖିବେ ଯେ କେବଳ ପୁରୀ ଲୋକମାନେ ସାଧାରଣ ହିତକାର୍ଯ୍ୟ ସକାଶେ ବଦାନ୍ୟତା ପୂର୍ବକ ଧନବ୍ୟୟ କରି ଅଛନ୍ତି ଏବଂ ବାଲେଶ୍ୱରର ବାବୁ ଶ୍ୟାମାନନ୍ଦ ରାୟ ବାହାଦୁର ଛଡା କଟକ ଓ ବାଲେଶ୍ୱରରେ କେହି କିଛି ଏପରି କର୍ମ କରି ନାହାନ୍ତି । ଆମ୍ଭେ ଏଥିପୂର୍ବେ ଏକଥର ଓଡିଶା ସମ୍ପର୍କରେ ଏହିପରି କଥା ଲେଖିଥିଲୁଁ ଓ ତହିଁରେ ଏମନ୍ତ ସୁଦ୍ଧା କହିଥିଲୁଁ ଯେ ସ୍ଥାନୀୟ ହାକିମମାନେ ଅନୁସନ୍ଧାନ କରିଥିଲେ ଅବଶ୍ୟ କେହି କିଛି କର୍ମ କରିଥିବାର ପ୍ରକାଶ ପାନ୍ତା ମାତ୍ର କ୍ରମାଗତ ତିନ ଚାରି ବର୍ଷରେ ଯେବେ କେହି କିଛି କରିବାର ପ୍ରକାଶ ନ ହେଲା ତେବେ ଅବଶ୍ୟ ବୋଲିବାକୁ ହେବ ଯେ ବିଶେଷ କାର୍ଯ୍ୟ କିଛି ହୋଇ ନାହିଁ ଅଥଚ ଆମ୍ଭେମାନେ ଶୁଣୁଅଛୁଁ ଯେ ବାବୁ ବୈଦ୍ୟନାଥ ପଣ୍ଡିତ ଆପଣା ବ୍ୟୟରେ ଏକ ବିଦ୍ୟାଳୟ ଓ ଚିକିତ୍ସାଳୟ ସ୍ଥାପନ କରି ଅଛନ୍ତି । ଯେବେ ସତ୍ୟ ଅଟଇ ତେବେ ଏ ତାଲିକାରେ ଯିବାର ଉଚିତ ଥିଲା ଓ ତାହା ନ ହେବାରୁ ଆମ୍ଭେମାନେ ସଂଶୟରେ ପଡଲୁଁ ଯାହା ହେଉ ଗବର୍ଣ୍ଣମେଣ୍ଟର ପ୍ରକାଶିତ ତାଲିକାକୁ ବିଶ୍ୱାସ କରି ଆମ୍ଭେମାନେ କହୁଅଛୁଁ ଯେ ବାଲେଶ୍ୱର ଓ କଟକରେ କେହି ଏରୂପ କିଛି କର୍ମ କରି ନାହାନ୍ତି ଓ ଏହା ବଡ ଆଶ୍ଚର୍ଯ୍ୟ ଓ ଦୁଃଖର ବିଷୟ ଅଟଇ । ଏ ଅଞ୍ଚଳର ଧନୀ ଜମିଦାର ଓ ମହାଜନମାନେ କାହିଁକି ଏ ବିଷୟରେ ଉଦାସିନ୍ ହୋଇ ଅଛନ୍ତି ଆମ୍ଭେମାନେ ବୁଝିବାକୁ ଅକ୍ଷମ ହେଲୁଁ ।

ଗବର୍ଣ୍ଣମେଣ୍ଟଙ୍କ ବିଜ୍ଞାପନୀରୁ ଜଣାଯାଏ ଯେ ଗତ କେତେକ ବର୍ଷରେ ନିମ୍ନଲିଖିତ କର୍ମମାନ ବ୍ୟକ୍ତି ବିଶେଷର ବଦାନ୍ୟତାରେ ନିର୍ମାଣ ହୋଇ ଅଛି । ଯଥା;

| | | |
|---|---|---|
| ସନ ୧୮୭୧ | ୪୭ ଟି | ଟ ୫୪,୮୦୦ |
| ୧୮୭୨ | ୭୯ ଟି | ଟ ୮୦,୭୦୦ |
| ୧୮୭୩ | ୧୬୩ ଟି | ଟ୧,୭୯.୭୧୫ |
| ୧୮୭୪ | ୮୪୭ ଟି | ଟ୫,୦୦,୫୯୨ |
| ୧୮୭୫ | ୧୨୧ ଟି | ଟ୭,୦୫,୦୩୪ |

ଏଥିରୁ ଦେଖାଯାଏ ଯେ ପ୍ରଥମ ତିନିବର୍ଷରେ ଯେତେଟଙ୍କା ଲେଖାଏ ସାଧାରଣ ହିତକାର୍ଯ୍ୟରେ ଲୋକେ ଦେଇଥିଲେ ସନ ୧୮୭୪ ସାଲରେ ତହିଁର ତିନିଗୁଣରୁ ଅଧିକ ବ୍ୟୟ କଲେ । ଏଥିକୁ ଲେପ୍ଟେନେଣ୍ଟଗବର୍ଣ୍ଣର ବୋଲନ୍ତି କି ଉକ୍ତ ବର୍ଷରେ ଦୁର୍ଭିକ୍ଷ ହୋଇଥିବାରୁ ଦୁଃଖିଲୋକଙ୍କ ସାହାଯ୍ୟ ଉଦ୍ଦେଶରେ ଧନିମାନେ ଅଧିକ ପରିମାଣରେ ପୁଷ୍କରିଣୀ ଓ ସଡକ ଇତ୍ୟାଦି ନିର୍ମାଣ କରିଥିଲେ । ଏଥିରେ ଦାନର ଫଳ ଦ୍ୱିଗୁଣ ହୋଇଅଛି ସନ୍ଦେହ ନାହିଁ କିନ୍ତୁ ଅତ୍ୟନ୍ତ ଆନନ୍ଦର ବିଷୟ ଯେ ସନ ୧୮୭୫ ମସିହାରେ ଦୁର୍ଭିକ୍ଷ ନ ଥିଲେ ସୁଦ୍ଧା ବଦାନ୍ୟତାର ସୋତ ସଙ୍କୁଚିତ ହୋଇ ନାହିଁ ବରଂ ସନ ୧୮୭୪ ଠାରୁ ସନ ୧୮୭୫ ରେ ଲକ୍ଷେଟଙ୍କା ଅଧିକ ଦାନ ହୋଇଅଛି । ଏଥିରୁ ଏହି ଅନୁମାନ କରିବାକୁ ହେବ ଯେ ଏପ୍ରକାର କର୍ମରେ ବଦାନ୍ୟର ପ୍ରବୃତ୍ତି ଏ ପ୍ରଦେଶରେ ଜନ୍ମିଅଛି । ଏଣୁକରି ଓଡିଶାରେ ତହିଁର ଅଭାବ ଦେଖି ଆମ୍ଭମାନଙ୍କର ଦୁଃଖ ଦ୍ୱିଗୁଣ ହେଉଅଛି ।

ସନ ୧୮୭୫ ମସିହାରେ ୨୦ ଜିଲାର ଲୋକ ଟ ୭,୦୫,୦୩୪ ଙ୍କା ଦାନ କରିଥିଲେ ତହିଁମଧ୍ୟରେ ହୁଗୁଲି ନଦିୟା ଓ ଦରଭଙ୍ଗା ଜିଲାମାନଙ୍କରେ ଅଧିକଟଙ୍କା ଦାନ ହୋଇଥିବାର ଦେଖାଯାଏ । ଏକା ଦରଭଙ୍ଗାରେ ପ୍ରାୟ ସାଢେ ପାଞ୍ଚଲକ୍ଷଟଙ୍କାର କର୍ମ ହୋଇଥିଲା ଓ ତହିଁର ରାଜା ଅଧିକାଂଶଟଙ୍କା ଦେଇଅଛନ୍ତି । ସବୁଠାରୁ ଅଳ୍ପଟଙ୍କାର କର୍ମ ଲୋହାରଡଗାରେ ହୋଇଥିଲା ।

---

## ସାପ୍ତାହିକସଂବାଦ ।

ଏ ଜିଲାର ଭୂତପୂର୍ବ ଜଜ ବ୍ରାଉନ ସାହେବ ବିଲାତରୁ ଫେରିଆସି ଗତମାସ ତା ୯ ରିଖରେ ବମ୍ବେଇରେ ପହୁଞ୍ଚିଥିଲେ ଏଠାକୁ ଆସିବେ କି ଅନ୍ୟ କୌଣସି ଠାରେ ନିଯୁକ୍ତ ହେବେ ଜଣାଯାଇ ନାହିଁ ।

ବାଲେଶ୍ୱରରେ ଜଣେ ରୋଡସେସ ଚପରାସି ଟ ୨୫ ଙ୍କା ଅସୁଲ କରିବାକୁ ଯାଇ ପରବାନା ଜାଲ କରି ଟ ୧୨୫ ଅସୁଲ କରିଥିଲା ଅପରାଧ ପ୍ରମାଣ ହେବାରୁ ଗତ ଦୌରାରେ ତାହାର ତିନିବର୍ଷ କାରାବାସ ଦଣ୍ଡ ହୋଇଅଛି ।

ଗତ ମଙ୍ଗଳବାର ରାତ୍ରରେ ଏ ନଗର ଡଗରପଡାରେ ଗୋଟାଏ ଘର ପୋଡିଗଲା । ଶୀତକାଳରେ ଘର ପୋଡିଯିବା ଅସାଧାରଣ ବ୍ୟାପାର ଅଟଇ ।

Digitized by srujanika@gmail.com

ଏଡୁକେଶନ ଗେଜେଟ ଲେଖି ଅଛନ୍ତି "ଆମ୍ଭେମାନେ ଏହି ଅପୂର୍ବ ସମ୍ବାଦଟି ସୁଲଭସମାଚାରରୁ ଉଦ୍ଧୃତ କଲୁଁ । ଅନେକଲୋକ ମନେ କରିପାରନ୍ତି ଆମ୍ଭେମାନେ କୌଣସି ବୈଷ୍ଣବକୁ ଉପହାସ କରୁଁ କିନ୍ତୁ ତାହା ନୁହେ । ଆମ୍ଭମାନଙ୍କ କାର୍ଯ୍ୟାଳୟର କିଛି ଦୂରରେ ଗୋଟିଏ ସାହେବବୈଷ୍ଣବ ଆସି ଅଛନ୍ତି । ଗତ ଶନିବାର ଆମ୍ଭେମାନେ ତାଙ୍କୁ ଦେଖିବାକୁ ଯାଇଥିଲୁଁ । ତାଙ୍କର ବିବରଣ ସଂକ୍ଷେପରେ ବର୍ଣ୍ଣନ କରୁଅଛୁଁ ଏହାଙ୍କର ପିତା ମାତା ଦୁହେଁ ଆୟୁର୍ଲଣ୍ଡର ଲୋକ ଏବଂ ରୋମାନକାଥଲିକ୍ ଧର୍ମାବଲମ୍ବୀ । କାନପୁରର ଏକ ସୈନ୍ୟ ଦଳରେ ଏହାଙ୍କର ପିତା କର୍ଣ୍ଣେଲ ଥିଲେ । ତା ୧୧ ରିଖ ଡିସମ୍ବର ୧୮୩୫ ଖ୍ରୀଷ୍ଟାବ୍ଦରେ ସେହିଠାରେ ଏ ଜନ୍ମଗ୍ରହଣ କରିଥିଲେ . ପରେ ମଧ୍ୟଭାରତବର୍ଷର ଏକ ରାଜାଙ୍କ ଅଧୀନରେ ପୁଲିସରେ ଚାକରି କଲେ । ଦିନେ ଶିକାର କରିବାକୁ ବନକୁ ଯାଇ ଜଣେ ଯୋଗୀଙ୍କ ସଙ୍ଗରେ ସାକ୍ଷାତ ହେଲା । ଯୋଗୀ ଏହାଙ୍କୁ ଶିକାରୀ ଦେଖି ଉକ୍ତ ଦୁଷ୍କାର୍ଯ୍ୟର ବିରୁଦ୍ଧରେ କେତେକ କଥା କହିଲେ ଏବଂ କିଛି ବିଶେଷ ଗୁପ୍ତକଥା କହିଥିଲେ ଯେ, ତହିଁରେ ତାଙ୍କ ମନରେ ସମ୍ପୂର୍ଣ୍ଣ ବୈରାଗ୍ୟର ଭାବ ଉଦୟ ହୋଇଅଛି ଏବଂ ଖ୍ରୀଷ୍ଟଧର୍ମ ପରିତ୍ୟାଗ କରି ବୈଷ୍ଣବ ହୋଇ ଅଛନ୍ତି । ସେହିଦିନୁ ଆଉ ବନ୍ଧୁକ ଧରନ୍ତି ନାହିଁ । ଚାକରି ପରିତ୍ୟାଗ କରି ଦୀନ ହୀନ ବୈରାଗୀ ବେଶରେ ତୀର୍ଥ ପର୍ଯ୍ୟଟନ କରି ବୁଲୁଅଛନ୍ତି । ଏଲାହବାଦ ଓ କାଶିକୁ ଯାଇଥିଲେ । ଏହାଙ୍କର ସ୍ତ୍ରୀ ଓ ଦୁଇ କନ୍ୟା ଏବଂ ଜଣେ ଜାମାତା ଏଲାହାବାଦରେ ଅଛନ୍ତି । କନ୍ୟା ସଙ୍ଗରେ ଦେଖା ହୋଇଥିଲା କିନ୍ତୁ ସେ ଚିହ୍ନି ପାରିଲା ନାହିଁ । ଏ ଆସିବା ପଥରେ କୌଣସିଠାରେ ଘୋଡା କି ଗାଡି କି ନୌକା କିଛିରେ ଚଢନ୍ତି ନାହିଁ । ବଡ ୨ ନଦୀ ପହଁରି ପାର ହୋଇ ଆସି ଅଛନ୍ତି ଦୁଇକୋଶ ଜଳ ପହଁରି ପାରହୋଇ ପାରନ୍ତି । ଏହାଙ୍କର ମତ ଯେ ତୀର୍ଥ ଦର୍ଶନ ନିଜର ଶାରୀରିକ ପରିଶ୍ରମରେ କରିବାକୁ ହେବ । ପ୍ରାୟ ପାଞ୍ଚ ଛଅ ଦିନ ହେଲା ଗୋଟିଏ ପାଇଜାମା ପିନ୍ଧି କଲିକତାକୁ ଆସି ଗଙ୍ଗାର ଏକ ଘାଟରେ ପଡିଥିଲେ । ସେଠାରୁ ଜଣେ ବଙ୍ଗାଳୀ ବୈଷ୍ଣବ ଯତ୍ନକରି ଆପଣା ଘରେ ଆଣି ରଖିଅଛନ୍ତି । ଅନେକ ସାହେବ ଏହାଙ୍କୁ ଫେରାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ପାରି ନାହାନ୍ତି । ସାହେବୀ ଆଚାର ବ୍ୟବହାର ଉପରେ ଅତ୍ୟନ୍ତ ଘୃଣା ଦେଖାଗଲା ଏବେ ମାଛ ମାଂସ କିଛି ଖାଆନ୍ତି ନାହିଁ । ଖ୍ରୀଷ୍ଟିୟାନ କି ମୁସଲମାନ ହସ୍ତରେ ଖାଇବାକୁ ଚାହାନ୍ତି ନାହିଁ । ଆପଣା ଶାରୀରିକ ପ୍ରୟୋଜନ ପାଇଁ କାହାରି ନିକଟରେ କିଛି ଚାହାନ୍ତି ନାହିଁ, ତହିଁର କାରଣ ପଚାରିଲେ କହନ୍ତି ସମସ୍ତେ ଉପବାସ କରିଅଛନ୍ତି, ତେବେ ଆମ୍ଭେ କାହା ନିକଟରେ ଖାଇବାର ଚାହିଁବୁ । ଏବେ ଏହାଙ୍କୁ ଦେଖିବାକୁ ଠିକ ଏକ ବୃଦ୍ଧ ବୈଷ୍ଣବ, ମୁଣ୍ଡ ଲଣ୍ଡା, ଦାଢୀ ମୁଛ ନାହିଁ, ଗଳାରେ ଓ ହାତରେ ତୁଳସୀମାଳୀ, ସର୍ବଦା ହରିନାମ ଜପ କରୁଅଛନ୍ତି । ଲୋକଙ୍କ ସଙ୍ଗରେ ଅଧିକ କଥା କହନ୍ତି ନାହିଁ, କିଛି ପଚାରିଲେ ସମାନ୍ୟ ଉତ୍ତର ଦେଇ ପୁନର୍ବାର ଜପ ଆରମ୍ଭ କରନ୍ତି । ଆମ୍ଭେମାନେ ଅନେକକ୍ଷଣ କଥାବାର୍ତ୍ତା କରି ଉତ୍ତମରୂପେ ପରୀକ୍ଷା କରି ଦେଖିଲୁଁ ଲୋକଟି ସରଳ ବିଶ୍ୱାସୀ ଅଥଚ ହିନ୍ଦୁଧର୍ମ କିଛି ଜାଣନ୍ତି ନାହିଁ, ଏମନ୍ତ କି ଧର୍ମ କଥାରେ ବାଇବଲର ଉଦାହରଣ ଆଣି ଦିଅନ୍ତି । ହିନ୍ଦୁଧର୍ମର କଥା କହିଲେ କିଛି ବୁଝି ପାରନ୍ତି ନାହିଁ । ଗୁରୁ ଯାହା ଶିଖାଇ ଦେଇଅଛନ୍ତି ତାହାହିଁ ଧରି ରଖିଅଛନ୍ତି ଏବଂ ବିଶ୍ୱାସ ଯେ ତହିଁରେହିଁ ମୁକ୍ତି ପାଇବେ । ଏ ମହାଶୟ ଓଡିଶାର ଜଗନ୍ନାଥ ଦେଖିବାକୁ ଯାଉଅଛନ୍ତି ।"

ଭାରତେଶ୍ୱରୀ ଉପାଧି ଲେଖାଥିବା ନୂତନ ମୁଦ୍ରା ଦୁଇଲକ୍ଷ କଲିକତା ଟାଙ୍କଶାଳରେ ପ୍ରସ୍ତୁତ ହୋଇଅଛି ଓ ତହିଁମଧ୍ୟରୁ ଏକଲକ୍ଷ ଦିଲ୍ଲୀକୁ ଯାଉଅଛି । ସେଠାରେ ଘୋଷଣା ପତ୍ରଦିନ ପ୍ରଚାରିତ ହେବ ।

ଆମ୍ଭେ ଅତ୍ୟନ୍ତ ଆନନ୍ଦ ସହିତ ସ୍ୱଦେଶୀରେ ପାଠକଲୁଁ ଯେ ଉକ୍ତ ପତ୍ରିକାର ପ୍ରିଣ୍ଟରକୁ ମୁନସଫ ଯେଉଁ ଦଣ୍ଡ ଦେଇଥିଲେ ଅପିଲରେ ତାହା ରହିତ ହୋଇଅଛି ଓ ପ୍ରିଣ୍ଟର ଏ ମକଦମାଘଟିତ କ୍ଲେଶରୁ ମୁକ୍ତି ପାଇଅଛନ୍ତି । ମୁନସଫଙ୍କ ଆଜ୍ଞା ଅନ୍ୟାୟ ବୋଲି ଆମ୍ଭେମାନେ ପ୍ରଥମରୁ ଅନୁମାନ କରିଥିଲୁଁ ଓ ଜଜସାହେବ ଯଥାର୍ଥ ବିଚାର କରିଅଛନ୍ତି ସନ୍ଦେହ ନାହିଁ । ତାହାଙ୍କ ନିଷ୍ପତ୍ତି ପାଠ କରିବାକୁ ଅମ୍ଭମାନଙ୍କର ବଡ ବାସନା ଥିଲା ମାତ୍ର ଦୁଃଖର ବିଷୟ ଯେ ସ୍ୱଦେଶୀ ତାହା ଛାପିବେ ବୋଲି ଲେଖି ଛାପାକରି ନାହାନ୍ତି ।

ନୂତନ ପଦରଘୋଷଣା ଉପଲକ୍ଷରେ ସେନାମାନଙ୍କୁ ଏକଦିନର ବେତନ ପାରିତୋଷିକ ଦେବାର ଯେଉଁ ଆଜ୍ଞା ହୋଇଅଛି ତହିଁରେ ତିନିଲକ୍ଷ ଟଙ୍କା ବ୍ୟୟ ହେବାର ସମ୍ଭାବନା ସୈନିକ ବିଭାଗର ଅତିରିକ୍ତ କର୍ମଚାରୀଙ୍କୁ ଏପରି ପାରିତୋଷିକ ଦିଆଯାଇଥିଲେ ଆହୁରି ତିନି ଚାରିଲକ୍ଷ ଟଙ୍କା ବ୍ୟୟ ପଡନ୍ତା ।

## ବିଜ୍ଞାପନ ।

### ଆଶ୍ଚର୍ଯ୍ୟ ବିଷୟ ।

ଗୋଟିଏ କଟାମୁଣ୍ଡକୁ ଯାହା ପଚାରିଲେ ସେ ତାହା କହୁଅଛି ଓ ପ୍ରତିଦିନ ନାନାରୂପ ଧାରଣ କରିପାରେ । ଏ ତାମସା କଟକ ଚାନ୍ଦିବଜାର ମୀରଯାଫରଅଲୀଙ୍କ କୋଠା ସମ୍ମୁଖରେ ଥିବା ଗୋଟିଏ କୋଠାଘରେ ପ୍ରଦର୍ଶିତ ହେଉଅଛି । ଯାହାଙ୍କର ଇଚ୍ଛା ଦୁଇ ପଇସା ବ୍ୟୟ ସ୍ୱୀକାର କଲେ ଅନାୟାସରେ ଦେଖି ପାରିବେ ।

ପ୍ରକାଶ ଥାଉକି ତାମସା ଗୃହର ଦ୍ୱାରରେ ଅନୁକ୍ଷଣେ ଘଣ୍ଟା ବାଜୁଅଛି ଓ ଦ୍ୱାରର ଦୁଇପାଖରେ ଦୁଇଟି ଲାଲରଙ୍ଗର ପତାକା ଉଡୁଅଛି ଗୋଟିଏ ମୁଣ୍ଡର ଛବି ଟଙ୍ଗାଯାଇଅଛି । ସେ ସଙ୍କେତକୁ ଅନୁସରି ଗଲେ ଭ୍ରମ ହେବ ନାହିଁ ।

କଟକ } ଶମ୍ଭୁରାମ ଓ
୨୩।୧୨।୭୨ } ଶାମମହମ୍ମଦ ।

କଟକ ସରକ୍ୟୁଲେଟିଙ୍ଗ ଲାଇବ୍ରେରୀରେ ଥିବା ଶ୍ରୀଯୁକ୍ତ କାଳୀସିଂହ ରଚିତ ସୁପ୍ରସିଦ୍ଧ ମହାଭାରତରୁ ଖଣ୍ଡ ବର୍ତ୍ତମାନ ମିଳୁ ନାହିଁ କେହି ଲାଇବ୍ରେରୀରୁ ଉକ୍ତ ପୁସ୍ତକ ପଢିବା ସକାଶେ ନେଇଥିଲେ ଅନୁଗ୍ରହପୂର୍ବକ ଫେରି ପଠାଇବେ ।

କଟକ } Piyari Mohan Acharjya
Secretary to the Cuttack
୧୬।୧୨।୭୨ } Circulating Library.

## ମଲ୍ୟପ୍ରାପ୍ତି ।

ଶ୍ରୀ ନାରାୟଣ ବଡପେନା ଦେବାନ
ମଞ୍ଜୁସା ଅଗ୍ରିମ ଟ୨୲୰
ବାବୁ ଜଗତ୍‌ବନ୍ଧୁଘୋଷ କଟକ ବଣାଗ୍ନା ଟ୨୲
ଶ୍ରୀ ଶ୍ରୀ ରାଜା କେଞ୍ଝ ପାରିକୁଦ „ ଟ୨୲୰
ବାବୁ ରାମଗୋବିନ୍ଦଜଗଦେବ
କେନ୍ଦ୍ରାପଡା „ ଟ୨୲୰

ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା

Digitized by srujanika@gmail.com
Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୧ ଶ | ସଂଖ୍ୟା ୫୨

ତା ୩୦ ରିଖ ଡିସମ୍ବର ସନ ୧୮୭୬ ମସିହା । ମୂ । ପୌଷ ଦ ୧୮ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୫
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬
ମଫସଲପାଇଁ ଡାକମାସୁଲ ଟ ୧୷

ସନ ୧୮୭୬ ସାଲ ଶେଷ ହେଲା କାଳଠାରୁ ଏହା ଚିରକାଳ ସକାଶେ ବିଦାୟ ହେବ । ଏବର୍ଷଟି ଏମନ୍ତ ହର୍ଷବିଷାଦରେ ଅତିବାହିତ ହୋଇଅଛି ଯେ କି ବୋଲି ଏହାକୁ ବିଦାୟ ଦେବା [illegible] ସ୍ଥିର କରିବା କଠିନ । ବର୍ଷଟି ଆରମ୍ଭ ହେଲାବେଳେ ଯୁବରାଜଙ୍କୁ ଦେଖି ଭାରତବର୍ଷ ଆନନ୍ଦରେ ପରିପୂର୍ଣ୍ଣ ଥିଲା ଓ ସମସ୍ତେ ଆଶା କରିଥିଲେ ଯେ ଏବର୍ଷଟି ଏହିପରି ଆନନ୍ଦରେ ଯିବ । ବର୍ଷ ଶେଷରେ ଆଉ ଏକ ଉତ୍ସବରେ ଭାରତବର୍ଷ ଏମନ୍ତ ମଗ୍ନ ଅଛି ଯେ ଦିନ ବାର [illegible] ନାହିଁ । କିନ୍ତୁ ପକ୍ଷାନ୍ତରରେ ଦେଖାଯାଏ ଯେ ଏବର୍ଷ ଭାରତବର୍ଷର ଅଧିକାଂଶ ଦେଶ ମହାବିପଦରେ ପଡିଅଛି । ଦୁର୍ଭିକ୍ଷ ଓ ଝଡ ବତାସ ବନ୍ୟା ଇତ୍ୟାଦି ଉତ୍ପାତରେ ମାନ୍ଦ୍ରାଜ ବମ୍ବେଇ ଓ ପୂର୍ବ ବଙ୍ଗଳାରେ ହା ହା କାର ପଡିଅଛି । ଏକତ୍ର ମଧ୍ୟରେ ଦୁଇଲକ୍ଷ ଲୋକ ବଙ୍ଗଳାରୁ ଧୋଇଗଲେ ଓ ଯଦ୍ୟପି ଦୁର୍ଭିକ୍ଷରେ ଅଧିକ ଲୋକ ମରିପଡିବାର ସମ୍ବାଦ ଆସି ନାହିଁ ଓ ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟରେ ବଞ୍ଚିଥିବା ଲୋକେ ମୁଠାଏ ଅନ୍ନ ପାଉଅଛନ୍ତି କିନ୍ତୁ ସେମାନେ କେତେ ମନସ୍ତାପରେ ଅଛନ୍ତି ଓ କେତେ କ୍ଳେଶ ଭୋଗ କରୁଅଛନ୍ତି ତାହା ଓଡିଶାବାସିଏ ସହଜରେ ଅନୁଭବ କରି ପାରିବେ । ଏଥର ତୁର୍କ ଯୁଦ୍ଧରେ କେତେ ଅତ୍ୟାଚାର ହୋଇଗଲା ଏବଂ ଅବଧି ଇଉରୋପ ଓ ଆସିଆରେ ମହାଯୁଦ୍ଧର ଶଙ୍କା ରହିଅଛି । ବାସ୍ତବରେ ବିବେଚନା କଲେ ଏବର୍ଷଟି ଅତି ଦୁଃଖ ହୋଇଗଲା ଓ ଯଦ୍ୟପି କି ଆମ୍ଭେମାନେ ବଳାତ୍କାର କରି ଉତ୍ସବରେ ମାତିଅଛୁଁ ତହିଁପାଇଁ ଏବର୍ଷ ସୁଖରେ ଗଲା ବୋଲି କୌଣସି ରୂପେ କହି ନ ପାରୁଁ ।

---

ଇଣ୍ଡିୟାନ ଡେଇଲିନ୍ୟୁସ ଅବଗତ ହୋଇଅଛନ୍ତି ଯେ ଉତ୍ତର ପଶ୍ଚିମ ସୀମାର ଅବସ୍ଥା ଭଲ ନୁହଇ । ସେଠାରେ କୌଣସି ପ୍ରକାର ଗୋଲମାଲ ଉପସ୍ଥିତ ହୋଇଅଛି ଯେ ତହିଁପାଇଁ ସୈନ୍ୟାଧ୍ୟକ୍ଷଙ୍କୁ ସାବଧାନ ପୂର୍ବକ କର୍ମ କରିବାର ଆବଶ୍ୟକ ହେଉଅଛି । ଶୁଣାଯାଏ ଯେ ସେ ଦିଲ୍ଲୀ ଦରବାରକୁ ଆସିବେ ନାହିଁ ଓ ସେ ଅଞ୍ଚଳରୁ ଯେସମସ୍ତ ସୈନ୍ୟ ଦିଲ୍ଲୀକୁ ଆସିବା ସକାଶେ ଆଜ୍ଞା ପାଇଥିଲେ ସେମାନେ ଆଉ ସେସ୍ଥାନରୁ ବାହାରିବେ ନାହିଁ । କଥିତ ହୁଅଇ ଯେ ଅସମୟରେ ଭାରତବର୍ଷୀୟ ସଭା ଏଥିର ବିଚାର ନିମିତ୍ତ ବସୁଅଛି ଏବଂ ସମସ୍ତ ବିବେଚନାରେ ଭଲଗତି ଦେଖାଯାଉ ନାହିଁ ।

---

ମାନ୍ଦ୍ରାଜର ଦୁର୍ଭିକ୍ଷର ସମ୍ବାଦ ଏହିକି ଏକା ବେଲାରି ଜିଲ୍ଲାରେ ସାହାଯ୍ୟ ନିମିତ୍ତ ପ୍ରତି ସପ୍ତାହରେ ଦୁଇଲକ୍ଷ ଟଙ୍କା ବ୍ୟୟ ହେଉଅଛି ସେଠାରେ ଦୁଇଲକ୍ଷ ଲୋକ ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟରେ ଏକା ବଞ୍ଚିଅଛନ୍ତି । କର୍ଣ୍ଣୁଲର ଅବସ୍ଥା ମଧ୍ୟ ଏହିପରି ଅଟଇ ଏଠାରେ ତେଇଲକ୍ଷ ଲୋକ ଦୁର୍ଭିକ୍ଷ କର୍ମରେ ମୂଲ ଲାଗିଅଛନ୍ତି । କଡାପାରେ ଏହିପରି ଲୋକଙ୍କ ସଂଖ୍ୟା ୪୫୦୦୦ ଠାରୁ ୫୦୦୦୦ ପର୍ଯ୍ୟନ୍ତ ହେବ । ଉତ୍ତର ଆରକଟ, ସାଲମ ଓ ମଦୁରା ଜିଲ୍ଲାମାନଙ୍କର ଅବସ୍ଥା ଏହିପରି ଅଟଇ । ହିସାବ କରି ବୁଝାଯାଇଅଛି ଯେ ଆଗାମି ମାର୍ଚ୍ଚମାସ ପର୍ଯ୍ୟନ୍ତ ୮୮ ଲକ୍ଷ ଟଙ୍କା ସାହାଯ୍ୟ କର୍ମରେ ବ୍ୟୟ ହେବ । ସମସ୍ତେ ଅନୁମାନ କରନ୍ତି କି ସନ ୧୮୬୬ ମସିହା ଦୁର୍ଭିକ୍ଷଠାରୁ ବର୍ତ୍ତମାନର ଦୁର୍ଭିକ୍ଷ ଅଧିକ ଭୟଙ୍କର ହେବ କାରଣ ସେ ସମୟରେ ଦକ୍ଷିଣର ଧାନଖଲା ତାଞ୍ଜୋର ଜିଲ୍ଲାରେ ଦୁର୍ଭିକ୍ଷ ପଡି ନ ଥିଲା ମାତ୍ର ଏବର୍ଷ ତାହା ହୋଇଅଛି । ବମ୍ବେଇରେ ଗତ ମାସ ପର୍ଯ୍ୟନ୍ତ ୩୮ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା ଏବଂ ଏଠାରେ ମାନ୍ଦ୍ରାଜଠାରୁ ଅଧିକ ଦୁର୍ଭିକ୍ଷ ପଡିଥିବାରୁ ଏଠାର ସାହାଯ୍ୟ କର୍ମରେ ୧୧୩ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟ ହେବାର ଅନୁମାନ ହୁଅଇ ।

---

ଆଗାମୀ ମାସ ତା ୫ ରିଖ ସକାଳବେଳେ ଗୁଡିଲାଗଞ୍ଜ ପଡିଆରେ ଯେଉଁ ଘୋଡାଦୌଡ ହେବ ତହିଁର ବିଜ୍ଞାପନ ବାହାରିଅଛି । ସର୍ବସୁଦ୍ଧା ୭ ଥର ଦୌଡ ହେବ ।

୧ ମ । ଘୋଡାଦୌଡ, ଏକମାଇଲର ତିନ ଚତୁର୍ଥାଂଶ ବାଟ ପ୍ରବେଶିକା ମୁଦ୍ରା ଟ ୧୬

୨ ୟ । ଟଟୁ ଦୌଡ, ଅଧମାଇଲ „ ଟ ୫

୩ ୟ । ଛୋଟଘୋଡା ଦୌଡ, ଏକମାଇଲର ତିନଚତୁର୍ଥାଂଶ ପ୍ରବେଶିକା ମୁଦ୍ରା ଟ ୧୦

Split by PDF Splitter

Digitized by srujanika@gmail.com

୪ ର୍ଥ । ଘୋଡାଦୌଡ, ସିନ୍ଧାବାଟରେ „ ଟ ୧୬୯

୫ ମ । ଛଟୁଦୌଡ, ଅଧମାଇଲ „ ଟ ୫୯

୬ ଷ୍ଠ । ଘୋଡା ଦୌଡ ଅର୍ଥାତ ଯେଉଁ ଘୋଡାମାନେ ସେ ଦିନ ଦୌଡିଥିବେ ଅଥଚ କୌଣସି ବାଜିରେ ପ୍ରଥମ କି ଦ୍ୱିତୀୟ ହୋଇ ନ ଥିବେ କେବଳ ସେହିମାନଙ୍କର ଦୌଡ ହେବ, ଅଧମାଇଲ ବାଟ ପ୍ରବେଶିକା ମୁଦ୍ରା ଟ ୫୯

୭ ମ । ଛଟୁ ଦୌଡ, ଏ ସବୁ ଛଟୁ କେବଳ ଦେଶୀୟଲୋକଙ୍କ ସମ୍ପତ୍ତି ହୋଇଥିବ ଓ ତହିଁରେ ଦେଶୀୟ ଲୋକ ସବାର ହୋଇଥିବେ, ଏକମାଇଲର ଏକଚତୁର୍ଥାଂଶ ପ୍ରବେଶିକା ମୁଦ୍ରା ଟ ୩୯

ଘୋଡା ଦୌଡର କାର୍ଯ୍ୟ ନିର୍ବାହନିମିତ୍ତ ତଳଲିଖିତ କର୍ମଚାରୀ ନିଯୁକ୍ତ ହୋଇଅଛନ୍ତି । ଯଥା;—

ବିଚାରକର୍ତ୍ତା—ଶ୍ରୀଯୁକ୍ତ ମାକ୍‌ଫର୍ସନ ସାହେବ
କୋଷାଧ୍ୟକ୍ଷ— „ ଟେଏନବି „
ସେକ୍ରେଟେରି— „ ରଜର୍ସ „
କ୍ଲାର୍କ— „ ଲାଙ୍ଗଷ୍ଟାନ „

ଯେଉଁମାନେ ଦୌଡରେ ଘୋଡା ଦେବାକୁ ଅଥବା ବିଶେଷ ନିୟମ ଜାଣିବାକୁ ଚାହାନ୍ତି ସେମାନେ ଶ୍ରୀଯୁକ୍ତ ଟେଏନବି ସାହେବଙ୍କ ନିକଟରୁ ସମସ୍ତ ସନ୍ଧାନ ପାଇବେ ।

---

ଦିଲ୍ଲୀର ମହାସଭା ।

ଦିଲ୍ଲୀରୁ ତାରଡାକଯୋଗେ ସମ୍ବାଦ ଆସିଅଛି ଯେ ଗତ ଶନିବାର ଅପରାହ୍ଣ ଘ ୪ୟ ଘଣ୍ଟା ସମୟରେ ମହାମାନ୍ୟ ରାଜପ୍ରତିନିଧି ଓ ଗବର୍ଣ୍ଣର ଜେନରଲ ଲର୍ଡ ଲିଟନ ସାହେବ ଦିଲ୍ଲୀନଗରରେ ପ୍ରବେଶ ହେଲେ । ରେଲବେ ଷ୍ଟେସନଠାରୁ ଆପଣା ରାଉଟୀକୁ ବିଜେକମାନ ହେବା କାଳରେ ଭାରି ସମାରୋହ ହୋଇଥିଲା । ଦିଲ୍ଲୀକୁ ଆସିଥିବା ସମସ୍ତ ଉଚ୍ଚକର୍ମଚାରୀ ଓ ରାଜା ଓ ସରଦାରମାନେ ଷ୍ଟେସନଠାରେ ତାହାଙ୍କୁ ସମ୍ମାନ କରି ଆଣିବାପାଇଁ ଉପସ୍ଥିତ ଥିଲେ । ରାଜପ୍ରତିନିଧି ସାହେବ ସମସ୍ତଙ୍କ ସହିତ ସାକ୍ଷାତ କରି ଆନନ୍ଦସୂଚକ ବାକ୍ୟ ଦୁଇ ଚାରିଟା କହି ହସ୍ତୀ ଉପରେ ବିଜେକଲେ ତହୁଁ ସମସ୍ତ ଉଚ୍ଚକର୍ମଚାରୀ ଓ ରାଜା ସରଦାରମାନେ ହସ୍ତୀଉପରେ ବସି ତାହାଙ୍କ ସମଭିବ୍ୟାହାରୀ ହେଲେ ଏକହଜାରରୁ ଅଧିକ ହାତୀ ଏହିରୂପେ ଏକତ୍ରରେ ଚାଲିଲେ ଷ୍ଟେସନଠାରୁ ଡେରା ପର୍ଯ୍ୟନ୍ତ ୩ ମାଇଲ ବାଟ ଏଥିର ଦୁଇ ପାଖରେ ପଲଟନ ସିପାହି ଓ ପୁଲିସ ଧାଡି ହୋଇ ଛିଡା ହୋଇଥିଲେ ଓ ଦୁଇ ପଲଟନ ପଦାତିକ ଏବଂ ଗୋଲନ୍ଦାଜ ତୋପ ସହିତ ସମ୍ମୁଖରେ ଚାଲୁଥିଲେ ବାଟ ଦୁଇ ପାଖରେ ଯାତ୍ରିଙ୍କର ସଂଖ୍ୟା ନ ଥିଲା ଓ କୋଠାଉପରେ ବିବିଧବର୍ଣ୍ଣର ବସ୍ତ୍ରମାନ ପିନ୍ଧି ଯେଉଁମାନେ ବସି ଦେଖୁଥିଲେ ସେମାନଙ୍କଦ୍ୱାରା ସମାରୋହର ଶୋଭା ଆହୁରି ବର୍ଦ୍ଧିତ ହୋଇଥିଲା । ଯୁମାମସଜିଦର ଅତି ଉଚ୍ଚ ଶୃଙ୍ଗରେ ପୁଣ୍ଡା ଏତେ ଲୋକ ବସିଥିଲେ ଯେ ଟିକିଏ ସ୍ଥାନ ଖାଲି ନ ଥିଲା ଓ ଲୋକେ ସେରୂପ ବସିବାରୁ ମସଜିଦର ଅସାଧାରଣ ଶୋଭା ହୋଇଥିଲା । ଷ୍ଟେସନଠାରୁ ରାଉଟିକୁ ଯିବାବାଟରେ ଖଣ୍ଡିଏ ଉଚ୍ଚଭୂମି ପଡଇ ଯେତେବେଳେ ତାହା ଉପରଦେଇ ହସ୍ତୀମାନେ ଗଲେ ସେତେବେଳେ ଏ ସମାରୋହର ଶୋଭା ଅତ୍ୟନ୍ତ ଅଧିକ ହୋଇଥିଲା ଓ ତାହା ଦେଖି ଦର୍ଶକମାନେ ଉଚ୍ଚୈଃସ୍ୱରରେ ଆନନ୍ଦଧ୍ୱନି କରିଥିଲେ । ସନ୍ଧ୍ୟା ସମୟରେ ରାଜପ୍ରତିନିଧି ଅପଣା ଡେରାରେ ପ୍ରବେଶ ହେଲେ ଓ ନିୟମିତ ସଲାମୀ ତୋପର ଧ୍ୱନି ହୋଇ ଏ ଦିନର କାର୍ଯ୍ୟ ଶେଷ ହେଲା ।

---

ଦରବାର ଉପଲକ୍ଷରେ ଯେତେ ଲୋକ ସମ୍ପ୍ରତି ଏନଗରକୁ ଆସିଅଛନ୍ତି ଏମନ୍ତ କୌଣସି ସମୟରେ ପୂର୍ବେ ଦେଖାଯାଇ ନ ଥିଲା । ଓଡିଶା ବିଭାଗର ଗୁଡିଆଡୁ ରାଜା ଜମିଦାର ଗବର୍ଣ୍ଣମେଣ୍ଟ କର୍ମଚାରୀ ଓ ଅପର ଭଦ୍ରଲୋକମାନେ ଆସି ଏକତ୍ରିତ ହୋଇଅଛନ୍ତି ଓ ଏରୂପ ହେବାରେ ଏନଗରଟି ଅପୂର୍ବଶୋଭା ଧାରଣ କରି ଅଛି । ଉତ୍ସବର ଉପକରଣମାନ ପ୍ରାୟ ସମସ୍ତ ପ୍ରସ୍ତୁତ ହେଲାଣି ଦାଣ୍ଡକୁ ବାହାରିଲେ ତହିଁର ପରିଚୟ ମିଳୁଅଛି ତହିଁର ବର୍ଣ୍ଣନା ଆବଶ୍ୟକ ହେଉ ନାହିଁ । ଅଧିକ ଜନତାପ୍ରଯୁକ୍ତ ନିତ୍ୟ ବ୍ୟବହାରୀୟ ଦ୍ରବ୍ୟାଦିର ମୂଲ୍ୟ ବିଶେଷ ବଢିଅଛି ଓ ତହିଁରେ କଣିଶିୟା ସାମାନ୍ୟବସ୍ଥାର ଲୋକଙ୍କୁ ବଡ ବାଧିବାର କଥା ଥିଲା ମାତ୍ର ଉତ୍ସବର ଦ୍ରବ୍ୟସବୁ ପ୍ରସ୍ତୁତ କରିବାରେ ଅନେକ ପ୍ରକାର ମୂଲ ମଜୁରି ମିଳୁଥିବାରୁ ଓ ବିକ୍ରୟ ବିଟା ଅଧିକ ହେଉଥିବାରୁ ଅନେକ ଲୋକଙ୍କର ରୋଜଗାର ହେଉଅଛି ସୁତରାଂ ବିଶେଷକଷ୍ଟ ହେବାର ଅନୁମାନ ହେଉ ନାହିଁ । ବଡଲୋକମାନଙ୍କର କଥା ଅବା କି କହିବା ସେମାନେ ଆପଣା୨ ସାଧ୍ୟାନୁସାରେ ଧନବ୍ୟୟ କରି ଉତ୍ସବରେ ମାତି ଅଛନ୍ତି ଓ ବିରୂପେ ଆମୋଦ ପ୍ରମୋଦ କରିବେ କେବଳ ସେହି ବ୍ୟାପାରରେ ବ୍ୟସ୍ତ ଅଛନ୍ତି । ଫଳତଃ ଯେତେଲୋକ ଗ୍ରାମଦିଗରୁ ଆସି ଏ ନଗରରେ ବର୍ତ୍ତମାନ ଏକତ୍ରିତ ହୋଇଅଛନ୍ତି ଏମନ୍ତ କେବେହେଁ ଦେଖା ନ ଥିଲା ଓ ଏରୂପ ସର୍ବଦା ଘଟିବା ମଧ୍ୟ ସହଜ ନୁହଇ । ଏସମୟରେ ଆମ୍ଭେମାନେ ଆଶା କରୁଁ ଯେ ରାଜା ଜମିଦାର ଓ ଭଦ୍ରଲୋକମାନେ ଯେତେଦିନ ଏଠାରେ ରହିବେ ପ୍ରତିଦିନ ଏକ୨ ସ୍ଥାନରେ ଏକତ୍ରରେ ବସି ସଦ୍ଭାବ ବୃଦ୍ଧି କରନ୍ତୁ । ସାମାଜିକ ଐକ୍ୟତା ସ୍ଥାପନ କରିବାର ଉପଯୁକ୍ତ କାଳ ଉପସ୍ଥିତ ହୋଇଅଛି ଓ ଏକାଳ ଯେମନ୍ତେ ନଷ୍ଟ ନ ହୁଅଇ ଏଥିପାଇଁ ଆମ୍ଭେମାନେ ସମସ୍ତଙ୍କୁ ସତର୍କ କରୁଅଛୁଁ । ଦରବାର ମଜଲିସ ଇତ୍ୟାଦି ଯେତେ୨ କାଣ୍ଡ ହେବ ତହିଁରେ ପରସ୍ପରସହିତ ଦେଖା ଶୁଣା ହେବାର ବିଲକ୍ଷଣ ସୁଯୋଗ ହେବ କିନ୍ତୁ ଆମ୍ଭମାନଙ୍କର ମାନସ ଯେ ଏହା ଛଡା ଅନ୍ୟ ସମୟରେ ଏକ୨ ଶ୍ରେଣୀର ଭଦ୍ରଲୋକ ଆପଣା୨ ଅବସରକ୍ରମେ ଏକତ୍ରରେ ବସି ଦୁଃଖ ସୁଖ ଗୁହାରିହି ହେଉନ୍ତୁ ଓ ଆମୋଦ ପ୍ରମୋଦ କରନ୍ତୁ ଯେମନ୍ତ କି ଘରକୁ ଫେରି ଗଲାବେଳେ ସେସମସ୍ତ ସଦ୍ଭାବର ପ୍ରସଙ୍ଗ ମନେ ରହିବ ।

---

ଏଥିପୂର୍ବେ ଆମ୍ଭେମାନେ ଶ୍ରୀମତୀ ମହାରାଣୀଙ୍କ ଉପାଧି ଗ୍ରହଣ ଉପଲକ୍ଷରେ ଯେଉଁଦିନ ଯେ ଉତ୍ସବ ହେବ ତାହା ସଂକ୍ଷେପରୂପେ ଲେଖିଥିଲୁଁ ବର୍ତ୍ତମାନ୍ ଉକ୍ତ ନିୟମିତ ଦିନ ସବୁର କେତେକାଂଶ ପରିବର୍ତ୍ତିତ ହୋଇ ଯାହା ଧାର୍ଯ୍ୟ ହୋଇଅଛି ତାହା ଶ୍ରୀଯୁକ୍ତ କମିଶ୍ନରସାହେବଙ୍କ ଆଜ୍ଞାକ୍ରମେ ଶ୍ରୀଯୁକ୍ତ କଲେକ୍ଟରସାହେବ ଇଂରାଜୀରେ ମୁଦ୍ରିତ କରାଇ ଜଣାଇ ଅଛନ୍ତି ଆମ୍ଭେମାନେ ପାଠକଙ୍କ ବୋଧସୌକର୍ଯ୍ୟାର୍ଥେ ତହିଁର ଅନୁବାଦ ଏଠାରେ ପ୍ରକାଶ କଲୁଁ ଯଥା; ।—

ଜାନୁଏରୀ ତା ୧ ରିଖ ସୋମବାର ।— ବାରବାଟି କିଲ୍ଲା ସମ୍ମୁଖରେ ବେଳ ଠିକ ଘ ୧୨ ଘଣ୍ଟା ବେଳେ ଦରବାର ହେବ । ଏ ଦରବାରରେ ଯେ ସମସ୍ତ କାର୍ଯ୍ୟ ହେବ ତହିଁର ପୃଥକ୍ ବିଜ୍ଞାପନୀ ବାହାରିଅଛି ।

ଜାନୁଏରୀ ତା ୨ ରିଖ ମଙ୍ଗଳବାର ।—ସନ୍ଧ୍ୟା ଘ ୭ ଘଣ୍ଟା ବେଳେ ସମସ୍ତ ନଗରରେ ରୋଷ-

Split by PDF Splitter
Digitized by srujanika@gmail.com

ନାଇ ହେବ ଓ ଘ ୨ ଟା ସମୟରେ କାଠଯୋଡ଼ି ନଦୀ ବାଲିରେ ବାଣ ପୋଡ଼ାଯିବ । ଦରବାରକୁ ଆମନ୍ତ୍ରଣ ହୋଇଥିବା ଇଉରୋପୀୟ ଭଦ୍ରଲୋକ ଓ ମେମସାହେବମାନେ ରାଜା ଓ ଜମିଦାର ଓ ଦେଶୀୟ ଭଦ୍ରଲୋକମାନଙ୍କୁ ଲାଲବାଗ କୋଠି ଓ ତହିଁ ମଧ୍ୟରୁ ଆତସବାଜୀ ଦେଖିବାକାରଣ କମିଶନରସାହେବ ଆନନ୍ଦ ସହିତ ଆଦର କରିବେ । ଯେଉଁମାନେ ଦରବାର ଦେଖିବାକୁ ଅନୁମତିପତ୍ର ପାଇଥିବେ ସେମାନେ ଭାରପ୍ରାପ୍ତ ଇନସ୍ପେକ୍ଟରଙ୍କୁ ଟିକଟ ଦେଖାଇ କଲେକ୍ଟରୀ କଚେରୀ ବାରଣ୍ଡାରେ ବସି ଦେଖିବେ । କଚେରୀ ହତା ପଥରେ ସର୍ବସାଧାରଣଙ୍କୁ ଦେଖିବା ସକାଶେ ଅନୁମତି ଦିଆଯିବ ।

ଜାନୁଏରୀ ତା ୩ ରିଖ ବୁଧବାର ।—କୁସ୍ତି ଦୌଡ଼ିବା ଲୁଦିବା ଇତ୍ୟାଦି । ଏ ସବୁ ବହୁତ ସ୍କୁଲର ପିଲାମାନେ ଏବଂ ପଲଟନର ସିପାହିମାନେ ଦିବା ଦୁଇପହର ଅର୍ଥାତ ଘ ୧୨ ଟା ସମୟରେ ବକ୍ସି ନକଟ ପଡ଼ିଆରେ କରିବେ । ଯେଉଁମାନେ ଦରବାର ଟିକଟ ପାଇଅଛନ୍ତି ସେମାନେ ଦରବାର ଗୃହରେ ବସି ଦେଖିପାରିବେ ଏ କ୍ରୀଡ଼ାମାନ ଘ ୧୨ ଟାଠାରୁ ସନ୍ଧ୍ୟା ଘ ୬ ଟା ପର୍ଯ୍ୟନ୍ତ ହେବ ।

ଜାନୁଏରୀ ତା ୪ ରିଖ ଗୁରୁବାର ।—ଦିବା ଘ ୧୨ ଟା ସମୟରେ ଶ୍ରୀଯୁକ୍ତ କମିଶନରସାହେବ ଲାଲବାଗ କୋଠିଠାରେ ଇଉରୋପୀୟ ଭଦ୍ରଲୋକଙ୍କ ସହିତ ସାକ୍ଷାତ କରିବେ ।

ଜାନୁଏରୀ ତା ୫ ରିଖ ଶୁକ୍ରବାର ।—ସକାଳ ଘ ୭ ଟା ବେଳେ ଚାଉଳିଆଗଞ୍ଜ ଘୋଡ଼ଦୌଡ଼ ପଡ଼ିଆରେ ଘୋଡ଼ା ଦୌଡ଼ ହେବ ।

ବେଳ ଘ ୧୨ ଟା ସମୟରେ ଲାଲବାଗ କୋଠିଠାରେ ଶ୍ରୀଯୁକ୍ତ କମିଶନରସାହେବ ଦେଶୀୟଭଦ୍ରଲୋକଙ୍କ ସହିତ ସାକ୍ଷାତ କରିବେ ।

ରାତ୍ରି ଘ ୯ ଟା ସମୟରେ ଦରବାର ଗୃହଠାରେ ଦେଶୀୟ ଭଦ୍ରଲୋକମାନେ ନାଚ ଗୀତର ମଜଲସ ଦେବେ ।

ଜାନୁଏରୀ ତା ୭ ରିଖ ରବିବାର ।—ଦିବା ଦୁଇପ୍ରହର ଘ ୨ ଟା ସମୟରେ ଦରିଦ୍ରମାନଙ୍କୁ ଭୋଜନ ଓ ବସ୍ତ୍ର ଦିଆଯିବ ।

ଉପରଲିଖିତ ବନ୍ଦୋବସ୍ତରେ ଦୁଇଟି ଅସୁବିଧା ଆମ୍ଭେମାନେ ଦେଖୁଅଛୁଁ ପ୍ରଥମ ଏହି ଯେ ରୋଷନାଇ ଓ ବାଣ ପୋଡ଼ିବା ଏକଘଣ୍ଟା ଅନ୍ତରରେ ଆରମ୍ଭ ହେବାର ଥିବାରୁ ରୋଷନାଇ ଭଲକରି ଲୋକେ ଦେଖି ପାରିବେ ନାହିଁ କେବଳ ରୋଷନାଇ ଦେଖିବାକାରଣ ନିତାନ୍ତ ପକ୍ଷରେ ଦୁଇଘଣ୍ଟା ପ୍ରୟୋଜନ କାରଣ ସମସ୍ତ ସରକାରୀ କଚେରୀମାନ ପ୍ରଧାନ ସଡ଼କମାନ ହେବା ଠିକାରୁ ରୋଷନାଇ ହେବ ଏବଂ ସମସ୍ତ ଲୋକ ଆପଣା୨ ଦାଣ୍ଡଦ୍ୱାରରେ ରୋଷନାଇ କରିବେ ବୋଲି ମିଉନିସିପାଲ କମିଟି ଧେଣ୍ଡୁରା ଦେଇଅଛନ୍ତି ।

ଦ୍ୱିତୀୟ ଅସୁବିଧା ତା ୫ ରିଖର କାର୍ଯ୍ୟ । ପ୍ରଥମେ ଘୋଡ଼ାଦୌଡ଼ ତା ୪ ରିଖରେ ହେବାର କଥା ଥିଲା ତାହା ତା ୫ ରିଖ ସକାଳକୁ ଘୁଞ୍ଚି ଆସିବାରେ ଦେଶୀୟ ଲୋକଙ୍କୁ ବଡ଼ ହରବର ହେବାକୁ ହେବ କାରଣ ସକାଳୁ ଠାରୁ ଦୁଇପ୍ରହର ପର୍ଯ୍ୟନ୍ତ ତାହାଙ୍କର ଅବକାଶ ଥିବ ନାହିଁ କେବଳ ଇଂରାଜମାନଙ୍କ ସୁବିଧା ସକାଶେ ସମସ୍ତ ବନ୍ଦୋବସ୍ତ ହୋଇ ଥିବାର ଜଣାଯାଏ ।

---

ଯେରୂପ ନିୟମରେ ଦରବାର କ୍ରିୟା ନିର୍ବାହ ହେବ ତହିଁର ବିଜ୍ଞାପନ ଖଣ୍ଡିଏ ପ୍ରକାଶ ହୋଇଅଛି କମିଶନରସାହେବଙ୍କ ଇଚ୍ଛାମତେ ତାହା ତଳେ ପ୍ରକାଶିତ ହେଲା ।

## ଦରବାରର ଶୃଙ୍ଖଳା ।

"ଅତୀବକରୁଣାମୟୀ ଶ୍ରୀଲ ଶ୍ରୀଶ୍ରୀମତୀ ମହାରାଣୀ କୁଇନଭିକ୍ଟୋରିୟା ଭାରତବର୍ଷର ଅଧୀଶ୍ୱରୀ ଉପାଧି ଧାରଣର କିମ୍ବା ସମ୍ମତିରୂପେ ପ୍ରଚାର କରଣୋପଲକ୍ଷେ ଯେଉଁ ଦରବାର ସନ ୧୮୭୭ ମସିହା ଜାନୁଏରୀ ମାସ ତା ୧ ରିଖରେ ହେବ ତହିଁରେ ନିମ୍ନଲିଖିତ ଶୃଙ୍ଖଳା ଅନୁସାରେ କାର୍ଯ୍ୟ ହେବ ।

୧ ।— କଟକନଗରର ବାରବାଟୀକିଲ୍ଲା ସାମନା ପଡ଼ିଆରେ ନିର୍ମାଣ ହୋଇଥିବା ଗୃହରେ ଦରବାର ହେବ ।

୨ ।—ଦରବାର ଆମନ୍ତ୍ରିତ ସମସ୍ତ ଇଉରୋପୀୟ ସାହେବ ଓ ଦେଶୀୟ ରାଜା ଓ ଜମିଦାର ପ୍ରଭୃତି ଭଦ୍ରଲୋକମାନେ ଦରବାରର କାର୍ଯ୍ୟ ଆରମ୍ଭ ହେବାର ଏକପାଘଣ୍ଟା ପୂର୍ବରୁ ଅର୍ଥାତ ଦିବା ବାରଘଣ୍ଟା ବାଜିବାକୁ ଏକପାଘଣ୍ଟା ବାକି ଥାଉଁ ସ୍ୱ ସ୍ୱ ସ୍ଥାନରେ ଉପସ୍ଥିତ ହେବେ ।

୩ ।—କଟକର ସୈନ୍ୟାଧ୍ୟକ୍ଷ ଶ୍ରୀଯୁତ କର୍ଣ୍ଣେଲ ଟକଲ୍ସ ସାହେବ ମିଲିଟେରୀ ଇଲାକାରୁ ଯେପ୍ରକାର ଆଜ୍ଞା ପ୍ରାପ୍ତ ହୋଇଥିବେ ତଦନୁଯାୟୀ ସେ ସୈନ୍ୟମାନଙ୍କୁ ଉଚିତମତେ ଉପସ୍ଥିତ ରଖି ରାଜକୀୟ ମର୍ଯ୍ୟାଦାର ପ୍ରହରୀ ପ୍ରସ୍ତୁତ କରିବେ ।

୪ ।—ଶ୍ରୀଯୁକ୍ତ କମିଶନର ସାହେବ ଶ୍ରୀଲ ଶ୍ରୀଶ୍ରୀମତୀ ମହାରାଣୀଙ୍କ ଘୋଷଣାପତ୍ର ଧାରଣ ପୂର୍ବକ ମଧ୍ୟାହ୍ନକାଳରେ ଅର୍ଥାତ ଠିକ ଦିବା ଦୁଇପ୍ରହର ସମୟରେ ଉପସ୍ଥିତ ହେବେ ।

୫ ।—ତଦନ୍ତର କର୍ମଚାରୀ ଅର୍ଥାତ ଇଉରୋପୀୟ କେତେକ ପ୍ରଧାନ ହାକିମ ପ୍ରଶଂସିତ କମିଶନର ସାହେବଙ୍କ ବରାବରମାନ ହେବା ସମୟରେ ବିଧିମତ ଆହ୍ୱାନପୂର୍ବକ ସାହେବ ପ୍ରଶଂସିତଙ୍କୁ ଦରବାରର ଗାଦିରେ ପ୍ରବେଶ କରାଇବେ ।

୬ ।—ତହିଁଉତ୍ତାରୁ କମିଶନର ସାହେବ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଘୋଷଣାପତ୍ର ଇଂରାଜୀ ଭାଷାରେ ପାଠ କରିବେ ଓ ସେ ଘୋଷଣାପତ୍ର ପାଠ ହେବା ସମୟେ ଦରବାରରେ ଉପସ୍ଥିତ ଥିବା ସମସ୍ତ ଲୋକଙ୍କୁ ଦଣ୍ଡାୟମାନ ହେବାକୁ ହେବ ।

୭ ।—ତଦୁତ୍ତରେ କମିଶନର ସାହେବ ପ୍ରଧାନ ହାକିମଙ୍କ ବେଷ୍ଟିତରେ ଦରବାରର ମଧ୍ୟସ୍ଥାନକୁ ଆଗମନ କରିବେ । ସେସ୍ଥାନରେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ଘୋଷଣାପତ୍ର ଉତ୍କଳଭାଷାରେ ଜଣେ ଦେଶୀୟ କର୍ମଚାରୀଙ୍କଦ୍ୱାରା ପାଠ କରାଯିବ ।

୮ ।—ତତ୍ପରେ କମିଶନର ସାହେବ ଓ ସାହେବ ମହୋଦୟଙ୍କ ସଙ୍ଗେ ବେଷ୍ଟିତ ଥିବା ପ୍ରଧାନ ହାକିମମାନେ ଦରବାର ଗୃହ ସମ୍ମୁଖକୁ ଗମନ କରିବେ ଓ ସେଠାରେ ଉକ୍ତ ଘୋଷଣାପତ୍ର ଜଣେ ଦେଶୀୟକର୍ମଚାରୀ ହିନ୍ଦୁସ୍ଥାନୀ ଭାଷାରେ ଏକତ୍ରିତ ଥିବା ସୈନ୍ୟମାନଙ୍କ ସମ୍ମୁଖରେ ପାଠ କରିବେ ।

୯ ।—ସୈନ୍ୟାଧ୍ୟକ୍ଷଙ୍କଠାରୁ ସୈନ୍ୟମାନେ ସଙ୍କେତ ପ୍ରାପ୍ତ ମାତ୍ରେ ଆନନ୍ଦସୂଚକ ଧ୍ୱନିପୂର୍ବକ ବନ୍ଧୁକ ଫାଏର କରିବେ ଓ ତଦବାଦ ଶ୍ରୀ ଶ୍ରୀମତୀ ମହାରାଣୀଙ୍କ ମର୍ଯ୍ୟାଦାନୁଯାୟୀ ସଲାମୀ ଦେବେ ଓ ଶ୍ରୀ ଶ୍ରୀମତୀ ମହାରାଣୀ ଭାରତବର୍ଷର ଅଧୀଶ୍ୱରୀ ଉପାଧି ଧାରଣ କରିବା ଉପଲକ୍ଷେ ତିନଥର ଆନନ୍ଦଧ୍ୱନି କରିବେ ।

୧୦ ।—କମିଶନର ସାହେବ ତତ୍ପର ଗାଦି ଉପରକୁ ପୁନରାଗମନ କରିବେ । ପ୍ରବଳପ୍ରତାପ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କଠାରୁ ପ୍ରାପ୍ତ ହୋଇଥିବା ଉପଦେଶାନୁସାର ଇଂରାଜୀ ବକ୍ତୃତା ପ୍ରକାଶ କରିବେ ଓ ତହିଁର ଅନୁବାଦ ଉତ୍କଳଭାଷାରେ ଜଣେ ଦେଶୀୟ କର୍ମଚାରୀଙ୍କଦ୍ୱାରା ପାଠ କରାଯିବ ।

୧୧ ।—ବକ୍ତୃତା ପାଠ ଶେଷ ହେଲା ଉତ୍ତାରେ ଦେଶୀୟ ଯେଉଁ ରାଜାପ୍ରଭୃତି ଭଦ୍ରଲୋକମାନଙ୍କୁ ସମ୍ମାନାର୍ଥେ ଓ ଉତ୍ତମକର୍ମ କରିଥିବା ହେତୁଁ ମନୋନୀତ କରାଯାଇଥିବ ସେମାନଙ୍କ ଜଲ୍ଓ୍ୟାର୍ ତର କଲାର୍ ମେଜଷ୍ଟାର ଓ କଲେକ୍ଟର ସାହେବମାନେ ପୃଥକ୍ ୨ ରୂପେ ତାହା ନିକଟକୁ ଆଣିତ କରବେ ତହୁଁ ବ୍ରିଟୀୟ ଗବର୍ଣ୍ଣମେଣ୍ଟଙ୍କ ଇଚ୍ଛାନୁଯାୟୀ ସେମାନଙ୍କର ଯେ ମର୍ଯ୍ୟାଦାମାନ ପ୍ରଦତ୍ତ ହୋଇଥିବ ତାହା ସେମାନେ କମିଶ୍ନର ସାହେବଙ୍କ ଠାରୁ ପ୍ରାପ୍ତ ହେବେ ।

୧୨ ।—ଉପସ୍ଥିତ ଥିବା ଦେଶୀୟ ସମସ୍ତ ଭଦ୍ରଲୋକମାନଙ୍କୁ ପାନ ଓ ଅତର ବଣ୍ଟନ ହେଲା ଉତ୍ତାରେ ଦରବାର ସମାପ୍ତ ହେବ ।”

ଦସ୍ତଖତ ।

ଶ୍ରୀ ଟୀ, ଇ, ରେବନସା ସାହେବ

କମିଶ୍ନର ।

ଦରବାରକୁ ଯିବା ଆସିବା ବିଷୟରେ ଏହି ବନ୍ଦୋବସ୍ତ ହୋଇଅଛି ଯେ ସମସ୍ତ ଗାଡ଼ି ଓ ପାଲିକି ଦକ୍ଷିଣ ନିକଟ ଫାଟକ ବାଟେ ଦରବାର ଘରଠାକୁ ପ୍ରବେଶ କରିବ । ଇଂରାଜମାନଙ୍କର ଗାଡ଼ି ରାଜଘାଟଠାରେ ରହିବ ଓ ଦେଶୀୟଲୋକଙ୍କର ଗାଡ଼ି ପାଲିକି ଗିର୍ଜା ନିକଟ ଫାଟକ ଦେଇ ବାହାର ଆସି ପଡ଼ିଆରେ ଇଂରାଜୀବାଜା ବାଜିବା ଘର ନିକଟରେ କତାରବନ୍ଦି ରହିବ ।

ସଭା ଭାଙ୍ଗିବା ସମୟରେ ପଡ଼ିଆର ଖାଲିଗାଡ଼ି ଓ ପାଲିକି ସବୁ କଣ୍ଠାପାଖ ଫାଟକରେ ପ୍ରବେଶ କରି ଗିର୍ଜା ପାଖ ଫାଟକ ଦେଇ ବାହାର ଯିବ । କୌଣସି ଗାଡ଼ି ବା ପାଲିକି ଆରୋହୀର ଅପେକ୍ଷାରେ ଛିଡ଼ା ହୋଇ ରହିପାରିବ ନାହିଁ । ଯେବେ ଗାଡ଼ି ଆସିବା ମାତ୍ରକେ ଆରୋହୀ ନ ଚଢ଼ିଲେ ତେବେ ପୁଲିସ ତାହାକୁ ବାହାର କରି ଦେବ ଓ ସେ ଗାଡ଼ି ପୁନର୍ବାର ବୁଲି ଆସିବା ପର୍ଯ୍ୟନ୍ତ ଆରୋହୀ ଠିଆଁ ହୋଇଥିବେ ।

ଯେଉଁ ମହାଶୟମାନେ ଦରବାରକୁ ଆମନ୍ତ୍ରିତ ହୋଇଅଛନ୍ତି ତାହାଙ୍କୁ ଏସବୁ ବିଷୟ ଉତ୍ତମରୂପେ ଜାଣିବା ଓ ଗାଡ଼ିବାନ ଓ ବେହେରାଙ୍କୁ ବୁଝାଇ ଦେବା ଉଚିତ ।

# ସାପ୍ତାହିକସଂବାଦ ।

ଶ୍ରୀଯୁକ୍ତ ହାମ୍ସ ସାହେବ କଲେକ୍ଟର ତ ୨୧ ଦିନ ଛୁଟୀ ନେଇଅଛନ୍ତି । ଆଗାମୀ ମାସ ପ୍ରଥମ ସପ୍ତାହରେ ତାହା ଗ୍ରହଣ କରି କଲିକତାକୁ ଯିବେ ।

ଶ୍ରୀଯୁକ୍ତ ଟ୍ୱେନଙ୍ଗ ସାହେବ ଏହାଙ୍କ ଅନୁପସ୍ଥିତ କାଳରେ କଟକର ଏକଟିଂ କଲେକ୍ଟର ହେବେ ।

କଟକର ଜଜ ଶ୍ରୀଯୁକ୍ତ ବ୍ରାଉନ ସାହେବ ଗୟାଜିଲାର ଏକଟିଂ ଜଜ ହୋଇଅଛନ୍ତି । ଏ ଜିଲ୍ଲାକୁ ସେ ଫେରି ଆସିବାର କଥା ନାହିଁ ।

ଆମ୍ଭେମାନେ ଶୁଣୁଅଛୁଁ ଯେ ଜଣେ ଇଂରାଜ ଏଠାରେ ନାନାବିଧ ବିଲାତି ଦ୍ରବ୍ୟର ଗୋଟିଏ ଦୋକାନ କରିବେ ଓ ବିଲାତରୁ ଦ୍ରବ୍ୟମାନ ଆଣାଇ ଦେବାର କାର୍ଯ୍ୟ ମଧ୍ୟ କରିବେ । ଆଗାମୀ ଫେବ୍ରୁଏରୀ ମାସ ସୁଦ୍ଧା ଦୋକାନ ଫିଟିବାର କଳ୍ପନା ଅଛି କିନ୍ତୁ ଏଥିମଧ୍ୟରେ ହୋଇଥିଲେ କାର୍ଯ୍ୟଟି ଉତ୍ତମରୂପେ ଆରମ୍ଭ ହୋଇଥାନ୍ତା । କାରଣ ବର୍ତ୍ତମାନ ସବୁ ଦ୍ରବ୍ୟ ବଡ଼ ଦୁର୍ମୂଲ୍ୟ ହେଉଅଛି ।

ଟାଇମସ୍ ଅବ୍ ଇଣ୍ଡିଆ ବିଶ୍ୱସ୍ତ ସ୍ଥାନରୁ ଜାଣିଅଛନ୍ତି ବମ୍ବେଇରେ ଲୁଣର ମାସୁଲ ଗତବର୍ଷାପେକ୍ଷା ଏବର୍ଷ ୧୬ ଲକ୍ଷ ଟଙ୍କା ଅଧିକା ଅଦାୟ ହୋଇଅଛି । ମୋଟ ଆମଦାନୀ ଏକକୋଟି ଟଙ୍କାରୁ ଅଧିକ ଅଟଇ ।

ଢାକାର ନବାବ ଏକଶତ ହସ୍ତୀ ଦର୍ଶନ ... ପଠାଉଅଛନ୍ତି ... ହସ୍ତୀ ସେଠାରେ ଜମା ହେବେ । ଏମାନେ ସମସ୍ତେ ଯେତେବେଳେ ସଙ୍ଗ ହୋଇ ଚାଲିବେ ସେତେବେଳେ ଦେଖିବାକୁ ବଡ଼ କୌତୁକ ହେବ ।

ଗତ ମାସ ତା ୧୩ ରିଖ ରାତ୍ରି ପାହାନ୍ତା ବେଳେ ଢାକାରେ ଭାରି ଭୂମିକମ୍ପ ହୋଇଥିଲା । ଏକ ମିନିଟରୁ ଅଧିକକ୍ଷଣ ଏହା ରହି ନାହିଁ ମାତ୍ର ଏତିକରେ ସମସ୍ତ ଲୋକଙ୍କ ନିଦ ଭାଙ୍ଗାଇ ଦେଇଥିଲା ଓ ସମସ୍ତେ ମନେ କଲେ ଯେମନ୍ତ ଅନ୍ତର ଏକ ପ୍ରଳୟ କାଳ ଉପସ୍ଥିତ ହେଲା । ଯାହା ହେଉ ଏଥିରେ କିଛି ଅନିଷ୍ଟ ଘଟି ନାହିଁ ।

କଲିକତାର କଷ୍ଟମ ହାଉସର ଜଣେ କର୍ମଚାରୀ ବାବୁ କ୍ଷେତ୍ରଚନ୍ଦ୍ର ମୁଖୁର୍ଯ୍ୟା ବଡ଼େଶାକୁ ଯିବାବେଳେ ବାଟରେ ତାଙ୍କ ଯେବରୁ ଗୋଟିଏ ରୁପାର ମୂଲ୍ୟବାନ୍ ଘଣ୍ଟା ଗଲା । ପୁଲିସହାକୁ ଏଥିର ଅନୁସନ୍ଧାନ ହେଉଅଛି । କଲିକତା ଦୁର୍ବୃତ୍ତଙ୍କର ଏସବୁ ପ୍ରଶଂସନୀୟ କାର୍ଯ୍ୟ ଅଟଇ ।

କଲିକତାକୁ ବନାରସରୁ ଜଣେ ଅତି ଡେଙ୍ଗା ମନୁଷ୍ୟ ଆସି ବାବୁ କହାଇମୋହନ ଘୋଷଙ୍କ ଘରଠାରେ ଅଛି । ଏ ଲୋକ ... ହାତ ଓ ସେ କହଇ ଯେ ତାହାର ... ହାତରୁ ଦେଢ଼ଫିଟ ଉଚ ଥିଲା ... ଡେଙ୍ଗା ମନୁଷ୍ୟ ସଚରାଚର ଦେ... ନାହିଁ ।

ସର୍ ଜନ ଷ୍ଟ୍ରାଚି ଏବଂ ମାନ୍ୟବର ... ଇଡ଼ନ ସାହେବମାନେ ଗତ ମାସ ତା ... ଖରେ ବିଲାତ ଫେରତା ବମ୍ବେଇରେ ... ଥିଲେ । ସେଠାରୁ ଦିଲ୍ଲୀ ଦରବାରକୁ ... ଥିବେ ।

ଅରକଟର ରାଜାଙ୍କୁ ଦିଲ୍ଲୀ ଯିବା ... ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଟ ୪୦,୦୦୧ ... ଇଅଛନ୍ତି । ବୋଧ ହୁଅଇ ଋଣ କରି ... ବ୍ୟୟ ନ କଲେ ଏରାଜା ଆମନ୍ତ୍ରଣ ର... ପାରନ୍ତେ ନାହିଁ ।

ଜୟପୁରର ମହାରାଜା ଦିଲ୍ଲୀରେ ... ଛଉଣିଠାରେ ଗୋଟିଏ ନୂତନ ... କରାଇଅଛନ୍ତି । ଅତଶୀଘ୍ର ତାହା ପ୍ରସ୍ତୁତ ... ବାକୁ ପଡ଼ନ୍ତାରୁ ମହାରାଜାଙ୍କର ପ୍ରତିଦିନ ... ହଜାର ଟଙ୍କା ବ୍ୟୟ ହୋଇଅଛି ।

---

ବିଜ୍ଞାପନ ।

ସନ ୧୮୭୭ । ୭୮ ସାଲର ନୂତନ ... କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ... ହୋଇ ବିକ୍ରୟନିମିତ୍ତ ପ୍ରସ୍ତୁତ ଅଛି ଦର୍ଶନ ...

ଖ ୧ ୬ ଟ ୦ ...

---

ସନ ୧୮୭୭ ମସିହା ଜାନୁଏରୀ ମାସ ତା ... ରିଖ ଶୁକ୍ରବାର ଦିନ ଦିବା ଦୁଇପ୍ରହର ସମୟେ ... କମିଶନର ସାହେବ ରାଜା ଓ ଦେଶୀୟ ଭଦ୍ର... ଲୋକଙ୍କ ସଙ୍ଗେ ଲାଲବାଗ କୋଠିରେ ସାକ୍ଷାତ୍ ... କରିବେ ଯେ କୌଣସି ଭଦ୍ରଲୋକଙ୍କର କମି... ଶନର ସାହେବଙ୍କ ସଙ୍ଗେ କୌଣସି କଥା ... ବିଶେଷ ପ୍ରସଙ୍ଗ କରିବାର କାମ୍ୟ କର୍ମ କରିବା... ଥିବ ସେ ଉକ୍ତ ଜାନୁଏରୀ ମାସ ତା ୬ ... ଶନିବାର ଦିନ ଦିବା ଅଢ଼େଇଘଣ୍ଟାଠାରୁ ଏକ... ଘଣ୍ଟା ସମୟ ମଧ୍ୟରେ ଯାଇ ସେଠାରେ ... ସଙ୍ଗେ ସାକ୍ଷାତ କରି ପାରିବେ ।

ତା ୨୬ ରିଖ ଡିସେମ୍ବର ସନ ୧୮୭୬ ମସିହା

ଶ୍ରୀ ଟୀ, ଇ, ରେବନସା ସାହେବ

କମିଶ୍ନର

---

ଶ୍ରୀ ... ଏହି ଉତ୍କଳଦୀପିକା ସମ୍ବାଦପତ୍ର ... ଗୋରାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟ... ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com